# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ମେ ୯/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, May 9/2025 | Page 14 | ₹ 7.00 | DHENKANAL

୫୧ଶ ଭାଗ ୧୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 163 | ମୂଲ୍ୟ ₹୭/-


## ୩ ପାକିସ୍ତାନୀ ଫାଇଟର ଜେଟ୍ ଖସାଇଲା ଭାରତୀୟ ସେନା

## ଜମ୍ମୁ-କଶ୍ମୀର, ପଞ୍ଜାବ, ରାଜସ୍ଥାନ ଓ ଗୁଜରାଟର ଅନେକ ସହରରେ ବାଜିଲା ଯୁଦ୍ଧ ସାଇରନ୍, କରାଗଲା ବ୍ଲାକ୍ ଆଉଟ୍

## ଅପରେଶନ ସିନ୍ଦୂର: ୧୦୦ ଆତଙ୍କବାଦୀ ମରିଥିବା ରାଜନାଥଙ୍କ ସୂଚନା

## କାନ୍ଦାହାର ବିମାନ ଅପହର୍ତ୍ତା ଅବ୍ଦୁଲ ରୌଫ୍ ନିହତ

## ଲାହୋର ଏୟାର ଡିଫେନ୍ସ ସିଷ୍ଟମ୍ ଧ୍ୱସ୍ତ ପୃଷ୍ଠା-୩

# ପାକିସ୍ତାନର ୮ ମିଶାଇଲକୁ ଖସାଇଲା ଏସ୍-୪୦୦

## ଭାରତର ଏକାଧିକ ସ୍ଥାନକୁ ଟାର୍ଗେଟ

ନୂଆଦିଲ୍ଲୀ/ଜମ୍ମୁ,୮।୫



ଏସ୍-୪୦୦ ଏୟାର ଡିଫେନ୍ସ ମିଶାଇଲ ସିଷ୍ଟମ୍

ଭାରତୀୟ ସଶସ୍ତ୍ର ବଳ ମେ ୬ ତାରିଖ ବିଳମ୍ବିତ ରାତିରେ ଅପରେଶନ 'ସିନ୍ଦୂର' ଚଳାଇ ମାତ୍ର ୨୫ ମିନିଟ୍ ଭିତରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ଦୋହଲାଇ ଦେଇଥିବାବେଳେ ଏଥିରେ ବିଚଳିତ ହୋଇପଡ଼ିଛି ଇସ୍ଲାମାବାଦ। ଫଳ ସ୍ୱରୂପ ଗୁରୁବାର ଭୋରରୁ ରାତି ଯାଏ ପାକିସ୍ତାନ ସେନା ଏକାଧିକ ଥର ଜମ୍ମୁ-କଶ୍ମୀର, ପଞ୍ଜାବ, ରାଜସ୍ଥାନ ଓ ଗୁଜରାଟର କେତେକ ସହରକୁ ଟାର୍ଗେଟ କରି ଆକ୍ରମଣ ଉଦ୍ୟମ କରିଛି। ରାତି ପ୍ରାୟ ୯ଟାବେଳେ ପାକିସ୍ତାନ ଭାରତର ଏକାଧିକସ୍ଥାନକୁ ମିଶାଇଲ ମାଡ଼ କରିଛି। କିନ୍ତୁ ଭାରତର ପ୍ରତିରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା ରୁଷିଆ ନିର୍ମିତ ଏସ୍-୪୦୦ ଏୟାର ଡିଫେନ୍ସ ମିଶାଇଲ ସିଷ୍ଟମ୍ 'ସୁଦର୍ଶନ ଚକ୍ର' ସେଗୁଡ଼ିକୁ ବିଫଳ କରିଛି। ସେହିପରି ପାକିସ୍ତାନୀ ସେନାର ଗୋଟିଏ ଏଫ୍-୧୬ ଓ ୨ଟି ଏଫ୍-୧୭ ଫାଇଟର ଜେଟ୍‌କୁ 'ସୁଦର୍ଶନ ଚକ୍ର' ଖସାଇଦେଇଛି। ଶେଷ ହସ୍ତଗତ ରିପୋର୍ଟ ଅନୁଯାୟୀ, ଜମ୍ମୁ ଏୟାରପୋର୍ଟ ସମେତ କୁପୱାରା, ଅଖ୍ନୁର, ପଞ୍ଜାବର ପଠାନକୋଟ୍, ରାଜସ୍ଥାନର ଜୈସଲମେର୍ ଆଦି ଅନେକ ସ୍ଥାନରେ ପ୍ରାୟ ୮ଟି ପାକିସ୍ତାନୀ ମିଶାଇଲକୁ ଏସ୍-୪୦୦ ଖସାଇ ଦେଇଛି। ପାକ୍ ସୀମାକୁ ଲାଗିଥିବା ରାଜ୍ୟଗୁଡ଼ିକର ବିଭିନ୍ନ ସହରରେ ବ୍ଲାକ୍ ଆଉଟ୍ କରାଯାଇ ସାଇରନ୍ ସତର୍କତା ଜାରି କରାଯାଇଛି। ଏହାପୂର୍ବରୁ ବୁଧବାର ବିଳମ୍ବିତ ରାତି ଓ ଗୁରୁବାର ଭୋର ସମୟ ମଧ୍ୟରେ ପାକିସ୍ତାନ ପଟୁ ଜମ୍ମୁ-କଶ୍ମୀର, ପଞ୍ଜାବ ଓ ଗୁଜରାଟର ୧୫ଟି ସହରକୁ ଟାର୍ଗେଟ କରି ମିଶାଇଲ ଛାଡ଼ିଥିଲା। ତେବେ ଭାରତୀୟ ବାୟୁସେନା ସତର୍କତାର ସହ ଏହାର ମୁହଁତୋଡ଼ ଜବାବ ଦେଇ ପାକିସ୍ତାନୀଙ୍କ ଦୁଃସାହସିକ ଅପଚେଷ୍ଟାକୁ ଭଣ୍ଡୁର କରିଛି। ଏସ୍-୪୦୦ ମିଶାଇଲ ସିଷ୍ଟମ୍ ବ୍ୟବହାର କରି ପାକିସ୍ତାନୀ କ୍ଷେପଣାସ୍ତ୍ରଗୁଡ଼ିକୁ ଖସାଇ ଦିଆଯାଇଛି।

(ସବିଶେଷ ଖବର ଭିତର ପୃଷ୍ଠାରେ)










# ଆତଙ୍କଙ୍କୁ ପ୍ରହାର

ଶାନ୍ତିର ପକ୍ଷଧର ଭାରତ ସବୁବେଳେ ବିଶ୍ୱଶାନ୍ତିକୁ ଗୁରୁତ୍ୱ ଦେଇଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷାରେ ଭାରତ ଯୁଦ୍ଧ ନୁହେଁ, ବୁଦ୍ଧ ଚାହେଁ। କିନ୍ତୁ ଦେଶକୁ ଶତ୍ରୁରାଷ୍ଟ୍ର ଆଡ଼ ଆଖିରେ ଦେଖିଲେ କିମ୍ବା କୌଣସି ପ୍ରକାର ଦୁଃସାହସିକ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଆଗଭର ହେଲେ, ଭାରତୀୟ ସଶସ୍ତ୍ର ବଳ ମୁହଁତୋଡ଼ ଜବାବ ଦେବା ପାଇଁ ପ୍ରସ୍ତୁତ। ପହଲଗାମ୍ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ସ୍ଥଳସେନା, ବାୟୁସେନା ଓ ନୌସେନାର ମିଳିତ ଅଭିଯାନ 'ଅପରେଶନ ସିନ୍ଦୂର' ଏହାକୁ ପ୍ରମାଣିତ କରିଛି। ମାତ୍ର ୨୫ ମିନିଟ୍‌ରେ ମିଶାଇଲ ମାଡ଼ କରି ପାକିସ୍ତାନ ଏବଂ ପିଓକେସ୍ଥିତ ଆତଙ୍କବାଦୀଙ୍କ ଅଫିସ୍ ଓ ଶିବିରଗୁଡ଼ିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି। ଏଥିରେ ଜୈଶ-ଇ-ମହମ୍ମଦ(ଜେଇଏମ୍) ମୁଖ୍ୟ ମୌଲାନା ମାସୁଦ୍ ଅଜହରଙ୍କ ପରିବାରର ୧୧ ସଦସ୍ୟ ଓ ୪ ଘନିଷ୍ଠ ସହଯୋଗୀ ନିହତ ହୋଇଛନ୍ତି। ପ୍ରାଣ ହରାଇଥିବା ଅଜହର ପରିବାର ସଦସ୍ୟଙ୍କ ମଧ୍ୟରେ ରହିଛନ୍ତି ତାଙ୍କ ସାନଭାଇ ଅବଦୁଲ ରୌଫ୍, ଯିଏକି ୧୯୯୯ କାନ୍ଦାହାରରେ ଇଣ୍ଡିଆନ୍ ଏୟାରଲାଇନ୍ସ ଆଇସି-୮୧୪ ଅପହରଣର ମାଷ୍ଟରମାଇଣ୍ଡ ଥିଲେ। ୨୦୦୧ର ପାର୍ଲାମେଣ୍ଟ ଆକ୍ରମଣ ହେଉ କି ୨୦୦୮ ମୁମ୍ବାଇ ଆକ୍ରମଣ, ୨୦୧୬ ପଠାନ୍‌କୋଟ ଏବଂ ୨୦୧୯ ପୁଲ୍‌ୱାମା ଆଟାକ୍, ସବୁଥିରେ ଅଜହର ଭ୍ରାତାଙ୍କ ସମ୍ପୃକ୍ତି ରହିଥିବା ଭାରତୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଜାଣିବାକୁ ପାଇଥିଲେ। ମୋଟାମୋଟି ଭାବେ ଅପରେଶନ ସିନ୍ଦୂର ଆତଙ୍କବାଦ ଉପରେ ଏପରି ଏକ ପ୍ରହାର ଯାହାକି ପାକିସ୍ତାନରେ ଥିବା ମୃତ୍ୟୁର ସୌଦାଗରମାନଙ୍କ ଅଣ୍ଟା ଭାଙ୍ଗିଦେଇଛି।

# ୧୦୦ ଆତଙ୍କବାଦୀ ମରିଛନ୍ତି: ରାଜନାଥ

## ସର୍ବଦଳୀୟ ବୈଠକରେ ଅବଗତ କରାଇଲେ

ନୂଆଦିଲ୍ଲୀ,୮।୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତୀୟ ସେନାର ଅପରେଶନ୍ ସିନ୍ଦୂରର ସଫଳତାକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଗୁରୁବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅପରେଶନ ସିନ୍ଦୂର ଜରିଆରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀର (ପିଓକେ)ର ୯ଟି ଆତଙ୍କବାଦୀ ଭିତ୍ତିଭୂମି ଉପରେ ସେନା କରିଥିବା କାର୍ଯ୍ୟାନୁଷ୍ଠାନରେ ଅନ୍ୟୂନ ୧୦୦ ଆତଙ୍କବାଦୀ ନିହତ ହୋଇଥିବା ପ୍ରତିରକ୍ଷା ମନ୍ତ୍ରୀ ବିଭିନ୍ନ ଦଳର ନେତାମାନଙ୍କୁ ଅବଗତ କରାଇଛନ୍ତି। ଏହି ଅପରେଶନ ଜାରି ରହିବ। ପାକିସ୍ତାନ ଯଦି ଆକ୍ରମଣ କରେ, ଭାରତ ଏହାର ଉପଯୁକ୍ତ ଜବାବ ଦେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ବୈଠକ ଶେଷରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଗଣମାଧ୍ୟମକୁ କହିଛନ୍ତି, ଏହି ପ୍ରସଙ୍ଗରେ ରାଜନୈତିକ ସହମତି ହାସଲ ପାଇଁ ସର୍ବଦଳୀୟ ବୈଠକ ଡକାଯାଇଥିଲା। ନେତାମାନେ ପରିପକ୍ୱତା ଦେଖାଇଛନ୍ତି ଏବଂ ବର୍ତ୍ତମାନ ଏକାଠି କାମ କରିବାର ସମୟ ବୋଲି କହିଥିବା ରିଜିଜୁ ସୂଚନା ଦେଇଛନ୍ତି। ସବୁ ନେତା ସରକାରଙ୍କୁ ଏବଂ ଭାରତୀୟ ସେନାକୁ ସମର୍ଥନ ଜଣାଇବା ସହ କେତେକ ପ୍ରସ୍ତାବ ଦେଇଥିଲେ। ଜାତୀୟ



ସର୍ବଦଳୀୟ ବୈଠକରେ ବାମରୁ ଜେ.ପି. ନଡ୍ଡା, ଅମିତ ଶାହା, କିରେନ ରିଜିଜୁ ଓ ରାଜନାଥ ସିଂ।

ସୁରକ୍ଷା ଏବଂ ସମସ୍ତ ଭାରତୀୟ ବିଶେଷ କରି ସୀମାନ୍ତ ଅଞ୍ଚଳର ଲୋକମାନଙ୍କ ସୁରକ୍ଷା ପ୍ରସଙ୍ଗକୁ ନେଇ ନେତାମାନେ ଚିନ୍ତାବ୍ୟକ୍ତ କରିଥିଲେ ମଧ୍ୟ ଆତଙ୍କବାଦ ବିରୋଧରେ ଏହି ଲଢ଼େଇକୁ ଦଳମତ ନିର୍ବିଶେଷରେ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଜେ.ପି. ନଡ୍ଡା, ଏସ୍. ଜୟଶଙ୍କର, ନିର୍ମଳା ସୀତାରାମନ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଏହା ବ୍ୟତୀତ ତୃଣମୂଳ କଂଗ୍ରେସର ସନ୍ଦୀପ୍ ବନ୍ଦୋପାଧ୍ୟାୟ, ଡିଏମ୍‌କେରୁ ଟି.ଆର୍. ବାଲୁ, ସମାଜବାଦୀ ପାର୍ଟିରୁ ରାମଗୋପାଳ ଯାଦବ, ଆପ୍‌ରୁ ସଞ୍ଜୟ ସିଂ, ଶିବସେନା (ୟୁବିଟି)ରୁ ସଞ୍ଜୟ ରାଉତ୍, ଏନ୍‌ସିପି (ଏସ୍‌ପି)ରୁ ସୁପ୍ରିୟା ସୁଲେ, ବିଜେଡିରୁ ସସ୍ମିତ୍ ପାତ୍ର ଏବଂ ସିପିଆଇ(ଏମ୍)ରୁ ଜନ୍ ବ୍ରିଟାସ୍ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

ରାଜନାଥ କହିଥିଲେ, ଆମେ କେବଳ ସରକାର ଗଢ଼ିବା ପାଇଁ ରାଜନୀତି କରୁନାହୁଁ, ବରଂ ରାଷ୍ଟ୍ର ଗଠନ ନିମନ୍ତେ ରାଜନୀତି କରୁଛୁ। ଅପରେଶନ ସିନ୍ଦୂର ଜାରି ରହିବାକୁ ଥିବାରୁ ସଶସ୍ତ୍ର ବଳ ଆପଣାଇଥିବା ସବିଶେଷ କୌଶଳ ପ୍ରକାଶ କରାଯାଇପାରିବ ନାହିଁ। ସେନା ଅଧିକାରୀମାନେ ଅଭିଯାନରେ ବ୍ୟସ୍ତ ରହିଥିବାରୁ ସେମାନଙ୍କୁ ସର୍ବଦଳୀୟ ବୈଠକକୁ ଡକାଯାଇ ନ ଥିବା ରାଜନାଥ କହିଛନ୍ତି।

ବୈଠକ ଶେଷରେ ରାହୁଲ ଏବଂ ଖାର୍ଗେ ଖବରଦାତାମାନଙ୍କ ସହ କଥା ହେଲାବେଳେ ସଶସ୍ତ୍ର ବଳ ଏବଂ ସରକାରଙ୍କ ପ୍ରତି ଦଳର ସମର୍ଥନକୁ ଦୋହରାଇଛନ୍ତି। ସରକାର କେତେକ ଗୁପ୍ତ ତଥ୍ୟ ବାହାରେ ପ୍ରକାଶ କରିବାକୁ ଚାହୁଁ ନ ଥିବା କହିଥିଲେ। ଆମେ ସରକାରଙ୍କୁ ସ୍ପଷ୍ଟ କରାଇଦେଉଛୁ ଯେ, ଆମେ ସମସ୍ତେ ସରକାରଙ୍କ ସହ ରହିଛୁ ବୋଲି ଖାର୍ଗେ କହିଛନ୍ତି। ସରକାର ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ପ୍ରସ୍ତାବ ଦେଇଥିଲେ, ଯାହାଦ୍ୱାରା ବାହାରକୁ ଭଲ ବାର୍ତ୍ତା ଯାଇପାରିବ ବୋଲି ସେ କହିଥିଲେ। ଅପରେଶନ ସିନ୍ଦୂର ପାଇଁ ଆମେ ସଶସ୍ତ୍ର ବଳ ଏବଂ ଭାରତ ସରକାରଙ୍କ ସହ ରହିଛୁ ବୋଲି ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓୱାଇସି କହିଥିଲେ। ପହଲଗାମ୍ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିବା ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍‌ଏଫ୍) ବିରୋଧରେ ଏକ ଅନ୍ତର୍ଜାତୀୟ ଅଭିଯାନ ଆରମ୍ଭ କରିବା ପାଇଁ ଓୱାଇସି ପ୍ରସ୍ତାବ ରଖିଥିଲେ। ଜାତିସଂଘ ସୁରକ୍ଷା ପରିଷଦ ଏହି ସଂସ୍ଥାକୁ ଏକ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିବା ଆବଶ୍ୟକ ବୋଲି ସେ କହିଥିଲେ। ସେହିପରି ଟିଆର୍‌ଏଫ୍‌କୁ ଦେଶ ଭିତରେ ବିଦେଶୀ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିବା ପାଇଁ ଆମେରିକାକୁ କୁହାଯିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

# ଅଜହରଙ୍କ ଭାଇ ଅବ୍‌ଦୁଲ ରୌଫ ନିହତ



ମୌଲାନା ମାସୁଦ୍ ଅଜହର



ଅବ୍‌ଦୁଲ୍ ରୌଫ୍

ଭାରତରେ ଅନେକ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟ ମୌଲାନା ମାସୁଦ୍ ଅଜହରଙ୍କ ସାନଭାଇ ଅବ୍‌ଦୁଲ୍ ରୌଫ୍ 'ଅପରେଶନ୍‌ସିନ୍ଦୂର'ରେ ନିହତ ହୋଇଥିବା ଗୁରୁବାର ଭାଜପା ପକ୍ଷରୁ ଦାବି କରାଯାଇଛି। ରୌଫ୍ ହେଉଛନ୍ତି ସେହି ଆତଙ୍କବାଦୀ, ଯିଏକି ଭାରତରେ ଅନେକ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ କରାଯାଇଥିବା ମିଶାଇଲ୍ ମାଡ଼ରେ ପାକିସ୍ତାନର ବାହାୱଲପୁରସ୍ଥିତ ଜୈଶ୍ ମୁଖ୍ୟାଳୟ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବାବେଳେ ୧୦୦ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅବ୍‌ଦୁଲ ରୌଫ୍ ରହିଥିବା ଭାଜପା ପକ୍ଷରୁ ସୋସିଆଲ ମିଡିଆରେ ଦାବି କରାଯାଇଛି। ୧୯୯୯ରେ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ରୌଫ୍ ଓ ତାଙ୍କର ଅନ୍ୟ କେତେଜଣ ସହଯୋଗୀ





ଭାରତୀୟ ଏୟାରଲାଇନ୍ସର ଆଇସି୮୧୪କୁ କାନ୍ଦାହାରରେ ଅପହରଣ କରିନେଇଥିଲେ। କାଠମାଣ୍ଡୁରୁ ଦିଲ୍ଲୀ ଅଭିମୁଖେ ଆସୁଥିବା ଏହି ବିମାନରେ ୧୯୦ ଯାତ୍ରୀଙ୍କୁ ସେମାନେ ପଣବନ୍ଦୀ କରିଥିବାରୁ ଭାରତ ସରକାର ଆଲୋଚନା ପରେ ୩ କୁଖ୍ୟାତ ଆତଙ୍କବାଦୀଙ୍କୁ ଛାଡ଼ିବାକୁ ବାଧହୋଇଥିଲେ। ସେମାନଙ୍କ ମଧ୍ୟରେ ମାସୁଦ୍ ଅଜହର ଥିଲେ।

# ପାକିସ୍ତାନର ଶେଲ୍ ମାଡ଼ରେ ୧୬ ମୃତ

ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଆତଙ୍କବାଦୀ କ୍ୟାମ୍ପ ଉପରେ ଭାରତର ଅପରେଶନ ସିନ୍ଦୂର ପରେ ଗୁରୁବାର ଭାରତ-ପାକ୍ ସୀମାରେ ଉତ୍ତେଜନା ଲାଗି ରହିଛି। ଜମ୍ମୁ-କଶ୍ମୀରର ପୁଞ୍ଚ୍‌ରେ ପାକ୍ ସେନାର ଶେଲ୍ ମାଡ଼ରେ ଭାରତର ୧୬ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୫୯ ଜଣ ଆହତ ହୋଇଛନ୍ତି। ପାକିସ୍ତାନୀ ସେନା ନିୟନ୍ତ୍ରଣ ରେଖା ଅନ୍ତର୍ଗତ କୁପଡ୍‌ୱାରା, ବାରମୁଲ୍ଲା, ଉରି ଏବଂ ଅଖନୂର ଅଞ୍ଚଳକୁ ଟାର୍ଗେଟ କରି ଗୁଳିଗୋଳା ମାଡ଼ କରିଥିଲା। ଭାରତୀୟ ସେନା ଏହାର ଉପଯୁକ୍ତ ଜବାବ ଦେଇଥିବା ପ୍ରତିରକ୍ଷା ସୂତ୍ରରୁ କୁହାଯାଇଛି।

# ଶିଖ୍‌ଙ୍କ ଉପରେ ଟାର୍ଗେଟେଡ୍ ଆକ୍ରମଣ କରୁଛି ପାକ୍ ସେନା

ପାକିସ୍ତାନ ଧର୍ମୀୟ ସ୍ଥାନକୁ ଟାର୍ଗେଟ କରି ଭାରତ ଆକ୍ରମଣ କରିଥିବା ଇସ୍‌ଲାମାବାଦ ଅଭିଯୋଗ କରିଥିବାବେଳେ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହି ଖଣ୍ଡନ କରିବା ସହ କଡ଼ା ଚେତାବନୀ ଦେଇଛି। ନିୟନ୍ତ୍ରଣରେଖା ଆରପଟୁ ପାକିସ୍ତାନୀ ଶେଲ୍ ମାଡ଼ରେ ଜମ୍ମୁ-କଶ୍ମୀରର ପୁଞ୍ଚ୍‌ସ୍ଥିତ ଏକ ଗୁରୁଦ୍ୱାରା ଧ୍ୱଂସ ହେବା ସହ କେତେଜଣ ଶିଖ୍ ପ୍ରାଣ ହରାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ପାକିସ୍ତାନ ଯୁବକମାନଙ୍କୁ କଟ୍ଟରପନ୍ଥୀ ଭାବେ ପ୍ରସ୍ତୁତ କରିବା ଓ ଶିକ୍ଷା ଦେବାରେ ଧର୍ମୀୟ ସ୍ଥଳୀଗୁଡ଼ିକର ଦୁରୁପଯୋଗ କରିଥାଏ ବୋଲି ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି କହିଛନ୍ତି। ପାକିସ୍ତାନ ବୁଧବାର ପୁଞ୍ଚ୍ ଗୁରୁଦ୍ୱାରା ଓ ଶିଖ୍‌ଙ୍କ ଉପରେ ଟାର୍ଗେଟେଡ୍ ଆକ୍ରମଣ କରିଥିଲା, ଯେଉଁଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ନିୟନ୍ତ୍ରଣ ରେଖା ଆରପଟୁ ଶେଲ୍ ଓ ଗୁଳିମାଡ଼ରେ ୧୬ ଜଣଙ୍କ ଜୀବନ ଯିବା ସହ ୫୯ ଜଣ ଆହତ ହୋଇଥିବା ମିସ୍ରି କହିଛନ୍ତି।

# ପଞ୍ଜାବ, ହରିୟାଣା, ରାଜସ୍ଥାନରେ ହାଇ ଆଲର୍ଟ

## ପୋଲିସ ଅଧିକାରୀଙ୍କ ଛୁଟି ବାତିଲ, ସ୍କୁଲ ବନ୍ଦ, ଅନେକ ସହର ବ୍ଲାକ୍‌ଆଉଟ

ଭାରତ ଓ ପାକିସ୍ତାନ ମଧ୍ୟରେ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ଗୁରୁବାର ପଞ୍ଜାବ, ହରିୟାଣା, ରାଜସ୍ଥାନ, ଗୁଜରାଟ, ଦିଲ୍ଲୀ ଆଦି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇଛି। ପଞ୍ଜାବ ପୋଲିସ ନିଜର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରିଛି। ସେହିପରି ପଞ୍ଜାବ ସରକାର ରାଜ୍ୟର ସମସ୍ତ ସ୍କୁଲକୁ ଆସନ୍ତା ରବିବାର ପର୍ଯ୍ୟନ୍ତ ବନ୍ଦ କରିଥିବା ବେଳେ ଚଣ୍ଡିଗଡ଼ କେନ୍ଦ୍ର ଶାସିତ ଅଞ୍ଚଳର ସମସ୍ତ ସ୍କୁଲକୁ ଶନିବାର ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଛି। ଜମ୍ମୁ-କଶ୍ମୀର ସରକାର ମଧ୍ୟ ସମସ୍ତ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟକୁ ଶନିବାର ପର୍ଯ୍ୟନ୍ତ ବନ୍ଦ କରିଛନ୍ତି। ରାଜସ୍ଥାନ ସରକାର ସୀମାବର୍ତ୍ତି ଅଞ୍ଚଳରେ ନିୟୋଜିତ ସମସ୍ତ ପ୍ରଶାସନିକ ଅଧିକାରୀ ଏବଂ ପୋଲିସ କର୍ମଚାରୀଙ୍କ ଛୁଟିକୁ ବାତିଲ କରିଛନ୍ତି। ହରିୟାଣାରେ ମଧ୍ୟ ସମସ୍ତ ପୋଲିସ କର୍ମଚାରୀଙ୍କ ଛୁଟିକୁ ବାତିଲ କରାଯାଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଦିଲ୍ଲୀ ସରକାର ନିଜ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି। ଅନ୍ୟପକ୍ଷେ ଗୁରୁବାର ରାତିରେ ଜମ୍ମୁର ବିଭିନ୍ନ ସ୍ଥାନରେ ପାକିସ୍ତାନର ମିଶାଇଲ ଏବଂ ଡ୍ରୋନ୍ ଆକ୍ରମଣ ପରେ ପଞ୍ଜାବର ଗୁରୁଦାସପୁର, ଜଲନ୍ଧର, ଅମୃତସର, ମୋହାଲି, ପଠାନକୋଟ ଆଦି ଜିଲା ସହ ଚଣ୍ଡିଗଡ଼ କେନ୍ଦ୍ର ଶାସିତ ଅଞ୍ଚଳରେ ବ୍ଲାକଆଉଟ କରାଯାଇଛି। ପଞ୍ଜାବର ବିଭିନ୍ନ ସହରରେ ସାଇରନ୍ ବାଜିବା ସହ ଲୋକଙ୍କୁ ଘରକୁ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ରାଜସ୍ଥାନର ବାର୍‌ମେର, ଜୈସଲ୍‌ମେର ଏବଂ ହରିୟାଣାର ପଞ୍ଚକୁଲାରେ ମଧ୍ୟ ବ୍ଲାକ୍‌ଆଉଟ କରାଯାଇଛି।



ଅମୃତସରସ୍ଥିତ ଶ୍ରୀ ଗୁରୁ ରାମଦାସ ଜି ଅନ୍ତର୍ଜାତୀୟ ଏୟାରପୋର୍ଟଠାରେ ସୁରକ୍ଷା ପାଇଁ ପଞ୍ଜାବ ପୋଲିସର ଛାଉଣି।

# ଭାରତରେ ପାକିସ୍ତାନୀ ଫିଲ୍ମ, ଓଟିଟି ସିରିଜ୍, ଗୀତ ପ୍ରସାରଣ ବନ୍ଦ ହେଲା

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ଭାରତୀୟ ସେନାର ଅପରେଶନ ସିନ୍ଦୂର ପରେ ୨ ଦେଶ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଭାରତରେ ପାକିସ୍ତାନୀ ୱେବ୍‌ସିରିଜ୍, ଚଳଚ୍ଚିତ୍ର, ଗୀତ, ପଡ୍‌କାଷ୍ଟ ଆଦିର ପ୍ରସାରଣ ବନ୍ଦ କରିବା ପାଇଁ କେନ୍ଦ୍ର ସରକାର ଆଡଭାଇଜରି ଜାରି କରି ସମସ୍ତ ଓଟିଟି ପ୍ଲାଟ୍‌ଫର୍ମ, ମିଡିଆ ଷ୍ଟ୍ରିମିଂ ସର୍ଭିସେସ୍ ଏବଂ ଡିଜିଟାଲ ଇଣ୍ଟରମିଡିଆରିଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଇନ୍‌ଫର୍ମେଶନ ଟେକ୍‌ନୋଲୋଜି (ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍ସ ଆଣ୍ଡ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ରୁଲ୍ସ, ୨୦୨୧ର ଦ୍ୱିତୀୟ ଭାଗ ଅନୁଯାୟୀ ଉପରୋକ୍ତ ଆଡ୍‌ଭାଇଜରି ଜାରି ହୋଇଛି। ପ୍ରକାଶକ ଏବଂ ଇଣ୍ଟରମିଡିଆରିଗୁଡ଼ିକ ପ୍ରସାରଣ କରୁଥିବା ବିଷୟବସ୍ତୁ ଯେପରି ଭାରତର ସାର୍ବଭୌମତ୍ୱ, ଅଖଣ୍ଡତା, ଜାତୀୟ ସୁରକ୍ଷା କିମ୍ବା ସାର୍ବଜନିକ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି ନ କରେ, ସେନେଇ ସୁନିଶ୍ଚିତ ହେବାକୁ କୁହାଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଜାରି ଆଡଭାଇଜରିରେ କୁହାଯାଇଛି, ଭାରତରେ ଅନେକ ଆତଙ୍କବାଦୀ ଆକ୍ରମଣ ସହ ପାକିସ୍ତାନର ଷ୍ଟେଟ୍ ଏବଂ ନନ୍‌ଷ୍ଟେଟ୍ ଆକ୍ଟର ଜଡ଼ିତ ଥିବା ସୀମାପାର ଲିଙ୍କ୍ ରହିଛି। ତେଣୁ ଜାତୀୟ ସୁରକ୍ଷା ସ୍ୱାର୍ଥରେ ଏଭଳି ପରାମର୍ଶ ଜାରି ହୋଇଛି।

# ରାଷ୍ଟ୍ରୀୟମର୍ଯ୍ୟାଦା ସହ ଆତଙ୍କବାଦୀଙ୍କ ଶେଷକୃତ୍ୟ କଲା ପାକିସ୍ତାନ

ପାକିସ୍ତାନ ୩ ଜଣ ମୃତକଙ୍କ ପାଇଁ ରାଷ୍ଟ୍ରୀୟମର୍ଯ୍ୟାଦାର ସହ ଶେଷକୃତ୍ୟ କରିଥିବାବେଳେ ସେମାନେ ଆତଙ୍କବାଦୀ ବୋଲି ଭାରତୀୟ ଗୋଇନ୍ଦା ସଂସ୍ଥା ଚିହ୍ନଟ କରିଛି। ସୀମାପାର ଆତଙ୍କବାଦକୁ ପାକିସ୍ତାନର କ୍ରମାଗତ ସମର୍ଥନକୁ ଭାରତ ନିନ୍ଦା କରିଛି। ଗୁରୁବାର ସନ୍ଧ୍ୟାରେ ଗଣମାଧ୍ୟମକୁ ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି କହିଛନ୍ତି, ଯଦି ପାକିସ୍ତାନର ବିବୃତି ସତ୍ୟ ତେବେ ସାଧାରଣ ନାଗରିକଙ୍କ ମରଶରୀର କଫିନରେ ରଖି ଜାତୀୟ ପତାକା ଘୋଡ଼ାଇବା ସହ ରାଷ୍ଟ୍ରୀୟ ସମ୍ମାନ ଦିଆଯାଇଥିଲା କି? ପିଟିଆଇ ରିପୋର୍ଟ ଅନୁଯାୟୀ ଆତଙ୍କବାଦୀ କ୍ୱାରି ଅବ୍‌ଦୁଲ ମଲିକ, ଖଲିଦ ଏବଂ ମୁଦାସିରଙ୍କ ଶେଷକୃତ୍ୟରେ ପାକିସ୍ତାନୀ ସେନାର ସଦସ୍ୟ ଯୋଗଦେଇଥିଲେ।



ଜମ୍ମୁ-କଶ୍ମୀର ଉରି ସେକ୍ଟରସ୍ଥିତ ସଲମାବାଦରେ ଗୁରୁବାର ପାକିସ୍ତାନୀ ସେନାର ମୋର୍ଟାରମାଡ଼ରେ ଭାଙ୍ଗିଯାଇଥିବା ଏକ ଘର।

# ପାର୍ଲାମେଣ୍ଟରେ କାନ୍ଦିଲେ ପାକିସ୍ତାନ ଏମ୍‌ପି



ତାହିର ଇକ୍‌ବାଲ

ଇସ୍‌ଲାମାବାଦ, ୮।୫(ଆଇଏଏନ୍‌ଏସ୍)

'ଅପରେଶନ ସିନ୍ଦୂର' ଯୋଗୁ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବାରୁ ଗୁରୁବାର ପାକିସ୍ତାନ ଏମ୍‌ପି ତଥା ପୂର୍ବତନ ଆର୍ମି ମେଜର ତାହିର ଇକ୍‌ବାଲ ସେଠାକାର ପାର୍ଲାମେଣ୍ଟରେ ନିଜର ବିବୃତି ରଖିବା ବେଳେ କାନ୍ଦି ପକାଇଛନ୍ତି। ଶାସକ ଦଳ 'ପିଏମ୍‌ଏଲ୍-ଏନ୍'ର ଏମ୍‌ପି ଇକ୍‌ବାଲ ଉର୍ଦ୍ଦୁରେ ଭାଷଣ ଦେବା ବେଳେ ଆଲ୍ଲାଙ୍କୁ ସମ୍ବୋଧନ କରି ନିଜ ଦେଶକୁ ରକ୍ଷା କରିବାକୁ ପ୍ରାର୍ଥନା କରିଛନ୍ତି। ଭାରତ ସହ ସମ୍ଭାବ୍ୟ ଯୁଦ୍ଧ ଆଶଙ୍କା କରି ପାକିସ୍ତାନକୁ ଆଲ୍ଲା ରଖା କରନ୍ତୁ ବୋଲି କହିବା ବେଳେ ସେ ଭାବପ୍ରବଣ ହୋଇପଡ଼ିଥିବା ଦେଖିବାକୁ ମିଳିଛି।

ନିଜ ଦେଶକୁ ରକ୍ଷା କରିବା ଲାଗି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ବିଶ୍ୱ ସମୁଦାୟକୁ ସାହାଯ୍ୟ ମାଗିବାର ଗୋଟିଏ ଦିନ ପରେ ଇକ୍‌ବାଲ ଅସହାୟ ହୋଇ ପାର୍ଲାମେଣ୍ଟ ଭିତରେ କାନ୍ଦି ପକାଇବା ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଜମ୍ମୁ ଓ କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପକ୍ଷରୁ କରାଯାଇଥିବା ସାମରିକ ଅଭିଯାନରେ ବ୍ୟସ୍ତ ହୋଇପଡ଼ିଥିବା ପାକିସ୍ତାନୀ ଲୋକ ପ୍ରତିନିଧିମାନେ ଭୟଭୀତ ହୋଇପଡ଼ିଛନ୍ତି। ଅପରେଶନ ସିନ୍ଦୂର ଜରିଆରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀର (ପିଓକେ)ର ୯ଟି ଆତଙ୍କବାଦୀ ଆଡ୍ଡା ଉପରେ କରାଯାଇଥିବା ଆକ୍ରମଣରେ ପାଖାପାଖି ୧୦୦ ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ଆକ୍ରମଣର ଭୟାବହତାକୁ ଦେଖି ଇକ୍‌ବାଲ ପାକିସ୍ତାନର ଦୁର୍ବଳତାକୁ ଅନୁଭବ କରି ସଂସଦ ଭିତରେ କାନ୍ଦି ପକାଇବା ଏବେ ଚାରିଆଡ଼େ ଚର୍ଚ୍ଚାର ବିଷୟ ପାଲଟିଛି।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ମେ ୯/୨୦୨୫ | Bhubaneswar, Friday, May 9/2025


# ଲାହୋର ଏୟାର ଡିଫେନ୍ସ ସିଷ୍ଟମ୍ ଧ୍ୱସ୍ତ

ବୁଧବାର ବିଳମ୍ବିତ ରାତି ଓ ଗୁରୁବାର ଭୋର ସମୟ ମଧ୍ୟରେ ପାକିସ୍ତାନ ପଟୁ ଜମ୍ମୁ-କଶ୍ମୀର, ପଞ୍ଜାବ ଓ ଗୁଜରାଟର ୧୫ଟି ସହରକୁ ଟାର୍ଗେଟ କରି ମିଶାଇଲ ଛାଡ଼ିଥିଲା। ତେବେ ଭାରତୀୟ ବାୟୁସେନା ଏହାକୁ ନିଷ୍ପ୍ରଭ କରିଦେଇଥିଲା। ରୁଷିଆ ନିର୍ମିତ ଏସ୍-୪୦୦ ଏୟାର ଡିଫେନ୍ସ ମିଶାଇଲ ସିଷ୍ଟମ୍ 'ସୁଦର୍ଶନ ଚକ୍ର' ବ୍ୟବହାର କରି ଭାରତ ପାକିସ୍ତାନୀ କ୍ଷେପଣାସ୍ତ୍ରଗୁଡ଼ିକୁ ଖସାଇ ଦେଇଛି। ଏହାସହ ଏହାର ଜବାବରେ ଭାରତ ପକ୍ଷରୁ ଇସ୍ରାଏଲ ନିର୍ମିତ ହାର୍ପି ଡ୍ରୋନ୍ ଜରିଆରେ ପାକିସ୍ତାନର ଏକାଧିକ ସ୍ଥାନକୁ ଟାର୍ଗେଟ୍ କରାଯାଇଛି। ଏହାଦ୍ୱାରା ଲାହୋରର ଏୟାର ଡିଫେନ୍ସ ସିଷ୍ଟମ୍ ଏଚ୍‌କ୍ୟୁ-୯ ଧ୍ୱସ୍ତ ହୋଇଯାଇଥିବା ଗୁରୁବାର ସକାଳେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି। ଭାରତର ଡ୍ରୋନ୍ ଆକ୍ରମଣରେ ରାୱଲପିଣ୍ଡିସ୍ଥିତ କ୍ରିକେଟ୍ ଷ୍ଟାଡିୟମ କ୍ଷତିଗ୍ରସ୍ତ ହୋଇଛି। କଶ୍ମୀର ପହଲଗ୍ରାମ୍ ଆକ୍ରମଣରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କ ପ୍ରାଣହାନିର ପ୍ରତିଶୋଧ ସ୍ୱରୂପ ଭାରତୀୟ ସଶସ୍ତ୍ରବଳ ମିଳିତ ଜବାବୀ କାର୍ଯ୍ୟାନୁଷ୍ଠାନରେ ୧୦୦ରୁ ଊର୍ଦ୍ଧ୍ୱ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଥିବା ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ସର୍ବଦଳୀୟ ବୈଠକରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଭାରତ ଶାନ୍ତି ଚାହେଁ। କିନ୍ତୁ ଭାରତ ଉପରେ ଶତ୍ରୁରାଷ୍ଟ୍ର କୌଣସି ପ୍ରକାର ଦୁଃସାହସିକ ପଦକ୍ଷେପ ନେବାକୁ ଉଦ୍ୟମ କଲେ ତାହାର କଡ଼ା ଜବାବ ଦେବା ପାଇଁ ଆମେ ପ୍ରସ୍ତୁତ ଅଛୁ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଚେତାବନୀ ଦେଇଛନ୍ତି। ଇତିମଧ୍ୟରେ ୨ ପଡ଼ୋଶୀ ଦେଶ ଉତ୍ତେଜନା ହ୍ରାସ କରି ଶାନ୍ତି ଆଡ଼କୁ ମୁହାଁଇବା ଉଚିତ ବୋଲି ଜାତିସଂଘ ସମେତ ଅନେକ ଅନ୍ତର୍ଜାତୀୟ ସଂସ୍ଥା ପରାମର୍ଶ ଦେଇଛନ୍ତି।

## ଏସ୍-୪୦୦ ମିଶାଇଲ, ହାର୍ପି ଡ୍ରୋନ୍


ରୁଷିଆ ନିର୍ମିତ ଏସ୍-୪୦୦ ଏୟାର ଡିଫେନ୍ସ ମିଶାଇଲ ସିଷ୍ଟମ୍ 'ସୁଦର୍ଶନ ଚକ୍ର'


ଇସ୍ରାଏଲ ନିର୍ମିତ ହାର୍ପି ଡ୍ରୋନ୍

ଜମ୍ମୁ-କଶ୍ମୀର, ପଞ୍ଜାବ ଓ ଗୁଜରାଟର ସହରଗୁଡ଼ିକ ଆଡ଼କୁ ଗୁରୁବାର ଭୋର ସମୟରେ ମୁହାଁଉଥିବା ପାକିସ୍ତାନୀ ଯୁଦ୍ଧାସ୍ତ୍ରଗୁଡ଼ିକୁ ପ୍ରତିହତ କରିବା ପାଇଁ ଭାରତୀୟ ବାୟୁସେନା ଏସ୍-୪୦୦ ମିଶାଇଲ୍ ସିଷ୍ଟମ୍ ବ୍ୟବହାର କରିଥିଲା। ଏହା ବଳରେ ମୋଟ ୧୫ଟି ପାକିସ୍ତାନୀ ମିଶାଇଲକୁ ଖସାଇ ଦିଆଯାଇଛି। ଏପରି କି ଇସ୍ରାଏଲୀ ହାର୍ପି ଡ୍ରୋନ୍ ଜରିଆରେ ପାକିସ୍ତାନୀ ଏୟାର ଡିଫେନ୍ସ ରାଡାରକୁ ମଧ୍ୟ ଟାର୍ଗେଟ କରାଯାଇଥିବା ଭାରତ ପକ୍ଷରୁ ଗୁରୁବାର ଦାବି କରାଯାଇଛି। ରୁଷିଆ ନିର୍ମିତ ଏସ୍-୪୦୦ ଡିଫେନ୍ସ ସିଷ୍ଟମ୍ ୧୫ ପାକିସ୍ତାନୀ ମିଶାଇଲ୍‌କୁ ଖସାଇଦେଇଥିବାବେଳେ ଇସ୍ରାଏଲୀ ହାର୍ପି ଡ୍ରୋନ୍‌ଗୁଡ଼ିକୁ ପାକ୍‌ର ଏୟାର ଡିଫେନ୍ସ ରାଡାରକୁ ଅକାମୀ କରିବା ପାଇଁ ମୁତୟନ କରାଯାଇଥିଲା। ଲାହୋରରେ ମଧ୍ୟ ହାର୍ପି ଡ୍ରୋନ୍‌ର ପ୍ରୟୋଗ କରାଯାଇଥିଲା। ଅନ୍ୟପକ୍ଷେ ଭାରତୀୟ ସହରଗୁଡ଼ିକୁ ଆକ୍ରମଣ ପାଇଁ ପାକିସ୍ତାନ ପଠାଇଥିବା ମିଶାଇଲ୍ ଓ ଡ୍ରୋନ୍‌ଗୁଡ଼ିକର ଭଗ୍ନାବଶେଷକୁ ସଂଗ୍ରହ କରାଯାଉଛି। ସେଗୁଡ଼ିକୁ ପାକିସ୍ତାନ ବିରୋଧରେ ପ୍ରମାଣ ରୂପେ ବ୍ୟବହାର କରାଯିବ। ପାକିସ୍ତାନ କିପରି ଆତଙ୍କବାଦୀଙ୍କୁ ସାମରିକ ତାଲିମ ଓ ପାଣ୍ଠି ଯୋଗାଣ ସହ ସୀମାପାର ଆତଙ୍କବାଦକୁ ପ୍ରଶ୍ରୟ ଦେଉଛି ବିଶ୍ୱ ସମୁଦାୟ ସମ୍ମୁଖରେ ତା'ର ମୁଖା ଖୋଲିବାରେ ଏହା ସହାୟକ ହେବ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି।

## ୧୫ ସ୍ଥାନରେ ପାକ୍‌ର ଆକ୍ରମଣ ଉଦ୍ୟମ ପଣ୍ଡ


ନିୟନ୍ତ୍ରଣରେଖା (ଏଲ୍‌ଓସି) ସଂଲଗ୍ନ କଶ୍ମୀରର ପୁଞ୍ଛ ସ୍ଥିତ ଏକ ଘର ଗୁରୁବାର ଭୋର ସମୟରେ ପାକିସ୍ତାନୀ ମୋର୍ଟାର ମାଡ଼ରେ କ୍ଷତିଗ୍ରସ୍ତ ହୋଇଛି।

ନୂଆଦିଲ୍ଲୀ,୮।୫(ପି.ଟି./ଏଜେନ୍ସି)

ଭାରତର ଉତ୍ତର ଓ ପଶ୍ଚିମ ଭାଗରେ ଥିବା ୧୫ ସ୍ଥାନରେ ପାକିସ୍ତାନୀ ସେନା ମିଶାଇଲ ଏବଂ ଡ୍ରୋନ୍ ଆକ୍ରମଣ ଉଦ୍ୟମ କରିଥିଲା, ଯାହାକୁ ଭାରତ ପଣ୍ଡ କରିଦେଇଛି। ଏପରି କି ଲାହୋରରେ ଏକ ପାକିସ୍ତାନୀ ଏୟାର ଡିଫେନ୍ସ ସିଷ୍ଟମ୍‌କୁ ମଧ୍ୟ ଧ୍ୱସ୍ତ କରିଦେଇଥିବା ଭାରତ ପକ୍ଷରୁ ଦାବି କରାଯାଇଛି।

ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଜାରି ଏକ ବିବୃତିରେ କୁହାଯାଇଛି, ପାକିସ୍ତାନୀ ସେନା ବୁଧବାର ରାତିରେ ଅୱନ୍ତିପୁରା, ଶ୍ରୀନଗର, ପଠାନ୍‌କୋଟ, ଅମୃତସର, କପୁରଥାଲା, ଜଲନ୍ଧର, ଲୁଧିଆନା, ଆଦାମ୍‌ପୁର, ବଠିଣ୍ଡା, ଚଣ୍ଡିଗଡ଼, ନାଲ, ଫଲୋଡ଼ି, ଉତ୍ତରଲାଇ ଓ ଭୁଜ୍‌ରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ଏହାକୁ ଇଣ୍ଟିଗ୍ରେଟେଡ୍ ଅନ୍‌ମ୍ୟାନ୍‌ଡ୍ ଏୟାରକ୍ରାଫ୍ଟ ସିଷ୍ଟମ୍ (ଗ୍ରିଡ୍ ଆଣ୍ଡ ଏୟାର ଡିଫେନ୍ସ ସିଷ୍ଟମ୍ସ) ଦ୍ୱାରା ପ୍ରତିହତ କରାଯାଇଛି। ଭାରତୀୟ ସଶସ୍ତ୍ର ବଳ ମଙ୍ଗଳବାର ବିଳମ୍ବିତ ରାତିରେ 'ଅପରେଶନ୍ ସିନ୍ଦୂର' ଚଳାଇ ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ୯ଟି ସ୍ଥାନରେ ଆତଙ୍କବାଦୀଙ୍କ ଅଫିସ, ଶିବିରଗୁଡ଼ିକୁ ମିଶାଇଲ୍ ମାଡ଼ରେ ଧ୍ୱସ୍ତବିଧ୍ୱସ୍ତ କରିବା ପରେ ପାକିସ୍ତାନୀ ସେନା ଏପରି ଉଦ୍ୟମ କରିଛି।

ପ୍ରତିରକ୍ଷା ମନ୍ତ୍ରଣାଳୟ ଆହୁରି କହିଛି, ଗୁରୁବାର ସକାଳେ ଭାରତୀୟ ସଶସ୍ତ୍ର ବଳ ପାକିସ୍ତାନର ଅନେକ ସ୍ଥାନରେ ଏୟାର ଡିଫେନ୍ସ ରାଡାର ଓ ସିଷ୍ଟମ୍‌ଗୁଡ଼ିକୁ ଟାର୍ଗେଟ କରିଛି। ପାକିସ୍ତାନ ଭାରତ ଉପରେ ଯେପରି ଢଙ୍ଗରେ ଆକ୍ରମଣ ଉଦ୍ୟମ କରିଛି, ତାକୁ ସମାନ ଭାବେ ସେହି ଶୈଳୀରେ ଜବାବ ଦିଆଯାଇଛି। ଏଥିରେ ଲାହୋରର ଏୟାର ଡିଫେନ୍ସ ସିଷ୍ଟମ୍ ଧ୍ୱସ୍ତ ହୋଇଯାଇଥିବା ବିଶ୍ୱସନୀୟ ସୂତ୍ରରୁ ଜଣାପଡ଼ିଛି ବୋଲି ବିବୃତିରେ କୁହାଯାଇଛି।

ଭାରତର 'ଅପରେଶନ୍ ସିନ୍ଦୂର' ଓ ତତ୍ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନରେ ଛାନିଆ ହୋଇ ପାକିସ୍ତାନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଗୁଳିଗୋଳା ବର୍ଷଣ ଓ ମୋର୍ଟାର ମାଡ଼କୁ ଜୋର୍‌ଦାର କରିଛି। ଜମ୍ମୁ-କଶ୍ମୀରର କୁପୱାରା, ବରାମୂଲା, ଉରି, ପୁଞ୍ଛ, ମେନ୍ଧାର ଓ ରାଜୌରି ସେକ୍ଟରରେ ପାକିସ୍ତାନୀ ରେଞ୍ଜର୍ସଙ୍କ ସୀମାପାର ଗୁଳିରେ ୧୬ ନିରୀହ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ୩ ମହିଳା ଓ ୫ ଶିଶୁ ରହିଛନ୍ତି। ଏହି କ୍ଷେତ୍ରରେ ମଧ୍ୟ ଭାରତ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେବା ପାଇଁ ବାଧ୍ୟ ହୋଇଛି। ଭାରତୀୟ ସଶସ୍ତ୍ର ବଳ ଉତ୍ତେଜନା ବୃଦ୍ଧିକୁ ଏଡ଼ାଇଆସୁଛି। କିନ୍ତୁ ଏହାକୁ ପାକିସ୍ତାନୀ ସେନା ସମ୍ମାନ ଦେବା ଆବଶ୍ୟକ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।


ପଞ୍ଜାବର ଅମୃତସର ନିକଟ ମଖନୱିଣ୍ଡି ଗ୍ରାମର ଏକ ବିଲରେ ଗୁରୁବାର ପୂର୍ବାହ୍ନରେ ସନ୍ଦିଗ୍ଧ ପାକିସ୍ତାନୀ ସେଲ୍ ଠାବ ହେବା ପରେ ତଦନ୍ତକାରୀ ଅଧିକାରୀମାନେ ଯାଞ୍ଚ କରୁଛନ୍ତି ।

## ଡଲାର ତୁଳନାରେ ଟଙ୍କା ୮୪ ପଇସା ଦୁର୍ବଳ

ଭୁବନେଶ୍ୱର, ୮।୫ (ଅନୁରାଧା ମହାରଣା)

ଭାରତ ଓ ପାକିସ୍ତାନ ମଧ୍ୟରେ ବଢ଼ୁଥିବା ସାମରିକ ଉତ୍ତେଜନା ମଧ୍ୟରେ ଗୁରୁବାର ଆମେରିକୀୟ ଡଲାର ତୁଳନାରେ ଟଙ୍କା ୮୪ ପଇସା ହ୍ରାସ ପାଇ ୮୫.୬୧ରେ ପହଞ୍ଚିଛି। ପାକିସ୍ତାନ ସେନା ଡ୍ରୋନ ଏବଂ କ୍ଷେପଣାସ୍ତ୍ର ବ୍ୟବହାର କରି ଉତ୍ତର ଓ ପଶ୍ଚିମ ଭାରତରେ ଏକାଧିକ ସାମରିକ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିବା ପରେ ନିବେଶକମାନେ ଘରୋଇ ବଜାରରେ ବିପଦ ଆଶଙ୍କା କରିଥିବା ଫୋରେକ୍ସ ବ୍ୟବସାୟୀମାନେ କହିଛନ୍ତି। ଏହା ବ୍ୟତୀତ ବୃଦ୍ଧି ପାଉଥିବା ଅଶୋଧିତ ତୈଳ ମୂଲ୍ୟ ମଧ୍ୟ ଟଙ୍କା ଉପରେ ଚାପ ପକାଇଛି। ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ଟଙ୍କା ୮୪.୬୧ରେ ଖୋଲିଥିଲା ଏବଂ ଡଲାର ତୁଳନାରେ ଦିନର ସର୍ବୋଚ୍ଚ ୮୪.୫୨ ଏବଂ ସର୍ବନିମ୍ନ ୮୫.୭୭ ମଧ୍ୟରେ ରହିଥିଲା। କାରବାର ଶେଷ ହେବା ସମୟରେ, ଟଙ୍କା ଡଲାର ପିଛା ୮୫.୬୧ (ଅସ୍ଥାୟୀ)ରେ ପହଞ୍ଚିଥିଲା ଯାହାକି, ପୂର୍ବ ବନ୍ଦ ତୁଳନାରେ ୮୪ ପଇସା ହ୍ରାସ ପାଇଥିଲା। ବୁଧବାର ଟଙ୍କା ୪୨ ପଇସା ହ୍ରାସ ପାଇ ଡଲାର ପିଛା ୮୪.୭୭ରେ ପହଞ୍ଚିଥିଲା। ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ଆତଙ୍କବାଦୀ ଶିବିର ଉପରେ ଭାରତୀୟ ସେନାର ଆକ୍ରମଣ ପରେ ବୁଧବାର ଟଙ୍କା ଆମେରିକୀୟ ଡଲାର ତୁଳନାରେ ୪୨ ପଇସା ହ୍ରାସ ପାଇ ୮୪.୭୭ରେ ପହଞ୍ଚିଥିଲା।

## ଭୁବନେଶ୍ୱର ବିମାନବନ୍ଦରରୁ ୨ ବିମାନ ବାତିଲ

ଭୁବନେଶ୍ୱର, ୮।୫(ଅନୁରାଧା ମହାରଣା)

ଭାରତୀୟ ସେନା ବାହିନୀ ଦ୍ୱାରା କରାଯାଇଥିବା ରଣନୈତିକ ଅଭିଯାନ 'ଅପରେଶନ ସିନ୍ଦୂର' ପରିପ୍ରେକ୍ଷୀରେ ସାରା ଭାରତରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି ପରେ ଗୁରୁବାର ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର (ବିପିଆଇଏ)ରୁ ଦୁଇଟି ବିମାନ ବାତିଲ କରାଯାଇଛି। ବିପିଆଇଏ ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନଙ୍କ ସୂଚନା ଅନୁଯାୟୀ, ଜାତୀୟ ସୁରକ୍ଷା ପ୍ରୋଟୋକଲ ଅନୁସାରେ ଉତ୍ତର ଏବଂ ପଶ୍ଚିମ ଭାରତର କିଛି ଅଂଶରେ ସାମୟିକ ଭାବେ ଆକାଶମାର୍ଗରେ ପ୍ରତିବନ୍ଧକ ଲାଗିବା ଯୋଗୁ ଉଡ଼ାଣ ବାତିଲ କରାଯାଇଛି। ଗାଜିଆବାଦର ହିଣ୍ଡନ ବିମାନବନ୍ଦରରେ ଅବତରଣ କରିବାକୁ ଥିବା ବିମାନ ଉଡ଼ାଣକୁ ବାତିଲ କରାଯାଇଛି। ସେହିପରି ଭୁବନେଶ୍ୱର ଦେଇ ପାଟନା-ଚଣ୍ଡୀଗଡ଼ ରୁଟ୍‌ରେ ଚାଲୁଥିବା ଏକ ବିମାନକୁ ଯାନ୍ତ୍ରିକ ସମସ୍ୟା ଯୋଗୁ ଲଗାତର ଦ୍ୱିତୀୟ ଦିନ ପାଇଁ ବାତିଲ କରାଯାଇଛି। ଯଦିଓ ଭୁବନେଶ୍ୱର ସମ୍ବେଦନଶୀଳ କ୍ଷେତ୍ର ମଧ୍ୟରେ ଆସୁନାହିଁ, ଜାତୀୟସ୍ତରୀୟ ଆକାଶ ମାର୍ଗର ପ୍ରଭାବ ପରୋକ୍ଷ ଭାବେ ଏଠାରେ ବିମାନ ଚଳାଚଳକୁ ପ୍ରଭାବିତ କରିଛି। ବିପିଆଇଏରୁ ଅନ୍ୟ ବିମାନଗୁଡ଼ିକ ନିର୍ଦ୍ଧାରିତ ସମୟରେ ଯାତାୟାତ କରୁଥିବା ବିପିଆଇଏ ନିର୍ଦ୍ଦେଶକ ପ୍ରଧାନ ସୂଚନା ଦେବା ସହ ଜନସାଧାରଣଙ୍କୁ ଭୟଭୀତ ନ ହେବାକୁ ପରାମର୍ଶ ଦେଇଛନ୍ତି।

ଆଜିର ସମ୍ପାଦକୀୟ
ସିରିଆରେ ଇସ୍ରାଏଲର ରଣନୀତି

## ଡ୍ରୋନ୍ ଆଟାକ୍: ରାୱଲପିଣ୍ଡି ଷ୍ଟାଡିୟମ କ୍ଷତିଗ୍ରସ୍ତ

କରାଚୀ,୮।୫(ପି.ଟି.)


ପାକିସ୍ତାନ ପକ୍ଷରୁ ବୁଧବାର ରାତିରେ ଭାରତର ବିଭିନ୍ନ ସହରରେ ଥିବା ସାମରିକ ଘାଟିକୁ ଟାର୍ଗେଟ କରାଯିବା ପରେ ଏହାର ଜବାବରେ ଭାରତ ତରଫରୁ ଗୁରୁବାର ଡ୍ରୋନ ଆଟାକ୍ କରାଯାଇଛି। ଏହି ଆକ୍ରମଣରେ ରାୱଲପିଣ୍ଡି ଷ୍ଟାଡିୟମ କ୍ଷତିଗ୍ରସ୍ତ ହୋଇଛି। ଏହି ଷ୍ଟାଡିୟମରେ ଗୁରୁବାର ପାକିସ୍ତାନ ସୁପର ଲିଗ୍(ପିଏସ୍‌ଏଲ୍)ର ଏକ ମ୍ୟାଚ୍ ଖେଳାଯିବାର ଥିଲା। ପେଶାୱର ଜାଲମି ଓ କରାଚୀ କିଙ୍ଗ୍ସ ମଧ୍ୟରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଓ ଶୁକ୍ରବାର ହେବାକୁ ଥିବା ମ୍ୟାଚ୍‌କୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ବାତିଲ କରି ଦିଆଯାଇଛି। ପିସିବି ସମସ୍ତ ଅଂଶୀଦାରଙ୍କ ସହ ଆଲୋଚନା କରିବା ପରେ ପେଶାୱର ଓ କରାଚୀ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌କୁ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ସମୟରେ ପିସିବି ପରିବର୍ତ୍ତିତ ତାରିଖ ଘୋଷଣା କରାଯିବ ବୋଲି ପିସିବି ପକ୍ଷରୁ କୁହାଯାଇଛି। ତେବେ ଚଳିତ ଲିଗ୍ ସମ୍ପର୍କରେ ଆଲୋଚନା କରିବା ପାଇଁ ପିସିବି ପକ୍ଷରୁ ଗୁରୁବାର ଏକ ଜରୁରିକାଳୀନ ବୈଠକ ଡକାଯାଇଛି। ପିଏସ୍‌ଏଲ୍ ସିଇଓ ସଲମାନ ନାସିର ରାୱଲପିଣ୍ଡିରେ ବିଦେଶୀ ଖେଳାଳିଙ୍କୁ ଭେଟି ସେମାନଙ୍କୁ ଚିନ୍ତା କରିବାର କୌଣସି ଆବଶ୍ୟକତା ନ ଥିବା ଆଶ୍ୱାସନା ଦେଇଛନ୍ତି।



## ରବର୍ଟ ପ୍ରିଭୋଷ୍ଟ ନୂଆ ପୋପ୍

ଭାଟିକାନ୍ ସିଟି,୮।୫

ଆମେରିକା କାର୍ଡିନାଲ ରବର୍ଟ ପ୍ରିଭୋଷ୍ଟ ନୂଆ ପୋପ୍ ନିର୍ବାଚିତ ହୋଇଥିବା ନେଇ ଗୁରୁବାର ରାତିରେ କାର୍ଡିନାଲ ପ୍ରୋଟୋଡିକନ୍ ଡୋମିନିକ୍ ମାମ୍ବେର୍ଟି ଘୋଷଣା କରିଛନ୍ତି। ନୂଆ ପୋପ୍ ଲିଓ ଚତୁର୍ଦ୍ଦଶ ଭାବେ ନାମିତ ହେବେ। ପୋପ୍ ନିର୍ବାଚନ ପାଇଁ ଅନୁଷ୍ଠିତ କନ୍‌ଭେନ୍‌ଶନ୍‌ର ଦ୍ୱିତୀୟ ଦିନରେ ଭାଟିକାନ୍ ସିଟିର ସିଷ୍ଟାଇନ୍ ଚାପେଲ୍ ଚିମିନ୍‌ରୁ ଧଳା ଧୂଆଁ ଉଠିବା ମାତ୍ରେ ନୂଆ ପୋପ୍ ନିର୍ବାଚିତ ହୋଇଥିବାର ସଙ୍କେତ ମିଳିଥିଲା। ଏହାର ୭୦ ମିନିଟ୍ ପରେ ସେଣ୍ଟ ପିଟର୍ସ ବାସିଲିକାର କେନ୍ଦ୍ରୀୟ ବାଲ୍‌କୋନିରେ ପୋପ୍ ଲିଓ ଜନସାଧାରଣଙ୍କୁ ଦର୍ଶନ ଦେଇଥିଲେ। ୨,୦୦୦ ବର୍ଷର କାଥୋଲିକ୍ ଚର୍ଚ୍ଚ ଇତିହାସରେ ପ୍ରଥମ ଥର ପାଇଁ ଜଣେ ଆମେରିକୀୟ ପୋପ୍ ନିର୍ବାଚିତ ହୋଇଛନ୍ତି। ୧୪୦ କୋଟି କାଥୋଲିକ୍ ଚର୍ଚ୍ଚ ସଦସ୍ୟଙ୍କ ପାଇଁ ୧୩୩ ଜଣ କାର୍ଡିନାଲ ନୂଆ ପୋପ୍ ନିର୍ବାଚନ କରିଛନ୍ତି। ସୂଚନାଯୋଗ୍ୟ, ଏପ୍ରିଲ ୨୧ରେ ପୋପ୍ ଫ୍ରାନ୍ସିସ୍‌ଙ୍କ ପରଲୋକ ହୋଇଥିଲା। ବୁଧବାରଠାରୁ ନୂଆ ପୋପ୍ ନିର୍ବାଚନ ପାଇଁ ଗୁପ୍ତ ଭୋଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଭୋଟ ଦେବାକୁ ଥିବା ୧୩୩ କାର୍ଡିନାଲ ମଙ୍ଗଳବାରଠାରୁ ସିଷ୍ଟାଇନ୍ ଚାପେଲ୍ ମଧ୍ୟରେ ରହିଥିଲେ ଓ ସେମାନଙ୍କ ମୋବାଇଲ୍ ଫୋନ୍ ସିଗ୍‌ନାଲକୁ ବୁଧବାର ଅପରାହ୍ନରୁ ବ୍ଲକ୍ କରିଦିଆଯାଇଥିଲା।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏମ୍‌ବିସି ଟିଭିର ପ୍ରତିଷ୍ଠା ଦିବସ, ସ୍ଥାନ: ସ୍ୱସ୍ତି ପ୍ରିମିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାମାଜିକ ନାଟକ 'ଚାଲୁଛି ଅଳପ ଝୁଣ୍ଟୁଛି ବେଶି' ପରିବେଷଣ, ସ୍ଥାନ: ରାମଚନ୍ଦ୍ରପୁରସ୍ଥିତ ମା'ଙ୍କ ପୀଠ ପରିସର, ଭିଙ୍ଗାରପୁର ପଞ୍ଚାୟତ, ସମୟ: ରାତି ୧୧ଟା।
- ଏ ଫ୍ରେଞ୍ଚ ଫ୍ୟାଶନ ଆଫେୟାର 'ବଞ୍ଜୋର', ସ୍ଥାନ: ଉତ୍କଳ କନିକା ଗ୍ୟାଲେରିଆ, ସମୟ: ମଧ୍ୟାହ୍ନ ୧୨ଟା।
- ପଞ୍ଚମ ଦିନନାଥ ପାଠୀ କଳା ସମ୍ମାନ ଓ ତୃତୀୟ ଦିନନାଥ ପାଠୀ ସ୍ମାରକୀ ବକ୍ତୃତା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଓମ୍ କଳିଙ୍ଗ କଳା ପରିଷଦର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଚିନ୍ମୟ ମିଶନ, କଟକ ଆନୁକୂଲ୍ୟରେ ସ୍ୱାମୀ ସଦାନନ୍ଦ ସରସ୍ୱତୀଙ୍କ ସୁନ୍ଦରାକାଣ୍ଡ ପ୍ରବଚନ ଉଦ୍‌ଘାଟନ, ସ୍ଥାନ: ଚିନ୍ମୟ ମିଶନ ପରିସର, ଫିରିଙ୍ଗିବଜାର, ସମୟ: ସନ୍ଧ୍ୟା ୭ଟା।
- ଯଯାତି କେଶରୀ ନାଟ୍ୟ ସଂସଦର ବାର୍ଷିକୋତ୍ସବ ଓ ନାଟକ ପରିବେଷଣ, ସ୍ଥାନ: ୱାର୍ଡ ନଂ.୧୦, ଚାରବାଟିଆ ଇଣ୍ଡଷ୍ଟ୍ରିଆଲ ଟେନାମେଣ୍ଟ କଲୋନୀ, ସମୟ: ରାତି ୮ଟା।

## ବାଲେଶ୍ୱର

- ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବୈଶାଖୀ ମହୋତ୍ସବର ପଞ୍ଚମ ଦିବସ, ସ୍ଥାନ: ଦୁଧହଂସା, ବସ୍ତା, ସମୟ: ଦିବସବ୍ୟାପୀ।
- ଗୋପେଶ୍ୱର ମହାଦେବ ମନ୍ଦିରରେ ଲିଙ୍ଗ ସ୍ଥାପନ ଦିବସ, ସ୍ଥାନ: କୁସୁନ୍ଦୁଦାସପୁର, ଔପଦା, ସମୟ: ଦିବସବ୍ୟାପୀ।
- ତଟସୁରକ୍ଷା ପାଇଁ ସମୁଦ୍ରକୂଳରେ ପୋଲିସ, ମତ୍ସ୍ୟବିଭାଗ ଓ ତଟରକ୍ଷୀ ବାହିନୀର ମିଳିତ ତଲାସୀ ଅଭିଯାନ, ସ୍ଥାନ: ତାଳସାରୀ, ଭୋଗରାଇ, ସମୟ: ସକାଳ ୮ଟା।
- ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି-୨୦୨୫ ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ବାଲିଆପାଳ, ସମୟ: ସକାଳ ୯ଟା।
- ବାର୍ ଆସୋସିଏଶନ୍‌ର ସାଧାରଣ ପରିଷଦ ବୈଠକ, ସ୍ଥାନ: ହଲ୍ ନଂ-୨, କଚେରୀ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭାଗବତ କଥାମୃତ ପ୍ରବଚନ ସଭା, ସ୍ଥାନ: ମା' ଥାନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ବାଲିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ସାର୍ବଜନୀନ ମିର୍ଜାପୋଖରୀ ୧୦୭ତମ ଚନ୍ଦନ ଉତ୍ସବ, ସ୍ଥାନ: ମିର୍ଜାପୋଖରୀ ଆଡ଼ି, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକୋତ୍ସବ ଓ ଗୀତାଯଜ୍ଞ, ସ୍ଥାନ: ବାସଙ୍ଗ ପୁରୀସାହି, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶିବବିବାହ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଆନ୍ତଃ ରାଜ୍ୟ ଜଗବନ୍ଧୁ ମେମୋରିଆଲ ଫୁଟ୍‌ବଲ ମ୍ୟାଚ୍, ସ୍ଥାନ: ଏବି ହାଇସ୍କୁଲ ପରିସର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ନୂତନ ମା' ତାରିଣୀ ମନ୍ଦିର ଓ ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବାଲିବରେଇ, ହାଟଡ଼ିହୀ, ସମୟ: ସକାଳ ୭ଟା।

## ମୟୂରଭଞ୍ଜ

- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା,ସମୟ: ସକାଳ ୯ଟା।

## ଢେଙ୍କାନାଳ

- ଶ୍ରୀନୃସିଂହଙ୍କର ଜନ୍ମ ଦିବସ, ସ୍ଥାନ: ଉତ୍କଳ ସତ୍ୟସମାଜ ତଳମଠ, ସପ୍ତଶଯ୍ୟା, ଢେଙ୍କାନାଳ, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା' କଣସରା ଓ ଶ୍ରୀହନୁମାନଜୀଉ ପୀଠ, ଦାଣ୍ଡି, ରାଜନଗର, ସମୟ: ସକାଳ ୭ଟା।
- ଜିଲା କଂଗ୍ରେସର ସମ୍ବିଧାନ ବଞ୍ଚାଅ ରାଲି, ସ୍ଥାନ: କଂଗ୍ରେସ ଭବନ, କଜଳା, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।
- ମା' ମହିପାଳିନୀ ମନ୍ଦିରର ବାର୍ଷିକ ଉତ୍ସବ ଓ ଶ୍ରୀରାମ ଚରିତ ମାନସ ପାରାୟଣ, ସ୍ଥାନ: ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଶ୍ରୀଶ୍ରୀ ସିଦ୍ଧ ମହାବୀର ହନୁମାନ ଜୀଉଙ୍କ ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତର ବ୍ରହ୍ମଣଦା, ସମୟ: ରାତି ୮ଟା।

## ନୟାଗଡ଼

- ଚନ୍ଦନଯାତ୍ରାର ଦଶମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ଦଶମ ଦିବସ, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ଦଶମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ଦଶମ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ଦଶମ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ଦଶମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।

## ରାୟଗଡ଼ା

- ରାୟଗଡା ପୌର ପରିଷଦର ୱାର୍ଡ ସଭା କାର୍ଯ୍ୟକ୍ରମ, ସ୍ଥାନ: ଆଞ୍ଜିଆ ପେଟା ପରିଚୟ ଗୃହ ୱାର୍ଡ ନମ୍ବର ୨୩/୨୪, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ୩୫ତମ ବାର୍ଷିକ ଉତ୍ସବ, ସ୍ଥାନ: ଇନ୍ଦ୍ରାବତୀ, ସମୟ: ସକାଳ ୮ଟା।

## କୋରାପୁଟ

- କୃଷିଭିତ୍ତିକ ବାଲିଯାତ୍ରା ମହୋତ୍ସବ, ସ୍ଥାନ:ଯୁବପାତ୍ରପୁଟ, କୁନ୍ଦୁରା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ମଙ୍ଗଳ ବିଭାଗର ବିଭିନ୍ନ ବିଦ୍ୟାଳୟରେ ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି

- କଂଗ୍ରେସ ପକ୍ଷରୁ କାଲିମେଲା ବ୍ଲକ ଘେରାଉ, ସ୍ଥାନ: କାଲିମେଲା, ସମୟ: ପୂର୍ବାହ୍ନ: ୧୧ଟା ।

## ସମ୍ବଲପୁର

- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୬ଟା ।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା ।
- ରେମେଡ କପ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ : ରେମେଡ ନିକଟସ୍ଥ ମୋଦି ପଡିଆ, ସମୟ : ରାତି ୭ଟା ।

## ବଲାଙ୍ଗୀର

- ନୃସିଂହ ଚତୁର୍ଦ୍ଦଶୀ ମେଳା ଓ ହରିଶଙ୍କର ମହୋତ୍ସବ ୨୦୨୫ର ଦ୍ୱିତୀୟ ଦିନ, ସ୍ଥାନ: ହରିଶଙ୍କର ପୀଠ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ୩୦।
- 'ଚତୁରଙ୍ଗ'ର ଚତୁର୍ଥ ବର୍ଷ ପ୍ରଥମ ସଂଖ୍ୟା ଉନ୍ମୋଚନ, ସ୍ଥାନ: ଏଡିଏମ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- ରାଜ୍ୟପାଳଙ୍କ ହରିଶଙ୍କର ମହୋତ୍ସବରେ ଯୋଗଦାନ,ସ୍ଥାନ: ହରିଶଙ୍କର ପୀଠ, ବଲାଙ୍ଗୀର ସମୟ: ସନ୍ଧ୍ୟା ୬ଟା ।

## ରାଉରକେଲା

- ସମ୍ଭବ କରାଟେ ପକ୍ଷରୁ କର୍ମଶାଳା, ସ୍ଥାନ: ସେକ୍ଟର-୭ ବି ବ୍ଲକ, ସମୟ: ସକାଳ ୬ଟା।
- କଳ୍ପତରୁ ଆଶ୍ରମରେ ସାମୂହିକ ଭାଗବତ ପାରାୟଣ ଉତ୍ସବ, ସ୍ଥାନ: ବାସନ୍ତୀ କଲୋନି, ସମୟ: ସକାଳ ୭ଟା ୩୦ ।
- ପଖାଳ ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ପରିଷଦ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା ।
- ଅନ୍ୱେଷା ମାଗଣା ହାଟ, ସ୍ଥାନ: କୁଷ୍ଠ କଲୋନୀ, ଦେଓଗାଁ, ସମୟ: ଅପରାହ୍ନ ୫ଟା ୩୦ ।
- ବହୁଭାଷୀ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସେକ୍ଟର-୧୯, ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦ ।

## ବରଗଡ଼

- ବୈଶାଖି ମେଳାରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନୃସିଂହନାଥ ମନ୍ଦିର, ପାଇକମାଲ, ସମୟ: ସକାଳ ୭ଟା।
- ବୈଶାଖ ମେଳା ଅବସରରେ ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: ନୃସିଂହନାଥ ମନ୍ଦିର, ଲାୟନ୍ସ ଗେଟ୍ ସମ୍ମୁଖ, ପାଇକମାଲ, ସମୟ: ସକାଳ ୯ଟା।

## କଳାହାଣ୍ଡି

- ଆନ୍ତର୍ଜାତୀୟ ନର୍ସିଂ ସପ୍ତାହ ପାଳନ, ସ୍ଥାନ: ଭବାନୀପାଟଣାସ୍ଥିତ କଳାହାଣ୍ଡି ଜିଏନ୍ଏମ୍ କଲେଜ ଅଫ ନର୍ସିଂ, ସମୟ: ଅପରାହ୍ନ ୪ଟା।
- ଷୋହଳପ୍ରହର ନାମଯଜ୍ଞ ନିମନ୍ତେ କଳସ ଯାତ୍ରା, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ବସନ୍ତପଡା ପଞ୍ଚାୟତ ବସନ୍ତପଡା ଗ୍ରାମ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଚନ୍ଦନ ଯାତ୍ରା ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ ଅଧୀନ କଲା ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ବ୍ଲକ ମରାଡୁଗୋଛା ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ ଚବିଶ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ଦିବାରାତ୍ର।
- ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କମିଟି ବୈଠକ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ମା'ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ପଞ୍ଚକୁଣ୍ଡିୟ ହୋମ କାର୍ଯ୍ୟକ୍ରମ, ସ୍ଥାନ: ମା' ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ବିଜୟଗଡ ରାଜା କୋମନା, ସମୟ: ଅପରାହ୍ନ ୩ଟା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ପଲସିପାଣି ପଞ୍ଚାୟତ କାଶିପଲା ଗାଁ, ସମୟ: ଅପରାହ୍ନ ୩ଟା ୪୫।
- ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ପଲସିପାଣି ପଞ୍ଚାୟତ କାଶିପଲା ଗାଁ, ସମୟ: ମଧ୍ୟାହ୍ନ ୧୨ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଭାଇ, ବନ୍ଧୁ କିମ୍ବା ଆତ୍ମୀୟଙ୍କ ସାହାଯ୍ୟରୁ କୌଣସି କାମ ଅଟକିବ ନାହିଁ। ବିବାଦୀୟ ଘଟଣାରେ କୌଣସି ନିର୍ଦ୍ଦିଷ୍ଟ ପକ୍ଷକୁ ସମର୍ଥନ କରିବା ଠିକ୍ ହେବ ନାହିଁ। କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ସାମୟିକ ଭାବରେ ପରିବାରର ଅତୀତ କଥାକୁ ଚିନ୍ତା କରି ବ୍ୟସ୍ତ ରହିପାରନ୍ତି।

**ବୃଷ** ପାରିବାରିକ ପୃଷ୍ଠପୋଷକତା ଲାଭକରି ଚେଷ୍ଟା କରୁଥିବା କାମକୁ ସହଜ ଓ ସୁବିଧାରେ ସମ୍ପନ୍ନ କରିପାରିବେ। ଗତକାଲିଠାରୁ ସ୍ଥିର କରିଥିବା ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ। ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ଘଟିପାରେ। ସତ୍‌ସଙ୍ଗ, ବନ୍ଧୁମିଳନ, ଆନୁଷ୍ଠାନିକ କ୍ଷେତ୍ର କିମ୍ବା ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି।

**ମିଥୁନ** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ଆପଣଙ୍କ ପରାମର୍ଶ ଅବିସ୍ମରଣୀୟ ରହିବ। ବନ୍ଧୁ ଗହଣରେ ବେଶି ସମୟ କଟିଲେ ମଧ ଘରର ଅଶାନ୍ତି ମନକୁ ଭାରାକ୍ରାନ୍ତ କରି ରଖିବ। ବହୁତ ଦିନରୁ ଚେଷ୍ଟା କରି ମଧ ପାଇ ନ ଥିବା ପ୍ରାପ୍ୟଧନ ଆଜି ସନ୍ଧ୍ୟାରେ ପାଇବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ କୌଣସି ସମସ୍ୟା ରହିବ ନାହିଁ।

**କର୍କଟ** ରବିଙ୍କ ଉଚ୍ଚାବସ୍ଥାନ ଏକାସଙ୍ଗରେ ଅର୍ଥ, ସମ୍ମାନ ଓ ସାମାଜିକ ସ୍ତରରେ ପ୍ରତିଷ୍ଠା ପ୍ରଦାନ କରିବ। ଆପଣଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସା କରି ବନ୍ଧୁ ସାହାଯ୍ୟ କରିବାକୁ ଆଗେଇ ଆସିବେ। ବୁଦ୍ଧି ଖଟାଇ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। କଚେରି ମାମଲା,ଜମିଜମା ସମ୍ପର୍କିତ ବିବାଦୀୟ ଘଟଣାରେ ବିଜୟୀ ହୋଇପାରନ୍ତି।

**ସିଂହ** ଭୋଗକାରକ ଶୁକ୍ର ବୈଷୟିକ ଅଭିବୃଦ୍ଧି ସାଙ୍ଗକୁ ଦିନଚର୍ଯ୍ୟାକୁ ସୁମଧୁର ରଖିବେ। ଚେଷ୍ଟା କରୁଥିବା କାର୍ଯ୍ୟରେ ପ୍ରତିବନ୍ଧକ ଓ ପାରିବାରିକ କ୍ଷେତ୍ରରେ ସମସ୍ୟା ହଟିଯିବ। ଶିଳ୍ପ, ପରିବହନ ଓ ବ୍ୟବସାୟରେ ସାମୟିକ ମନାନ୍ତର ଦେଖାଦେଇପାରେ। ସାମାଜିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**କନ୍ୟା** ଚେଷ୍ଟା କରୁଥିବା କର୍ମ ସମୂହ ସମସ୍ୟା ବିଜଡିତ ସାଙ୍ଗକୁ ବହୁତ ବିଳମ୍ବରେ ସମ୍ପନ୍ନ ହେବ। ଆତ୍ମୀୟଙ୍କ ଦୁଃଖିତ ମନକୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଦ୍ୱନ୍ଦ୍ୱ ଲାଗିପାରେ। ଦୀର୍ଘ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଯାତ୍ରା, ବାଣିଜ୍ୟ, ନିର୍ମାଣ, ପ୍ରଶାସନ ଓ ଆଇନ ଅଦାଲତରେ କାମର ଚାପ ବୃଦ୍ଧି ପାଇପାରେ।

**ତୁଳା** ଅଭାବ ଅସୁବିଧା ନ ଥିଲେ ମଧ ବିଭିନ୍ନ ଘରୋଇକଥା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। କାମ ହାସଲ କରିବା ସକାଶେ ବନ୍ଧୁମାନଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ମତଭେଦ ଘଟିବା କାରଣରୁ ଟେନ୍‌ସନ ବୃଦ୍ଧି ପାଇବ। ଯାତ୍ରା ସମୟରେ କୌଣସି ବିଜାତୀୟ ବ୍ୟକ୍ତିଙ୍କ ସହ ମିତ୍ରତା ସୃଷ୍ଟି ହୋଇପାରେ।

**ବିଛା** କର୍ମକ୍ଷେତ୍ରର ଚାପ ବୃଦ୍ଧି ପାଇବାରୁ ବ୍ୟତିକ୍ରମ ମଧ୍ୟରେ ସମୟ ଅତିବାହିତ ହେବ। ମାଙ୍ଗଳିକ କାମରେ ବନ୍ଧୁମିଳନ ମାନସିକ ଉଦ୍‌ବେଗକୁ ଉପଶମ କରିପାରେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଉଚ୍ଚ ପଦାଧିକାରୀଙ୍କ ପୃଷ୍ଠପୋଷକତା କାରଣରୁ ଦୀର୍ଘ ଦିନରୁ ପଡିରହିଥିବା କାମଟିରେ ଅଗ୍ରଗତିର ସୂଚନା ପାଇବେ।

**ଧନୁ** ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ମାନସିକ ଉଦ୍‌ବିଗ୍ନତାର କାରଣ ହେବ। ଦିନତମାମ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇଲେ ମଧ ତାହା ଉପଭୋଗ୍ୟ ନ ହୋଇପାରେ । ଭ୍ରମଣ, ରାଜନୀତି, ପ୍ରଶାସନ, ବାଣିଜ୍ୟ ପାଇଁ ଦିନଟି ଭଲ। ରାଜନୀତି, ସାହିତ୍ୟ, ପ୍ରଶାସନିକ ସ୍ତରରେ ବ୍ୟସ୍ତତା ବୃଦ୍ଧି ପାଇବ।

**ମକର** ପାରିବାରିକ ସୁସମ୍ପର୍କ ସାଙ୍ଗକୁ ସମାଜରେ ଆଦୃତି ଲାଭଜନିତ ଉତ୍ସାହିତ ରହିବେ। ବନ୍ଧୁଙ୍କ ସୁପରାମର୍ଶ, ଶିକ୍ଷା, ପରୀକ୍ଷା ତଥା ଆନୁଷ୍ଠାନିକ କ୍ଷେତ୍ରରେ କୃତିତ୍ୱରୁ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ସାଙ୍ଗକୁ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସାମୂହିକ କାମ ମଧ୍ୟରେ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**କୁମ୍ଭ** ଦୈହିକ ସୁସ୍ଥତା, ଅର୍ଥନୈତିକ ଉତ୍କର୍ଷ ସାଙ୍ଗକୁ ଉତ୍ତମ ପାରିପାର୍ଶ୍ୱିକ ପରିସ୍ଥିତି ଯୋଗୁ ପ୍ରଫୁଲ୍ଲିତ ରହିବେ। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାକୁ ଦୂରେଇ ନେବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ସରକାରୀ ସହାୟତା, ବ୍ୟବସାୟ, ଧର୍ମ କାର୍ଯ୍ୟରେ ସଫଳତା ପାଇବେ। ବିବାଦରେ ଆପୋସ ସମାଧାନ ଘଟିପାରେ।

**ମୀନ** କୌଣସି କ୍ଷେତ୍ରରେ ତରବରିଆ ନିଷ୍ପତ୍ତି ନ ନେଇ ପୁନର୍ବିଚାର କରିବା ଭଲ। ବନ୍ଧୁଙ୍କ ସାହାଯ୍ୟ ଲାଭ କରି ମାନସିକ ଅସ୍ଥିରତା ଦୂରେଇଯିବ। ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ଆଲୋଚନା, ସଭାସମିତି, କ୍ରୀଡା, କଳା ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହେବ।

ଆଜି ମେ' ୯ ତାରିଖ, ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ଜୟନ୍ତୀ, ବୈଶାଖ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶୁକ୍ରବାର, ରାଶି, ନକ୍ଷତ୍ର-ହସ୍ତା/କନ୍ୟା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ. ୦୫।୧୭ ଗତେ, ଘ.୦୬।୦୮ ମଧ୍ୟେ, ଘ.୦୭।୦୦ ଗତେ, ଘ.୦୮।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୦।୦୬ ଗତେ, ଘ.୧୧।୪୩ ମଧ୍ୟେ ରାହୁକାଳ ।

# ଗୁଳି ବିନିମୟ: ୧୦ ମାଓବାଦୀ ମୃତ

## ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୩ ଯବାନ ଶହୀଦ

ମାଲକାନଗିରି,୮।୫(ଦୁର୍ଯ୍ୟୋଧନ ପାତ୍ର)

ତେଲଙ୍ଗାନା ଓ ଛତିଶଗଡ଼ ସୀମାରେ ଅପରେଶନ କାଗାର ଜାରି ରହିଥିବା ବେଳେ ତେଲଙ୍ଗାନାରେ ଗୁରୁବାର ଆଇଇଡି ବିସ୍ଫୋରଣରେ ୩ ଗ୍ରେହାଉଣ୍ଡ୍ ଯବାନ ଶହୀଦ ହୋଇଛନ୍ତି। ତେଲଙ୍ଗାନା ମୁଲୁଗୁ ଜିଲା ପେରେରୁ ଓ ବାଜେଡୁ ଜଙ୍ଗଲ ମଧ୍ୟରେ ଏହି ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି। ଏଥିରେ ୩ ଯବାନ ଶହୀଦ ହୋଇଥିବା ବେଳେ ସେଠାରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଏଥିରେ ୧୦ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କ ମଧ୍ୟରୁ କେନ୍ଦ୍ରୀୟ କମିଟି ସଦସ୍ୟ ଚନ୍ଦ୍ରାନ୍ନା ଏବଂ ଷ୍ଟେଟ ଜୋନାଲ କମିଟି ସଦସ୍ୟ ବାଣ୍ଡି ପ୍ରକାଶଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଚନ୍ଦ୍ରାନ୍ନାଙ୍କ ନାମରେ ୧ କୋଟି ଓ ବାଣ୍ଡି ପ୍ରକାଶଙ୍କ ନାମରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଘଟଣାସ୍ଥଳରୁ ଏକେ ୪୭ ଓ ଏସ୍‌ଏଲଆର୍ ବନ୍ଧୁକ ଜବତ କରାଯାଇଥିବା ବେଳେ ଗୁଳି ବିନିମୟ ଓ ସର୍ଚ୍ଚ ଅପରେଶନ ଜାରି ରହିଥିବା ଜଣାପଡ଼ିଛି।

# ସାମ୍ପ୍ରତିକ ସ୍ଥିତିକୁ ଆହ୍ୱାନ ମନେକରି ପ୍ରସ୍ତୁତ ରୁହ: ଆହୁଜା

## ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀଙ୍କୁ ପରାମର୍ଶ

ଭୁବନେଶ୍ୱର, ୮।୫(ସୁନିତ୍ ମିଶ୍ର)

ରାଜ୍ୟରେ ବେସାମରିକ ପ୍ରତିରକ୍ଷା ଅଭ୍ୟାସ ପାଇଁ ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ଲୋକସେବା ଭବନ ରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଜିଲାରେ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ସ୍ଥିତି, ସେମାନଙ୍କ ସଂଖ୍ୟା ବୃଦ୍ଧି ଓ ସାଙ୍ଗଠନିକ ସୁଦୃଢ଼ କରିବା ସହ ସେମାନଙ୍କ ଦ୍ୱାରା ସେବା ପ୍ରଦାନ ସମ୍ପର୍କିତ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ଆହୁଜା କହିଛନ୍ତି, ସାମ୍ପ୍ରତିକ ସ୍ଥିତିରେ ପ୍ରତ୍ୟେକ ସଙ୍କଟଜନକ ସମୟକୁ ସୁଯୋଗ ଓ ଆହ୍ୱାନ ବୋଲି ମନେକରି ନିଜକୁ ପ୍ରସ୍ତୁତ ରଖିବାକୁ ପଡ଼ିବ। ଏଥିପାଇଁ ଜନସଚେତନତା ବୃଦ୍ଧିକରିବାକୁ ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀମାନଙ୍କୁ ଆହୁଜା ପରାମର୍ଶ ଦେଇଛନ୍ତି। ବୈଠକରେ ହୋଇଥିବା ଆଲୋଚନା ମୁତାବକ, ଜନଗହଳିପୂର୍ଣ୍ଣ ଶିଳ୍ପାଞ୍ଚଳ ଓ ସହରରେ ଅଧିକ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀ ମୁତୟନ କରାଯିବା ଆବଶ୍ୟକ। ରାଜ୍ୟର ସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନେ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ଜରୁରିକାଳୀନ ପରିସ୍ଥିତି ସମୟରେ ଜନସାଧାରଣଙ୍କୁ ସାହାଯ୍ୟ କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଆନ୍ତି। ସେମାନେ ପ୍ରାଥମିକ ଚିକିତ୍ସା, ସନ୍ଧାନ ଏବଂ ଉଦ୍ଧାର, ଅଗ୍ନିଶମ ସେବାରେ ସହାୟତା, ସ୍ଥାନାନ୍ତର ଓ ପୁନରୁଦ୍ଧାର କାର୍ଯ୍ୟରେ ସାହାଯ୍ୟକରି କ୍ଷୟକ୍ଷତି ହ୍ରାସ କରିବା, ଜୀବନ ବଞ୍ଚାଇବା ଏବଂ ସଙ୍କଟ ସମୟରେ ସାମୂହିକ ସ୍ଥିରତା ବଜାୟ ରଖିବାରେ ପ୍ରମୁଖ ଯୋଗଦାନ କରିଥାଆନ୍ତି। ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ସମେତ ଜାତୀୟ ସେବାସଂସ୍ଥା, ସମର ଶିକ୍ଷାର୍ଥୀ ବାହିନୀ, ନେହେରୁ ଯୁବକେନ୍ଦ୍ର, ସେଣ୍ଟ ଜୋନ୍ ଆମ୍ବୁଲାନ୍ସ ଭଳି ସଂସ୍ଥା ସହ ବୈଠକ ହେବ। ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ସମନ୍ୱୟକୁ ଅଧିକ ସୁଦୃଢ଼ କରିବାକୁ ବୈଠକରେ ଆଲୋଚନା କରାଯାଇଛି। ବିଭିନ୍ନ ଜିଲାର ପ୍ରମୁଖ ଶିଳ୍ପାଞ୍ଚଳ ଓ ଜନସଂଖ୍ୟା ବହୁଳ ସ୍ଥାନରେ ଜନସାଧାରଣଙ୍କୁ ସତର୍କମୂଳକ ସୂଚନା ଦେବାକୁ ସାଇରନ୍ ବ୍ୟବସ୍ଥା ରଖିବାକୁ ପରାମର୍ଶ ଦିଆଯାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନ ଜାଣି ଯେ କଥା କହେ**
**ତା' ମୁଣ୍ଡରେ ଟାକର,**
**ନ ଜାଣି ଯେ ସାକ୍ଷୀ ହୁଏ**
**ତା' ମୁଣ୍ଡରେ ଟାକର।**

କୌଣସି ବିଷୟରେ କିଛି ମତାମତ ଦେବା ପୂର୍ବରୁ ତା'ର ଭଲମନ୍ଦ ଦିଗ ପ୍ରତି ଦୃଷ୍ଟି ଦେବା ଉଚିତ ହୋଇଥାଏ। କାରଣ ନ ବୁଝି ନ ଶୁଝି କଥା କହିଲେ ପଛରେ ଅପଦସ୍ଥ ହେବାର ଭୟ ରହିଥାଏ। ସେହିପରି ସାକ୍ଷୀ ଦେବା ପୂର୍ବରୁ ପୂରା ଘଟଣା ବିଷୟରେ ଜାଣିରଖିବା ଜରୁରୀ ହୋଇଥାଏ। ତା' ନ ହେଲେ ବିପଦରେ ପଡ଼ିବାର ସମ୍ଭାବନା ରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ନ ଲାଗିବାର ଗୁଡ଼ି,**
**ବାରଖଣ୍ଡି ଭୁଡ଼ି।**

ଯେଉଁ ଲୋକର କାମ କରିବାକୁ ଇଚ୍ଛା ନ ଥାଏ, ସେ ନାନା ପ୍ରକାର ବାହାନା ଦେଖାଇଥାଏ। କାମ କରିବାକୁ ଅମଙ୍ଗ ହେଉଥିବା ବ୍ୟକ୍ତି ଚଢ଼ା ମଜୁରି ଦାବି କରିବା ଭଳି ଅଯୌକ୍ତିକ କଥା କହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# 'ଓସା' ସଭାପତି ହେଲେ ବିବେକାନନ୍ଦ

ଭୁବନେଶ୍ୱର,୮।୫(ରବିନାରାୟଣ ଜେନା)

ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ଅନୁସଚିବ ବିବେକାନନ୍ଦ ସାମଲ ଓଡ଼ିଶା ସଚିବାଳୟ ସେବା ସଂଘ(ଓସା)ର ନୂତନ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହରପ୍ରସାଦ ବିଶ୍ୱାଳ ଏବଂ ମଧୁସୂଦନ ମହାନ୍ତିଙ୍କୁ ବହୁ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି ବୋଲି ବିବେକାନନ୍ଦ କହିଛନ୍ତି। ସେ କହିଛନ୍ତି, ଚଳିତ ନିର୍ବାଚନରେ ତାଙ୍କୁ ୧ହଜାରରୁ ଅଧିକ ଭୋଟ ମିଳିଛି। ସୂଚନା ଅନୁଯାୟୀ, 'ଓସା' ନିର୍ବାଚନରେ ବିଜୟ ସ୍ୱରୂପ ପଣ୍ଡା ଓ ମାନସ ରଞ୍ଜନ ସୂତାର ଉପସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ପ୍ରତ୍ୟୁଷ କୁମାର କହଁର ସାଧାରଣ ସମ୍ପାଦକ, ନଳିନୀକାନ୍ତ ଶର୍ମା, ସଂଗ୍ରାମ ଖଟେଇ, ସ୍ମିତା ପୃଷ୍ଟି ଓ ମୋନାଲି ସାହୁ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସ୍ମିତା ସମାପ୍ତିକା ପଟ୍ଟନାୟକ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ବୋଲି 'ଓସା' ନିର୍ବାଚନ କମିଶନରଙ୍କ ପକ୍ଷରୁ ଜଣାଯାଇଛି।


# ପିଏମ୍ କାର୍ଯ୍ୟାଳୟ ଫୋକସରେ ସମ୍ବଲପୁର

- ହୀରାକୁଦର ସମନ୍ୱିତ ବିକାଶକୁ ପ୍ରାଥମିକତା
- ବିକଶିତ ହେବ ପର୍ଯ୍ୟଟନ କ୍ଷେତ୍ର; ନିର୍ମାଣ ହେବ ବୁର୍ଲା ରିଙ୍ଗରୋଡ୍

ଭୁବନେଶ୍ୱର,୮।୫(ରବିନାରାୟଣ ଜେନା)

ସମ୍ବଲପୁରକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଗୁରୁତ୍ୱ ଦେଇଛି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଓଡ଼ିଶା ଗସ୍ତ ଅବସରରେ ଏପ୍ରିଲ ୧୯ରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ହୀରାକୁଦର ସମନ୍ୱିତ ବିକାଶକୁ ପ୍ରାଥମିକତା ଦିଆଯାଇଛି। ସେଠାରେ କିଭଳି ପର୍ଯ୍ୟଟନ ଭିତ୍ତିଭୂମି ସୁଦୃଢ଼ କରାଯିବା ସହିତ ଗମନାଗମନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇ ପାରିବ ସେଥିନେଇ ମାଷ୍ଟରପ୍ଲାନ୍ ତୁରନ୍ତ ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଛି। ହୀରାକୁଦର ସମନ୍ୱିତ ବିକାଶ ଲାଗି ବୈଠକରେ ବିସ୍ତୃତ ଆଲୋଚନା ହୋଇଥିବାବେଳେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଜଳସମ୍ପଦ ବିଭାଗ ପକ୍ଷରୁ ସର୍ବୋଚ୍ଚଯନ୍ତ୍ରୀଙ୍କୁ ପତ୍ର ଲେଖାଯାଇଛି। ସୂଚନା ଅନୁଯାୟୀ, ହୀରାକୁଦକୁ ପର୍ଯ୍ୟଟନ କ୍ଷେତ୍ର ଶୀର୍ଷରେ ପହଞ୍ଚାଯିବ। ଏହାସହିତ ମା' ସମଲେଶ୍ୱରୀଙ୍କ ମନ୍ଦିର ପ୍ରକଳ୍ପ ତଥା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଓ ମହାନଦୀ ଅବବାହିକାରେ ବୁର୍ଲା ରିଙ୍ଗରୋଡ୍ ନିର୍ମାଣ କରାଯିବ। ଏଥିଲାଗି ସମ୍ବଲପୁର ଓ ଝାରସୁଗୁଡ଼ା ମଧ୍ୟରେ ଏକ ବିମାନ କରିଡ଼ରର ବିକଶିତ କରାଯିବ ; ଯଦ୍ୱାରା ଅଧିକ ପର୍ଯ୍ୟଟକ ସୁବିଧାରେ ଯାତାୟାତ କରିପାରିବେ।

ସେହିପରି ଓଡ଼ିଶା ଯାତ୍ରୀ ଇନିସିଏଟିଭ୍‌କୁ ସଂପ୍ରସାରଣ କରାଯିବ। ମହାନଦୀ କୋଲ୍‌ଫିଲ୍ଡ ଏଥିରେ ସହଯୋଗର ହାତ ବଢ଼ାଇବ। ଓଡ଼ିଶା ନିର୍ମାଣ ନିଗମ ଜରିଆରେ ସେଠାରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ' କରାଯିବ। ଏହାସହିତ ସୋଲାର ପାର୍କ ଓ ରୋପ ୱେ ବ୍ୟବସ୍ଥା ରହିବ। ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେଲେ ସ୍ଥାନୀୟ ବାସିନ୍ଦାଙ୍କୁ ରୋଜଗାରର ସୁଯୋଗ ମିଳିବ ବୋଲି ପିଏମ୍ କାର୍ଯ୍ୟାଳୟ ଲକ୍ଷ୍ୟ ରଖିଛି।




# ଓଡ଼ିଶାରେ ଇସ୍କନକୁ ନିଷିଦ୍ଧ କରାଯାଉ

## ଦୀଘା ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଆ ଅସ୍ମିତା ପରିଷଦର ଚିଠି

ଭୁବନେଶ୍ୱର,୮।୫(ସୁଚିସ୍ମିତା ସାହୁ)

ପଶ୍ଚିମବଙ୍ଗର ଦୀଘା ଜଗନ୍ନାଥ ମନ୍ଦିରକୁ 'ଜଗନ୍ନାଥ ଧାମ' ନାମରେ ନାମିତ କରି ଇସ୍କନ ଜଗନ୍ନାଥ ସଂସ୍କୃତି ଏବଂ ଐତିହ୍ୟ ଉପରେ ଏକ ସୁଚିନ୍ତିତ ଓ ସୁଦୂରପ୍ରସାରୀ ଆକ୍ରମଣ କରିବାର ଷଡ଼ଯନ୍ତ୍ର ରଚିଛି ବୋଲି ଓଡ଼ିଆ ଅସ୍ମିତା ପରିଷଦ ଅଭିଯୋଗ ଆଣିଛି। ଇସ୍କନକୁ ଓଡ଼ିଶାରେ ନିଷିଦ୍ଧ କରିବା ସହ ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟି ପାଇଁ ଏହି ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ଲେଖିଛନ୍ତି।

ପରିଷଦ ପକ୍ଷରୁ ଉକ୍ତ ଚିଠିରେ ଦର୍ଶାଯାଇଛି ଯେ, ପୂର୍ବରୁ ଇସ୍କନ ବିଶ୍ୱର ବିଭିନ୍ନ ଜାଗାରେ ଅଦିନିଆ ରଥଯାତ୍ରା କରି ଜଗନ୍ନାଥ ସଂସ୍କୃତି ଓ ଐତିହ୍ୟ ପ୍ରତି କୁଠାରାଘାତ କରିସାରିଛି। ଦୀଘା ଜଗନ୍ନାଥ ମନ୍ଦିରର ଏଭଳି ନାମକରଣ ଏବଂ ଇସ୍କନ ମାୟାପୁରୀର ବ୍ୟବସାୟିକ ଷଡ଼ଯନ୍ତ୍ର ଯୋଗୁ ଓଡ଼ିଶା-ପଶ୍ଚିମବଙ୍ଗ ମଧ୍ୟରେ ଶହ ଶହ ବର୍ଷ ଧରି ରହିଆସିଥିବା ସାମ୍ପ୍ରଦାୟିକ ସଦ୍‌ଭାବନା, ଭାଇଚାରା, ସାଂସ୍କୃତିକ ସୌନ୍ଦର୍ଯ୍ୟ ନଷ୍ଟ ହେବାକୁ ବସିଛି। ଇସ୍କନ ଜଗନ୍ନାଥଙ୍କ ଗରିମା ଓ ଆଧ୍ୟାତ୍ମିକ ଚେତନାକୁ କ୍ଷୁଣ୍ଣ କରିବାକୁ ଷଡ଼ଯନ୍ତ୍ର କରୁଛି। ତେଣୁ ଓଡ଼ିଶାରେ ଇସ୍କନର ପ୍ରଚାର ଓ ପ୍ରସାରକୁ ନିଷେଧ କରାଯାଉ। ଓଡ଼ିଶା ସରକାର ଆପୋଷ ଆଲୋଚନା ମାଧ୍ୟମରେ ଏହି ପ୍ରସଙ୍ଗର ପରିସମାପ୍ତି ଘଟାଇବା ପାଇଁ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଯଦି ଇସ୍କନ କର୍ତ୍ତୃପକ୍ଷ ଏବଂ ପଶ୍ଚିମବଙ୍ଗ ସରକାର ଏହାର ଆପୋଷ ସମାଧାନ ନ କରନ୍ତି, ତେବେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିବା ସହିତ ଏ ଦିଗରେ ଆଇନଗତ ପଦକ୍ଷେପ ନେବାକୁ ଓଡ଼ିଶା ସରକାରଙ୍କ ନିକଟରେ ପରିଷଦ ଦାବି କରିଛି।

# ଆଧୁନିକ ରୂପ ନେଉଛି ପଶ୍ଚିମ ଓଡ଼ିଶାର ୨୧ ରେଳଷ୍ଟେଶନ

ଭୁବନେଶ୍ୱର, ୮।୫(ଅନୁରାଧା ମହାରଣା)



ଅମୃତ ଷ୍ଟେଶନ ଯୋଜନାର ଅଂଶସ୍ୱରୂପ ଆଧୁନିକ ଶୈଳୀରେ ପୁନର୍ବିକାଶ କରାଯାଉଥିବା ପଶ୍ଚିମଓଡ଼ିଶାର ରେଳଷ୍ଟେଶନଗୁଡ଼ିକ ମଧ୍ୟରେ ରାଉରକେଲା, ବିମଳାଗଡ଼, ରାଜଗାଙ୍ଗପୁର, ପାନପୋଷ, ଝାରସୁଗୁଡା, ଝାରସୁଗୁଡା ରୋଡ୍, ବ୍ରଜରାଜନଗର, ବେଲପାହାଡ଼, ସମ୍ବଲପୁର, ସମ୍ବଲପୁର ସିଟି, ଖରିଆର ରୋଡ଼, ହୀରାକୁଦ, କେସିଙ୍ଗା, ବରଗଡ଼ ରୋଡ଼, ବରପାଲି, ବଲାଙ୍ଗୀର, ଟିଟିଲାଗଡ଼, କଣ୍ଟାବାଞ୍ଜି, ହରିଶଙ୍କର ରୋଡ୍, ଭବାନୀପାଟଣା, ହିମଗିରି ଆଦି ରହିଛି। ୧୮.୭୭ କୋଟି ଟଙ୍କା ବ୍ୟୟରେ ଝାରସୁଗୁଡ଼ା ରୋଡ୍ ଷ୍ଟେଶନର ପୁନର୍ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି। ବ୍ରଜରାଜନଗର ରେଳଷ୍ଟେଶନ ବ୍ରଜରାଜନଗର ଓ ନିକଟବର୍ତ୍ତୀ ଅଞ୍ଚଳକୁ ସେବା ଯୋଗାଇଥାଏ। ଏହି ଷ୍ଟେଶନ ଏମ୍‌ସିଏଲ୍ ଖଣିଗୁଡିକ ପାଇଁ ମଧ୍ୟ ଏକ ମୁଖ୍ୟ ସେବାକେନ୍ଦ୍ର ଭାବେ କାର୍ଯ୍ୟ କରୁଛି। ତେବେ ଏହାର ପୁନର୍ବିକାଶ କାର୍ଯ୍ୟ ଅଧୀନରେ ଷ୍ଟେଶନ ପରିସରସ୍ଥ ଚଳାଚଳ ଅଞ୍ଚଳ ବିକାଶ, ଉଦ୍ୟାନ ଓ ଲ୍ୟାଣ୍ଡସ୍କେପିଂ, ଡ୍ରେନ ବିକାଶ, ଲାମିନେଟେଡ ଗ୍ଲାସ୍ ଛାତ, ଟେରାକୋଟା କାର୍ଯ୍ୟ, ମୁଖଶାଳା, ବାଲୁପଥରର ପ୍ରତିମା, କୋଣାର୍କ ଚକ୍ର, ୮ଟି ଓଡ଼ିଶୀ ନୃତ୍ୟ ପ୍ରତିମା, ଫଲ୍ସ ଶିଲିଂ, ପ୍ରବେଶ ପୋର୍ଚ, ଦୁଇ ଓ ଚାରିଚକିଆ ଯାନ ପାଇଁ ପାର୍କିଂ, ରାସ୍ତା ବିକାଶ, ୱାଲ ପେପର୍, ରିଜର୍ଭ ଲାଉଞ୍ଜ୍‌ର ଭିତର ପାନେଲିଂ ଆଦି କାର୍ଯ୍ୟ ରହିଛି। ୨୩.୭୬ କୋଟି ଟଙ୍କା ବ୍ୟୟରେ ସମ୍ବଲପୁର ସିଟି ଷ୍ଟେଶନର ପୁନର୍ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି। ୧୬.୨୫ କୋଟି ଟଙ୍କା ବ୍ୟୟରେ ଖରିଆର ରୋଡ୍ ଷ୍ଟେଶନ ଏବଂ ୨୨.୮୭ କୋଟି ଟଙ୍କା ବ୍ୟୟରେ ହୀରାକୁଦ ଷ୍ଟେଶନର ନବୀକରଣ କରାଯାଉଛି। ୨୦.୮୫ କୋଟି ବ୍ୟୟରେ କେସିଙ୍ଗା ଏବଂ ୨୩.୮୪ କୋଟି ଟଙ୍କାରେ ବରଗଡ଼ ରୋଡ ରେଳଷ୍ଟେଶନକୁ ଆଧୁନିକ ଢାଞ୍ଚାରେ ପୁନର୍ବିକାଶ କରାଯାଉଛି। ୨୦.୮୮ କୋଟିରେ ବରପାଲ୍ଲୀ, ୧୮.୦୧ କୋଟିରେ ବଲାଙ୍ଗୀର, ୩୫.୩୯ କୋଟିରେ ଟିଟିଲାଗଡ଼, ୩୩.୮୭ କୋଟିରେ କଣ୍ଟାବାଞ୍ଜି ଏବଂ ୧୬.୬୬ କୋଟି ଟଙ୍କା ବ୍ୟୟରେ ହରିଶଙ୍କର ରୋଡକୁ ନୂଆ ରୂପରେଖ ଦିଆଯାଉଛି। ବିମଳାଗଡ଼ ରେଳଶେଷ୍ଟନ ପାଇଁ ୯.୬୯ କୋଟି ଟଙ୍କା ବ୍ୟୟ ବରାଦ ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ୭୪% ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେହିପରି ୩୭.୬୫ କୋଟି ବ୍ୟୟରେ ରାଜଗାଙ୍ଗପୁର ରେଳଷ୍ଟେଶନର ନବୀକରଣ କାର୍ଯ୍ୟ ଚାଲିଥିବାବେଳେ ବର୍ତ୍ତମାନ ସୁଦ୍ଧା ୫୫% କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ପାନପୋଷ ରେଳଷ୍ଟେଶନର ୬୬% ନବୀକରଣ କାର୍ଯ୍ୟ ଶେଷ ହୋଇଛି। ଏଥିପାଇଁ ୧୪.୨୨ କୋଟି ଟଙ୍କା ବ୍ୟୟ କରାଯିବ। ଝାରସୁଗୁଡ଼ା, ହେମଗିର, ରାଉରକେଲା ଏବଂ ସମ୍ବଲପୁର ରେଳଷ୍ଟେଶନ ପାଇଁ ଅନୁମୋଦନ କାର୍ଯ୍ୟ କନସଲଟାଣ୍ଟ ନିଯୋଗ ଓ ରିଭିଜନ ପ୍ରକ୍ରିୟାରେ ଅଛି।

# ଯାଞ୍ଚ ହେବ ଭୂତଳଜଳ

### ଗଠନ ହେଲା ୧୪ଜଣିଆ କମିଟି

ଭୁବନେଶ୍ୱର,୮।୫(ରବିନାରାୟଣ ଜେନା)

ରାଜ୍ୟରେ ଭୂତଳଜଳ ପରିମାଣ କେଉଁଠି କେତେ ରହିଛି ଏବଂ ତାହାର ଗୁଣବତ୍ତା କିପରି ସେ ସଂକ୍ରାନ୍ତରେ ସରକାରଙ୍କ ପକ୍ଷରୁ ଏକ ସର୍ବେକ୍ଷଣ ଖୁବ୍‌ଶୀଘ୍ର କରାଯିବ। ଏନେଇ ଗୁରୁବାର ଜଳସମ୍ପଦ ବିଭାଗ ପକ୍ଷରୁ ଅତିରିକ୍ତ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ଏକ ସଂକଳ୍ପ ଜାରି କରିଛନ୍ତି। ସଂକଳ୍ପରେ ଭୂତଳଜଳ ସର୍ବେକ୍ଷଣ ଲାଗି ଏକ ୧୪ଜଣିଆ କମିଟି ଗଠନ ହୋଇଛି। ବିଭାଗୀୟ ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କମିଟିରେ ଓଡ଼ିଶା ଉଠାଜଳସେଚନ ପରିଚାଳନା ନିର୍ଦ୍ଦେଶକ, ଶିଳ୍ପ ନିର୍ଦ୍ଦେଶକ, ମୃତ୍ତିକ ସଂରକ୍ଷଣ ନିର୍ଦ୍ଦେଶକ, କୃଷି ନିର୍ଦ୍ଦେଶକ, ଜଳସମ୍ପଦ ସର୍ବୋଚ୍ଚଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ସର୍ବୋଚ୍ଚ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସର୍ବୋଚ୍ଚ ଯନ୍ତ୍ରୀ, କ୍ଷୁଦ୍ରଜଳସେଚନ ମୁଖ୍ୟଯନ୍ତ୍ରୀ, ନାବାର୍ଡ ମହାପ୍ରବନ୍ଧକ, ମତ୍ସ୍ୟ ନିର୍ଦ୍ଦେଶକ ଓ ଓର୍‌ସାକ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟ ରହିଥିବାବେଳେ ଭୂତଳ ଜଳ ବିକାଶ ନିର୍ଦ୍ଦେଶକ ଏବଂ ସିଜିଡବ୍ଲୁବି ଆଞ୍ଚଳିକ ନିର୍ଦ୍ଦେଶକ ଆବାହକ ରହିଛନ୍ତି।

ଉକ୍ତ କମିଟି ଆସନ୍ତା ଜୁଲାଇ ୩୧ ତାରିଖ ସୁଦ୍ଧା ତାଙ୍କର ସର୍ବେକ୍ଷଣ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବ। ତେବେ ଏହି ସର୍ବେକ୍ଷଣ ବେଳେ ଭୂତଳ ଜଳସମ୍ପଦ ଆକଳନ ପଦ୍ଧତି-୨୦୧୫ ଅନୁସରଣ କରିବାକୁ ପଡ଼ିବ। ଏହାସହିତ ଜଳଶକ୍ତି ମନ୍ତ୍ରଣାଳୟର ମାର୍ଗଦର୍ଶିକା ଅନୁସରଣ କରିବାକୁ ପଡ଼ିବ ବୋଲି ସଂକଳ୍ପରେ କୁହାଯାଇଛି।

# ଦୁର୍ଘଟଣାରେ ୨ ମୃତ

ଝାରସୁଗୁଡା, ୮।୫(ଆଶିଷ ରଞ୍ଜନ ଦାଶ)


ଶ୍ରୀଧର କିଷାନ

ଝାରସୁଗୁଡା ଜିଲା କୋଲାବିରା ବ୍ଲକ ଅଧୀନ ଡେଙ୍ଗାବରଠାରେ ବୁଧବାର ରାତିରେ ଟ୍ରକ୍ ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଲଇକେରା ବ୍ଲକର ବିଶିଷ୍ଟ କଂଗ୍ରେସ ସଙ୍ଗଠକ ଶ୍ରୀଧର କିଷାନ(୩୮) ଓ ତାଙ୍କ ସମ୍ପର୍କୀୟ ରାୟଧର କିଷାନ(୫୨)। ସୂଚନା ଅନୁସାରେ, ବୁଧବାର ସକାଳେ କୌଣସି କାର୍ଯ୍ୟରେ ଶ୍ରୀଧର ଓ କିଷାନ ବାଇକ (ନଂ.ଓଡି୨୩ଏସ୍-୫୨୭୫)ରେ ଝାରସୁଗୁଡା ଆସିଥିଲେ। ରାତି ପ୍ରାୟ ୯ଟାରେ ସେମାନେ ବାଇକ୍‌ରେ ଫେରିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍(ନଂ. ଓଡି୧୫ଇ-୪୩୮୪) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ଗୁରୁତର ହୋଇଥିଲେ। କୋଲାବିରା ପୋଲିସ ସହାୟତାରେ ଉଭୟଙ୍କୁ ଚିକିତ୍ସା ପାଇଁ ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ରାୟଧରଙ୍କ ମୃତ୍ୟୁ ଘଟିଥିଲା। ଅପରପକ୍ଷରେ ଶ୍ରୀଧରଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ପୂର୍ବାହ୍ନରେ ବ୍ୟବଚ୍ଛେଦ ପରେ ମୃତଦେହ ଦ୍ୱୟକୁ ପୋଲିସ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଦୁର୍ଘଟଣା ପରେ ଟ୍ରକ୍ ଫେରାର ହୋଇଯାଇ। ସୂଚନାଯୋଗ୍ୟ, ଶ୍ରୀଧର କଂଗ୍ରେସର ଜଣେ ବିଶିଷ୍ଟ ସଙ୍ଗଠକ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ଜିଲା କଂଗ୍ରେସର କର୍ମୀମାନେ ଶୋକବ୍ୟକ୍ତ କରିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଶ୍ରୀଧରଙ୍କ ସ୍ତ୍ରୀ କଂଗ୍ରେସରୁ ଜିଲା ପରିଷଦ ପ୍ରାର୍ଥିନୀ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ।

# ଶାହାଙ୍କ ୨ ଦିନିଆ ଓଡ଼ିଶା ଗସ୍ତ ବାତିଲ

ଭୁବନେଶ୍ୱର, ୮।୫(ସୁନିତ୍ ମିଶ୍ର):ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୧୦ରେ ୨ ଦିନିଆ ଓଡ଼ିଶା ଗସ୍ତରେ ଆସିବାର ଥିଲା। ଏନେଇ ସବୁ ପ୍ରକାର ପ୍ରସ୍ତୁତି ସରିଥିବା ବେଳେ ଏବେ ତାହା ବାତିଲ ହୋଇଯାଇଛି। ଭାରତ ଓ ପାକିସ୍ତାନ ଭିତରେ ସୃଷ୍ଟି ହୋଇଥିବା ଯୁଦ୍ଧ ସ୍ଥିତିକୁ ନେଇ ଏହି ଗସ୍ତ କାର୍ଯ୍ୟକ୍ରମ ବାତିଲ କରାଯାଇଥିବା ଭାଜପା ନେତା ଜତିନ ମହାନ୍ତି କହିଛନ୍ତି। ଆଗକୁ ଶାହାଙ୍କ ଓଡ଼ିଶା ଗସ୍ତ ବିଳମ୍ବ ହୋଇପାରେ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ଶାହାଙ୍କ ଗସ୍ତ ଲାଗି ସରକାରୀ ସ୍ତରରେ ସବୁ ପ୍ରକାର ପ୍ରସ୍ତୁତି ଏକ ପ୍ରକାର ଶେଷ ହୋଇସାରିଥିଲା। ତାଙ୍କ ଗସ୍ତ ନେଇ ରୁଟ୍‌ଚାର୍ଟ ପ୍ରସ୍ତୁତି ହେବାଠାରୁ ଆରମ୍ଭକରି ଛାମୁଣ୍ଡିଆ ମଧ୍ୟ ବନ୍ଧାସରିଥିଲା। ହେଲେ ପହଲଗାମ୍ ଆକ୍ରମଣର ପ୍ରତିଶୋଧ ଭାବେ ଭାରତର ସିନ୍ଦୂର ଅପରେଶନ ପରଠାରୁ ପାକିସ୍ତାନ ସହ ଏକ ଯୁଦ୍ଧ ସ୍ଥିତି ସୃଷ୍ଟିହେବା କାରଣରୁ ଶାହା ଓଡ଼ିଶା ଆସିବେ ନାହିଁ।

# ଲଟେରିରୁ ବଞ୍ଚିତ ହୋଇଥିଲେ ପୁଣି ଆବେଦନ କରିହେବ

### ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ଘରୋଇ ସ୍କୁଲରେ ନାମଲେଖା ପ୍ରସଙ୍ଗ

ଭୁବନେଶ୍ୱର,୮।୫(ସୁଚିସ୍ମିତା ସାହୁ)

ଶିକ୍ଷା ଅଧିକାର ଆଇନ (ଆର୍‌ଟିଇ)-୨୦୦୯ ବଳରେ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ଚଳିତବର୍ଷ ବହୁ ଛାତ୍ରୀଛାତ୍ର ବେସରକାରୀ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଆବେଦନ କରିଥିଲେ। ତେବେ ବିଭିନ୍ନ କାରଣରୁ ପ୍ରଥମ ପର୍ଯ୍ୟାୟ ଲଟେରି ପୂର୍ବରୁ ଅନେକ ଛାତ୍ରୀଛାତ୍ର ଆବେଦନରୁ ବଞ୍ଚିତ ହୋଇଥିଲେ। ସମ୍ପୃକ୍ତ ଛାତ୍ରୀଛାତ୍ରମାନେ ପୁଣି ଥରେ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ ବୋଲି ଗୁରୁବାର ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଏନେଇ ଚିଠି କରାଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟାଳୟରେ ସହାୟତା କେନ୍ଦ୍ର ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହି ସହାୟତା କେନ୍ଦ୍ରରେ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଅନ୍‌ଲାଇନ ଆବେଦନ, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ସମସ୍ୟା ସମାଧାନ କରାଯିବ।

# ୧୪ ଯାଏ ଗ୍ରୀଷ୍ମ ଲହରି

ଭୁବନେଶ୍ୱର, ୮।୫(ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ଗ୍ରୀଷ୍ମ ଲହରି ସହ ଉଷ୍ମ ଓ ଆର୍ଦ୍ର ଅବସ୍ଥା ରହିବାର ସମ୍ଭାବନା ରହିଛି। ୯ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଆଦି ଜିଲାରେ ପ୍ରବଳ ଖରା ଓ ଗୁଳୁଗୁଳି ଅନୁଭୂତ ହୋଇପାରେ। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସୂଚନା ଥାଉକି, ଶୁକ୍ରବାର ରାଜ୍ୟର କେତେକ ଜିଲାକୁ କାଳବୈଶାଖୀ ଆଶଙ୍କା ରହିଥିବାବେଳେ ଗୁରୁବାର କୋରାପୁଟ, ରାୟଗଡା, କନ୍ଧମାଳ ଜିଲାର କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଛି।

# ଯୁଦ୍ଧ ହେଲେ ସାମ୍ନା କରିବାକୁ ରାଜ୍ୟ ସରକାର ପ୍ରସ୍ତୁତ: ମନ୍ତ୍ରୀ

ଭୁବନେଶ୍ୱର, ୮।୫(ସୁନିତ୍ ମିଶ୍ର)

ଭାରତ-ପାକିସ୍ତାନ ଯୁଦ୍ଧ ହେଲେ ଯେଉଁ ପ୍ରକାର ପରିସ୍ଥିତି ସୃଷ୍ଟିହେବ ତାକୁ ସାମ୍ନା କରିବାକୁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ଖାଇବା, ପିଇବା, ଡାଲି, ତେଲ, ଲୁଣ ସବୁକିଛି ମହଜୁଦ ଅଛି, ଯେକୌଣସି ପରିସ୍ଥିତି ହେଲେ ବି କିଛି ଅସୁବିଧା ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁଭଳି ନେତୃତ୍ୱ ନେଉଛନ୍ତି ଏବଂ ଭାରତୀୟ ସେନା ଏତେ ଶକ୍ତିଶାଳୀ ଅଛନ୍ତି ସେମାନେ କେବେହେଲେ ଭାରତର ମଥା ତଳୁ ନୁଆଁଇ ଦେବେ ନାହିଁ। କୌଣସି ପ୍ରକାର କଳାବଜାରକୁ ପ୍ରଶ୍ରୟ ଦିଆଯିବ ନାହିଁ। ଯଦି କେଉଁଠାରେ କଳାବଜାର କରାଯାଏ ତେବେ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ପହଲଗାମ୍‌ରେ ଗତ ୨୨ ତାରିଖରେ ଆତଙ୍କବାଦୀମାନଙ୍କ ଆକ୍ରମଣରେ ୨୬ଜଣ ଭାରତୀୟ ପର୍ଯ୍ୟଟକଙ୍କ ହତ୍ୟା ହେବା ପରେ ଦେଶରେ ଏକ ଭିନ୍ନ ପରିସ୍ଥିତି ସୃଷ୍ଟି ହୋଇସାରିଛି। ଭାରତ ଉକ୍ତ ଆତଙ୍କବାଦୀ ଆକ୍ରମଣର ପ୍ରତିଜବାବରେ ପାକିସ୍ତାନର ଆତଙ୍କବାଦୀ ସଙ୍ଗଠନର ଆଡ୍ଡା ଉପରେ ଆକ୍ରମଣ କରିଛି। ଏଥିରେ ବହୁ ଆତଙ୍କବାଦୀ ମଧ୍ୟ ପ୍ରାଣ ହରାଇଛନ୍ତି। ଏହାପରେ ବର୍ଡରରେ ପାକିସ୍ତାନ ପକ୍ଷରୁ ମଧ୍ୟ ପ୍ରବଳ ଗୁଳିବର୍ଷା କରାଯାଇଛି। ଫଳରେ ଜଣେ ଭାରତୀୟ ସୈନ୍ୟ ଏବଂ କେତେଜଣ ଭାରତୀୟଙ୍କ ମୃତ୍ୟୁ ମଧ୍ୟ ଏଥିଯୋଗୁ ଘଟିଛି, ଏହାକୁ ନେଇ ୨ ଦେଶ ଭିତରେ ଏକ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହୋଇସାରିଛି। କୌଣସି ମୁହୂର୍ତ୍ତରେ ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ନ ହେବ ସେକଥାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଅନ୍ୟପଟେ ଯୁଦ୍ଧ ପରିସ୍ଥିତି ହେଲେ ସାଧାରଣ ଲୋକ କିପରି ନିଜକୁ ପ୍ରସ୍ତୁତ କରିବେ ସେନେଇ ବିଭିନ୍ନ ରାଜ୍ୟରେ ମକ୍ ଡ୍ରିଲ୍ କରାଯାଉଛି। ଲୋକଙ୍କ ସୁରକ୍ଷା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ପାତ୍ର କହିଛନ୍ତି। ସେନେଇ ମନ୍ତ୍ରୀ ପାତ୍ରଙ୍କୁ ପଚାରିବାରୁ ରାଜ୍ୟ ସରକାର ସବୁ ପ୍ରକାର ପ୍ରସ୍ତୁତ ବୋଲି ଉତ୍ତର ରଖିଛନ୍ତି।

# ଖୁବ୍‌ଶୀଘ୍ର ଆରମ୍ଭ ହେବ କୁଳପତି, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା

## ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପୂର୍ବ ସରକାରଙ୍କ ଭୁଲ୍‌କୁ ପ୍ରମାଣିତ କରିଛି : ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୮।୫(ସୁଚିସ୍ମିତା ସାହୁ)

ସୁପ୍ରିମକୋର୍ଟଙ୍କ ରାୟ ପରେ ବିଶ୍ୱବିଦ୍ୟାଳୟ ନିଯୁକ୍ତିର ବାଟ ଫିଟିଛି। ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ଓ ଅଧ୍ୟାପକ ନିଯୁକ୍ତିକୁ ନେଇ ଲାଗିଥିବା ରୋକ୍‌କୁ ବୁଧବାର ସୁପ୍ରିମକୋର୍ଟ ହଟାଇଦେଇଛନ୍ତି। ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୦କୁ ନେଇ ରୁଜୁ ହୋଇଥିବା ମାମଲାର ଶୁଣାଣି କରି ଓଡ଼ିଶାର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ଉପରେ ଲାଗିଥିବା ଅନ୍ତରୀଣ ରହିତାଦେଶକୁ ହଟାଇଛନ୍ତି। ବର୍ତ୍ତମାନ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ଅନୁସାରେ ଓଡ଼ିଶାରେ ବିଶ୍ୱବିଦ୍ୟାଳୟରେ କୁଳପତି ଓ ଅଧ୍ୟାପକ ନିଯୁକ୍ତି ହୋଇପାରିବ। ସୁପ୍ରିମକୋର୍ଟଙ୍କ ଏହି ରାୟକୁ ଗୁରୁବାର ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ କରି କହିଛନ୍ତି, ସୁପ୍ରିମକୋର୍ଟ ଓଡ଼ିଶାର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ଉପରେ ଲାଗିଥିବା ଅନ୍ତରୀଣ ରହିତାଦେଶକୁ ହଟାଇଛନ୍ତି। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପୂର୍ବ ସରକାରଙ୍କ ଦ୍ୱାରା ଅଣାଯାଇଥିବା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୦କୁ ଭୁଲ୍ ସାବ୍ୟସ୍ତ କରିଛି। ଏହା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ନିୟମାବଳୀକୁ ଉଲ୍ଲଂଘନ କରୁଥିଲା ବୋଲି ସ୍ପଷ୍ଟ ପ୍ରତିପାଦିତ ହୋଇଛି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ଓ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ଆଧାରରେ କରାଯିବ। ଖାଲି ପଦବୀଗୁଡ଼ିକୁ ଯଥାଶୀଘ୍ର ପୂରଣ କରାଯିବା ପାଇଁ ପଦକ୍ଷେପ ନିଆଯିବ। ଏଥିସହ ପୂର୍ବ ସରକାରଙ୍କ ଭୁଲ୍ ନିଷ୍ପତ୍ତି ପାଇଁ ଉଚ୍ଚଶିକ୍ଷା ନିଯୁକ୍ତିରେ ଆସିଥିବା ସ୍ଥାଣୁତାକୁ ଦୂର କରିବା ପାଇଁ କାର୍ଯ୍ୟ କରାଯିବ।


ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ରାଜ୍ୟରେ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ। ଏହି ନୂତନ ଅଧିନିୟମକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ନିୟମାବଳୀ ସହ ସମନ୍ୱୟ ରକ୍ଷା କରି ଅଣାଯାଇଛି। ବିଧାନସଭାରେ ରାତିତମାମ ଆଲୋଚନା ହେବାପରେ ବିଧେୟକ ପାରିତ ହେବା ଏବଂ ରାଜ୍ୟପାଳଙ୍କ ସ୍ୱୀକୃତି ଲାଭ କରି ଏହି ନୂତନ ଅଧିନିୟମ ଆସିବା ଦ୍ୱାରା ଉଚ୍ଚଶିକ୍ଷା କ୍ଷେତ୍ରରେ ନୂତନ ସୂର୍ଯ୍ୟୋଦୟ ହୋଇଛି। ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତାକୁ ସୁନିଶ୍ଚିତ କରିବା, ଶୈକ୍ଷିକ ସଂସ୍କୃତିକୁ ବଜାୟ ରଖିବା ସହ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯିବ। ଏଥିସହ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ଏକ ମାଇଲ ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ମତପ୍ରକାଶ କରିଛନ୍ତି।




ସମସ୍ତଙ୍କ ସହିତ ଓ ସବୁ ସହିତ ତୁମେ ଯେତିକି ଯେତିକି ଏକାତ୍ମ ହେବ- ତୁମର ସେତିକି, ସେତିକି ଅଭ୍ୟୁଦୟ ହେବ। କାହାଠାରୁ କିଛି ନେବା ପରିବର୍ତ୍ତେ ତୁମେ ଅନ୍ୟକୁ ନିଜ ଆଡୁ ଦେଇଚାଲ। ତୁମେ ଯେତିକି ଦେଇ ଚାଲିବ - ସେତିକି ବିକଶିତ ହୋଇଉଠିବ। -ଶ୍ରୀମା



# ସିରିଆରେ ଇସ୍ରାଏଲର ରଣନୀତି



ବାରାକ ବର୍ଫ

ଦୀର୍ଘଦିନର ଗୋଷ୍ଠୀଗତ ହିଂସା, ଅପହରଣ ଏବଂ ସୀମାପାର ସଂଘର୍ଷ ପରେ ସିରିଆର ଅନୁଭବହୀନ ନୂଆ ସରକାର ପାଇଁ ଶେଷରେ ଏକ ପଡ଼ୋଶୀର ଆବଶ୍ୟକତା ପଡ଼ିପାରେ, ଯାହା ଏବେ ଇସ୍ରାଏଲ କରୁଛି। ଇସ୍ରାଏଲ ଅନ୍ୟ ଦେଶଗୁଡ଼ିକରେ ମିଳିଟାରି ଘାଟି ନିର୍ମାଣ କରି ବଫର ଜୋନ୍‌ରୁ ସେହିସବୁ ଦେଶର ସେନାକୁ ହଟାଇ ଦେବା ସହ ସେନା ଠିକଣାଗୁଡ଼ିକୁ ଆକ୍ରମଣ କରୁଛି। ଏହା ସହ ସୁରକ୍ଷା କର୍ମଚାରୀଙ୍କୁ ହତ୍ୟା କରୁଛି। ଏହା ତାହାର ଜଣାଶୁଣା ରଣନୀତି, ଯେଉଁଥିରେ ଆରବୀୟ ଦେଶଗୁଡ଼ିକରେ ସୁନ୍ନି ସଂଖ୍ୟାବହୁଳଙ୍କ ବିରୋଧରେ ଶିଆ ସଂଖ୍ୟାଲଘୁ ଗୋଷ୍ଠୀଙ୍କୁ ସମର୍ଥନ କରୁଛି। କିନ୍ତୁ ସିରିଆରେ ଏହା ଆରମ୍ଭ କରିଥିବା ଏହି ରଣନୀତିକୁ ଓଲଟା ଲାଗୁଛି ଓ ବିପଦକୁ ବରଣ କରୁଛି। ମଧ୍ୟପ୍ରାଚ୍ୟରେ ଇସ୍ରାଏଲର ପଡ଼ୋଶୀ ଦେଶ ଲେବାନନ ଓ ସିରିଆରେ ବିବିଧତା ରହିଛି। ସିରିଆ ଜନସଂଖ୍ୟାରେ ସୁନ୍ନି ଆରବୀୟ ହେଉଛନ୍ତି ୬୫ ପ୍ରତିଶତ ଏବଂ ଏମାନଙ୍କ ସଂଖ୍ୟା ଇଜିପ୍ଟ (୯୦ ପ୍ରତିଶତ)ଠାରୁ ବହୁତ କମ୍। ସିରିଆ ଜନସଂଖ୍ୟାର ଅବଶିଷ୍ଟ ୩୫ ପ୍ରତିଶତରେ ଅଛନ୍ତି ଶିୟାବିରୋଧୀ ଗୋଷ୍ଠୀ, ସୁନ୍ନି କୁର୍ଦ୍ଦ ଓ ଖ୍ରୀଷ୍ଟିଆନଙ୍କ ସମେତ ଅନେକ ବହୁ ଇସଲାମୀୟ ଗୋଷ୍ଠୀ। ଏଭଳି ବିବିଧତାକୁ ନିୟନ୍ତ୍ରଣ କରିବା ହାୟତ ତାହିରିର୍ ଅଲ୍ ଶାମ (ଏଚ୍‌ଟିଏସ୍) ପାଇଁ ଆହ୍ୱାନପୂର୍ଣ୍ଣ। ଏଚ୍‌ଟିଏସ୍ ସିରିଆର ପୂର୍ବତନ ରାଷ୍ଟ୍ରପତି ବସର ଅଲ୍ ଅସାଦଙ୍କୁ ଡିସେମ୍ବରରେ ଗାଦିଚ୍ୟୁତ କରି କ୍ଷମତା ଦଖଲ କରିଥିଲା। ଏହାର ଅଲକାଏଦା କ୍ୟାଡରମାନେ ବିଶ୍ୱାସ କରନ୍ତି ଯେ, ଆରବୀୟ ସୁନ୍ନିମାନେ ଇସଲାମିକ ଜଗତରେ ସବୁ ଅଧିକାର, କ୍ଷମତାର ଅଧିକାରୀ ହେବା ଉଚିତ। ଏଚ୍‌ଟିଏସ୍ ନେତୃତ୍ୱ ଏହାର ଧର୍ମୀୟ ଉତ୍ସାହକୁ ନିୟନ୍ତ୍ରଣ କରୁଥିବାବେଳେ, ଏହାର ତୃଣମୂଳସ୍ତରରେ ଥିବା କେତେକ ସୈନ୍ୟଙ୍କ ମଧ୍ୟରେ ଏଭଳି ଧାରଣା ନାହିଁ। ଅସାଦଙ୍କ ଅଲୱି ଗୋଷ୍ଠୀ (ଶିଆ ସମ୍ପ୍ରଦାୟ ମୁସଲମାନର ଏକ ଶାଖା) ହେଉଛନ୍ତି ସିରିଆ ଜନସଂଖ୍ୟାର ୧୨ ପ୍ରତିଶତ। ଗତ ମାର୍ଚ୍ଚରେ ଏଚ୍‌ଟିଏସ୍ ଓ ଅଲୱିଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ଅଲୱିର ୧,୦୦୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ହିଂସା ଅସ୍ଥିର ସରକାରକୁ ସମର୍ଥନ କରୁଥିବା ଖ୍ରୀଷ୍ଟିଆନଙ୍କୁ ଚିନ୍ତାରେ ପକାଇଥିଲା। ଏହି ସମୟରେ ତୁର୍କୀ ସମର୍ଥିତ ଗୋଷ୍ଠୀ ଉତ୍ତର ପଶ୍ଚିମରେ କୁର୍ଦ୍ଦ ନେତୃତ୍ୱାଧୀନ ସିରିଆନ୍ ଡେମୋକ୍ରାଟିକ ଫୋର୍ସେସ୍ ସହ ସଂଘର୍ଷରେ ଲିପ୍ତ ରହିଛନ୍ତି। କିନ୍ତୁ ଏହି ଲଢ଼େଇ ଶିଆ ଇସଲାମ ବିଶ୍ୱାସ ବହୁ ସରକାରଙ୍କ ଅନ୍ୟ ଏକ ଗୋଷ୍ଠୀ ଡ୍ରୁଜଙ୍କ ସହ ହେଉଛି, ଯାହା ସିରିଆ ସରକାରଙ୍କ ପାଇଁ ବଡ଼ ସମସ୍ୟାର କାରଣ ହୋଇଛି। ପ୍ରଫେଟ ମହମ୍ମଦଙ୍କୁ ନିନ୍ଦା ଉପରେ ଜଣେ ଡ୍ରୁଜେ ନେତାଙ୍କର ଏକ ନକଲି ଭିଡିଓ ରେକର୍ଡିଂ ସୋସିଆଲ ମିଡିଆରେ ପ୍ରଚାର ହେବା ଯୋଗୁ ଏହି ଉତ୍ତେଜନା ପ୍ରକାଶ ପାଇଲା ପରେ ମୁଖାପିନ୍ଧା ବନ୍ଧୁକଧାରୀମାନେ ସିରିଆ



ରାଜଧାନୀ ଡାମାସକସ୍ ନିକଟବର୍ତ୍ତୀ ସହର ଜାରାମାନାର ରାସ୍ତାକୁ ଓହ୍ଲାଇ ଆସିଥିଲେ। ଏଚ୍‌ଟିଏସ୍ ସୁରକ୍ଷା ଅଧିକାରୀଙ୍କ ସହ ଲଢ଼େଇ ହେବା ପରେ ଇସ୍ରାଏଲ ଏହି କ୍ଷୁଦ୍ର ଗୋଷ୍ଠୀକୁ ରକ୍ଷା କରିବ ବୋଲି ଘୋଷଣା କରିଥିଲା। ସେବେଠାରୁ ଏହା ଡ୍ରୁଜ ସହିତ ସଂଘର୍ଷରତ ସିରିଆର ସୁରକ୍ଷା ବଳ ସଦସ୍ୟଙ୍କ ଉପରେ ଆକ୍ରମଣ କରିବା ସହ ରାଷ୍ଟ୍ରପତି ଭବନ ନିକଟରେ ବାୟୁସେନା ଦ୍ୱାରା ଆକ୍ରମଣ କରୁଛି। ସିରିଆ ବିରୋଧରେ ଇସ୍ରାଏଲ ଷଡ଼ଯନ୍ତ୍ର କରିବା ନୂଆ କଥା ନୁହେଁ। ଇସ୍ରାଏଲ ସୃଷ୍ଟି ହେବା ପରେ କିଛିମାସ ମଧ୍ୟରେ ତାହାର ବୈଦେଶିକ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ସେଠାରେ ବଳପୂର୍ବକ କ୍ଷମତା ଦଖଲ କରିବା ସମ୍ପର୍କରେ ଚିନ୍ତା କରିଥିଲେ। ୧୯୪୮ ଆରବ -ଇସ୍ରାଏଲ ଯୁଦ୍ଧରେ ସ୍ଥିତି ମଜବୁତ କରିବା ପାଇଁ ସେମାନେ ଏଭଳି କରିଥିଲେ। ବ୍ୟାପକ ଦୃଷ୍ଟିକୋଣରୁ ଦେଖିଲେ, ସୁନ୍ନି କ୍ଷମତାକୁ ଅବଦମିତ କରିବା ପାଇଁ ଇସ୍ରାଏଲ ବହୁ ସମୟରେ ସଂଖ୍ୟାଲଘୁଙ୍କୁ ସମର୍ଥନ କରିଆସିଛି। ଲେବାନନ୍‌ରେ ସଂଖ୍ୟାଲଘୁ ହେଉଛନ୍ତି ଖ୍ରୀଷ୍ଟିଆନ। ୧୯୫୪ରେ, ଇସ୍ରାଏଲର ସେନାଧ୍ୟକ୍ଷ ମୋଶେ ଦୟାନ ଜଣେ ଖ୍ରୀଷ୍ଟିଆନ ମିଳିଟାରି ଅଧିକାରୀ ନିଜକୁ ମାରୋନାଇଟ (ଖ୍ରୀଷ୍ଟିଆନ୍)ର ରକ୍ଷାକର୍ତ୍ତା ଭାବେ ଘୋଷଣା କରିବା ସକାଶେ କହିଥିଲେ ବିଷୟ ସାମ୍ନାକୁ ଆସିଥିଲା। ଲେବାନନ୍‌କୁ ଆକ୍ରମଣ କରିବା ପୂର୍ବରୁ ସେଠାରେ ଇସ୍ରାଏଲ ସହ ତାଳ ଦେଇ ଚାଲିବା ଭଳି ଏକ ଖ୍ରୀଷ୍ଟିଆନ ଶାସନ ପ୍ରତିଷ୍ଠା କରିବା ପାଇଁ ମୋଶେ ଏଭଳି କରିଥିଲେ। ୧୯୭୦ ଦଶକରେ, ଇସ୍ରାଏଲର ପ୍ରଧାନମନ୍ତ୍ରୀ ମେନାଚେନ ବେଗିନ କହିଥିଲେ ଯେ, ଖ୍ରୀଷ୍ଟିଆନଙ୍କ ବିରୋଧରେ ପାଲେଷ୍ଟାଇନ ଲିବରେଶନ ଅର୍ଗାନାଇଜେଶନ (ପିଏଲ୍‌ଓ) ଚଳାଉଥିବା ଗଣହତ୍ୟାକୁ ରୋକିବା ଇସ୍ରାଏଲର କର୍ତ୍ତବ୍ୟ। ସେ ମଧ୍ୟ ଲେବାନନ୍‌ର ଦକ୍ଷିଣ ସୀମାନ୍ତରେ ଏକ ବଫରଜୋନ୍ ସୃଷ୍ଟି କରିବା ଲାଗି ଲେବାନନ୍ ସେନାର ଜଣେ ଖ୍ରୀଷ୍ଟିଆନ ମେଜରଙ୍କୁ ସମର୍ଥନ କରିଥିଲେ। ଏହି ଅଞ୍ଚଳରୁ ଲେବାନନ୍‌କୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ସେ ମନେ କରିଥିଲେ। ୧୯୮୨ରେ, ଲେବାନନ୍ ଉପରେ ଇସ୍ରାଏଲ ଆକ୍ରମଣ କରି ପିଏଲ୍‌ଓକୁ ହଟାଇ ଦେଇଥିଲା ଏବଂ ଜଣେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ବଶିର ଗେମାୟେଲଙ୍କୁ ରାଷ୍ଟ୍ରପତି ଭାବେ ଅବସ୍ଥାପିତ କରିଥିଲା। କିଛିଦିନ ମଧ୍ୟରେ ବଶିରଙ୍କୁ ସିରିଆନ ସୋସିଆଲ ନ୍ୟାଶନାଲିଷ୍ଟ ପାର୍ଟିର ଜଣେ ସଦସ୍ୟ ହତ୍ୟା କରିଥିଲେ। କେବଳ ଏତିକି ନୁହେଁ, ସୁନ୍ନି ଶାସନକୁ ଦୁର୍ବଳ କରିବା ପାଇଁ ମଧ୍ୟ ଇସ୍ରାଏଲ ପଦକ୍ଷେପ ନେଉଛି ଓ ଏଥିରେ ଶିଆ ଦେଶଗୁଡ଼ିକର ସହଯୋଗ ଲୋଡ଼ିଛି। ୧୯୬୦ ଦଶକର ପ୍ରାରମ୍ଭରୁ ଇରାକ୍ ସରକାର ବିରୋଧରେ ଲଢ଼େଇ କରୁଥିବା ଅଳ୍ପସଂଖ୍ୟକ ଭଉରୀ କୁର୍ଦ୍ଦଙ୍କୁ ସମର୍ଥନ କରିବା ଲାଗି ଇରାନର ଶାହାଙ୍କ ସହ ଇସ୍ରାଏଲ କାମ କରିଥିଲା। ଏହି ହସ୍ତକ୍ଷେପର ପରିଣାମ ଏତେ ଭୟାନକ ଥିଲା ଯେ, ସେତେବେଳର ଇରାକ୍ ରାଷ୍ଟ୍ରପତି ସଦାମ ହୁସେନ ଇରାନକୁ ଯାଉଥିବା ସତ୍ତାଲ ଆରବ ନଦୀର ଜଳକୁ ଅଟକାଇଥିଲେ। ଇରାନ କୁର୍ଦ୍ଦଙ୍କୁ ସମର୍ଥନ କରିଥିବା ଯୋଗୁ ସେ ଚୁକ୍ତିକୁ ବନ୍ଦ କରିଥିଲେ। ଇତିହାସକୁ ଦେଖିଲେ ଇସ୍ରାଏଲର ନେତାମାନେ ସିରିଆ ସୀମାରେ ଏକ ଡ୍ରୁଜେ ଅଞ୍ଚଳ ଗଢ଼ିବାକୁ ଚାହୁଁଥିବା ସ୍ପଷ୍ଟ ହୁଏ। ସେଥିପାଇଁ ଇସ୍ରାଏଲ ଏକ ବଫରଜୋନ ସୃଷ୍ଟି କରୁଛି। ସିରିଆ ସରକାର ଏବଂ ସେମାନଙ୍କ ନିଜ ଗୋଷ୍ଠୀର ପାରମ୍ପରିକ ନେତୃତ୍ୱକୁ ବିରୋଧ କରିବାକୁ ଇସ୍ରାଏଲ ଗୁରୁତ୍ୱପୂର୍ଣ୍ଣ ଡ୍ରୁଜେ ବ୍ୟକ୍ତିତ୍ୱମାନଙ୍କୁ ଚିହ୍ନଟ କରିଛି। ଏହି ପଦକ୍ଷେପକୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିରୋଧୀ ନେତା ପର୍ଯ୍ୟନ୍ତ ସମସ୍ତଙ୍କର ବ୍ୟାପକ ସମର୍ଥନ ଅଛି। ସେମାନଙ୍କ ମତ ହେଉଛି ଏକ ବିଭାଜିତ ସିରିଆ ଆଞ୍ଚଳିକ ଓ ଗୋଷ୍ଠୀଗତ ଉତ୍ତେଜନା ଇସ୍ରାଏଲ ପ୍ରତି ବିପଦ। କିନ୍ତୁ ଏହି ଦୃଷ୍ଟିକୋଣ ଅଦୂରଦର୍ଶୀ। ତେବେ ବିଦ୍ରୋହ ଓ ବିଭାଜନ ଏଚ୍‌ଟିଏସ୍ ସରକାରର ପତନ ଘଟାଇପାରେ। ଏଚ୍‌ଟିଏସ୍ ଏବଂ ସିରିଆର ଉତ୍ତରଭାଗରେ ଥିବା ଗୋଷ୍ଠୀଗୁଡ଼ିକୁ ତୁର୍କୀମାନେ ସମର୍ଥନ କରୁଛନ୍ତି ଏବଂ ଦେଶ ଭିତରେ ସୈନ୍ୟ ପୁନୟନ କରିପାରନ୍ତି। ଇରାକ ଓ ସିରିଆରେ ପୁଣି ମୁଣ୍ଡ ଟେକୁଥିବା ଇସଲାମିକ ଷ୍ଟେଟ୍ ଏଚ୍‌ଟିଏସ୍‌ର ପତନଜନିତ ଅରାଜକତାରୁ ଫାଇଦା ଉଠାଇ ପ୍ରଭାବ ବିସ୍ତାର କରିପାରେ, ଯାହା ୨୦୧୧ରେ ସିରିଆ ଗୃହଯୁଦ୍ଧ ଆରମ୍ଭ ବେଳେ କରିଥିଲା। ଗେମାୟେଲଙ୍କ ହତ୍ୟା ପରେ ୧୯୮୨ରେ ଦକ୍ଷିଣ ଲେବାନନରେ ତା'କ୍ଷମତା ବଢ଼ାଇଥିଲା। ୨୦୦୦ ସୁଦ୍ଧା ହିଜବୁଲ୍ଲା ଲେବାନନ୍ ଅଞ୍ଚଳରୁ ଇସ୍ରାଏଲଙ୍କୁ ତଡ଼ି ଦେଇଥିଲା ଏବଂ ୨୦୦୬ରେ ଏକ ବିଧ୍ୱଂସକ ଯୁଦ୍ଧ ଆରମ୍ଭ କରିଥିଲା, ଯାହା ଅମୀମାଂସିତ ହୋଇ ରହିଯାଇଥିଲା। ଇସ୍ରାଏଲ ଅସାଦଙ୍କ ଶାସନ ଭୁଶୁଡ଼ି ପଡ଼ିବା ପରେ ମଧ୍ୟପ୍ରାଚ୍ୟକୁ ନିୟନ୍ତ୍ରଣ କରିବା ସ୍ଥିତି ହାସଲ କରିଛି ଓ ତାହାର ପ୍ରାଧାନ୍ୟ ବଢ଼ାଇଛି। ତିଷ୍ଠି ରହିବାକୁ ଚେଷ୍ଟା କରୁଥିବା ତଥା ଦୃଢ଼ ପଡ଼ୋଶୀ ସହ ଯୁଦ୍ଧ କରିବାକୁ ଚାହୁଁ ନ ଥିବା ଏକ ସରକାରକୁ ଅସ୍ଥିର କରି ଇସ୍ରାଏଲ ନିଜର ସ୍ଥିତିକୁ ମଜବୁତ କରିବା ଲକ୍ଷ୍ୟରେ ଅଛି, କିନ୍ତୁ କିଛି କରିପାରିନାହିଁ। ଅନ୍ୟପଟେ ନିଜ ପ୍ରତି ସଙ୍କଟ ସୃଷ୍ଟି କରୁଥିବା ଏକ ନୀତି ଏକ ନୂଆ ବଡ଼ ବିପଦକୁ ବରଣ କରିବା ପାଇଁ ବାଟ ଦେଖାଉଛି।

**ପୂର୍ବତନ ରିସର୍ଚ୍ଚ ଫେଲୋ (ନ୍ୟୁ ଆମେରିକା)**

# 'ଲଗ୍‌ଆଉଟ' କରିବା ସମୟ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଟିକେ ଭାବନ୍ତୁ, ସୂର୍ଯ୍ୟଙ୍କ ପ୍ରଥମ କିରଣ ନୁହେଁ ବରଂ ମୋବାଇଲ ସ୍କ୍ରିନ ଆପଣଙ୍କୁ ଜାଗ୍ରତ କରେ। ଦିନର ବ୍ୟସ୍ତତା ନୁହେଁ ବରଂ ନୋଟିଫିକେସନର ପ୍ରତିଧ୍ୱନି ଆପଣଙ୍କ ହୃଦୟର ସ୍ପନ୍ଦନକୁ ଦିଗ୍‌ଦର୍ଶନ ଦିଏ। ଏବେ ସମ୍ପର୍କର ଉଷ୍ମତା ମଧ୍ୟ ସ୍କ୍ରିନ୍ ଆଲୋକରେ ଲୁପ୍ତ ହେଉଛି। ଦିନେ ଆମେ ଯୋଗାଯୋଗରେ ରହୁଥିଲେ, ଏବେ ସଙ୍କେତରେ ନିଃଶ୍ୱାସ ନେଉଛେ। ସମ୍ପ୍ରତି Zee5ରେ ମୁକ୍ତିଲାଭ କରିଥିବା ଫିଲ୍ମ 'ଲଗ୍‌ଆଉଟ' କେବଳ ଏହି ଭୟଙ୍କର ଅଭ୍ୟାସ ଆଡ଼କୁ ଇଙ୍ଗିତ କରିନାହିଁ ବରଂ ସେହି ଲୋକମାନଙ୍କୁ ସିଧାସଳଖ ଚାପୁଡ଼ା ମାରିଛି, ଯେଉଁମାନେ ଏବେପର୍ଯ୍ୟନ୍ତ ସ୍ମାର୍ଟଫୋନ୍‌କୁ ନିଜର ସବୁଠାରୁ ଭଲ ବନ୍ଧୁ ବୋଲି ମାନୁଛନ୍ତି। ଫିଲ୍ମ ଶେଷ ହେବା ପରେ ଦର୍ଶକ ସିନେମା ହଲରେ ଚୁପ୍ ହୋଇ ବସି ରହିଥିଲେ। ହୁଏତ ସେମାନେ ନିଜ ଭିତରେ କିଛି ନୀରବ ଚିତ୍କାର ଶୁଣିପାରୁଥିଲେ।

ଆମେ ଜାଣିଛେ ବର୍ତ୍ତମାନ ଜଣେ ସାଧାରଣ ଭାରତୀୟ ମୋବାଇଲ ସ୍କ୍ରିନରେ ଦିନକୁ ୭ ଘଣ୍ଟାରୁ ଅଧିକ ସମୟ ବିତାଇଥାଏ। ଯଦି ଆମେ ଏଥିରେ ଲାପଟପ, ଟିଭି ଏବଂ ଅନ୍ୟାନ୍ୟ ଡିଜିଟାଲ ଡିଭାଇସ ଯୋଡ଼ିବା ତେବେ ସଂଖ୍ୟା ୧୦ ଘଣ୍ଟା ଅତିକ୍ରମ କରିଯାଏ, ଅର୍ଥାତ୍ ଜଣେ ବ୍ୟକ୍ତି ଭର୍ଚ୍ଚୁଆଲ ଦୁନିଆରେ ତାଙ୍କ ଜୀବନର ପ୍ରାୟ ଅଧା ହରାଉଛନ୍ତି। ସେହି ସମୟରେ ପିଲାଙ୍କୁ କାହାଣୀ କହିପାରିବେ, ମାଆଙ୍କ ଭଲ ମନ୍ଦ ବିଷୟରେ ପଚାରିପାରିବେ କିମ୍ବା ଏକ ପୁରୁଣା ପୁସ୍ତକ ବାହାର କରି ମନ ଭିତରେ ଉପୁଜୁଥିବା ଦୁଶ୍ଚିନ୍ତା ଦୂର କରିପାରିବେ। ଆମେ ମୋବାଇଲ ନିଶାକୁ 'ସ୍ମାର୍ଟ' ହେବାର ପ୍ରତୀକ ବୋଲି ବିଚାର କରୁ। ଏହା ଏକ ଅଦ୍ଭୁତ ବିଡ଼ମ୍ବନା ଯେ ସାରା ବିଶ୍ୱ ବିଷୟରେ ସୂଚନା ଦେବାକୁ ପ୍ରତିଶ୍ରୁତି ଦେଉଥିବା ଡିଭାଇସ ଆମକୁ ଆମ ନିଜ ଲୋକଙ୍କ ବିଷୟରେ ଅଜ୍ଞ କରିଦେଉଛି। ଅଧ୍ୟୟନରୁ ଜଣାପଡ଼ିଛି ଯେ ସ୍କ୍ରିନରେ ଅତ୍ୟଧିକ ସମୟ ବିତାଇବା କେବଳ ନିଦ କମ୍ କରେ ନାହିଁ ବରଂ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଏ। ଡିଜିଟାଲ ଡିପ୍ରେସନ, ସୋସିଆଲ ମିଡିଆ ଚିନ୍ତା ଏବଂ ଫୋମୋ (ହରାଇବା ଭୟ) ଭଳି ନୂତନ ବ୍ୟାଧି ସମସ୍ତ ଯୁବପିଢ଼ିଙ୍କ ମନକୁ ଆକ୍ରମଣ କରିଛି।

ମଣିଷ ଆଉ 'ଏକା ନୁହେଁ', ତାକୁ ସବୁବେଳେ 'ଅନ୍‌ଲାଇନ' ରହିବାକୁ ପଡ଼େ। ଯାହା ପାଖରେ ଗୋଟିଏ କ୍ଲିକ୍‌ରେ ଦୁନିଆକୁ ବଦଳାଇବାର ଶକ୍ତି ଥିଲା ସେ ବର୍ତ୍ତମାନ ଗୋଟିଏ କ୍ଲିକ୍‌ର ଦାସ ହୋଇଗଲାଣି। ଏଠାରେ ଏହା ବୁଝିବା ମଧ୍ୟ ଆବଶ୍ୟକ ହେବ ଯେ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ଜାଣିଶୁଣି ଡୋପାମିନ ଟ୍ରିଗର ଅନୁସାରେ ଏହି ପ୍ଲାଟଫର୍ମଗୁଡ଼ିକୁ ଡିଜାଇନ କରନ୍ତି। ଆପଣ ଏକ ବିଜ୍ଞପ୍ତି ପାଆନ୍ତି, ମନ ଖୁସି ହୁଏ ଏବଂ ସମାନ ପ୍ରକ୍ରିୟା ଖୋଜିବା ପାଇଁ ବାରମ୍ବାର ସେହି ପ୍ଲାଟଫର୍ମ ଫେରିଆସନ୍ତି। ଏହା କୌଣସି ସଂଯୋଗ ନୁହେଁ ବରଂ ଫେସବୁକ, ଇନ୍‌ଷ୍ଟାଗ୍ରାମ୍, ମୋଜ, ଟିକ୍‌ଟକ୍ ଭଳି କମ୍ପାନୀଗୁଡ଼ିକ ଆପଣଙ୍କୁ 'ସ୍କ୍ରୋଲିଂ ନିଶା'ରେ ଫସାଇବା ପାଇଁ ମନସ୍ତାତ୍ତ୍ୱିକ କୌଶଳ ବ୍ୟବହାର କରନ୍ତି।

କିନ୍ତୁ ଦୋଷ କେବଳ ଟେକ୍ନୋଲୋଜିର ନୁହେଁ, ଆମେ ନିଜେ ଆମର ସମୟ, ଧ୍ୟାନ ଏବଂ ଜୀବନକୁ ବାଛିବା ଲାଗି ଲଗାଇବାକୁ ପ୍ରସ୍ତୁତ। ଯେଉଁମାନେ ଡିଜିଟାଲ ଡିଟକ୍ସ ବିଷୟରେ କଥା ହୁଅନ୍ତି, ସେମାନେ ନିଜେ ମଧ୍ୟ ଏକ ଫଟୋ ଅପଲୋଡ କରିବା ପରେ ୫୦ ଥର ଯାଞ୍ଚ କରି ଦେଖନ୍ତି ଯେ ଏହାକୁ କେତେ ଲାଇକ ମିଳିଛି। ଆତ୍ମମୁଗ୍ଧତା ଏବଂ ଶୋ-ଅଫର ଏହି ଦୌଡ଼ରେ ଆମେ କେବଳ ନିଜକୁ ହରାଇ ନାହୁଁ, ବରଂ ପରବର୍ତ୍ତୀ ପିଢ଼ିକୁ 'ଡିଜିଟାଲ ନିଶା'ରେ ଆଶ୍ରିତ କରିଛୁ। 'ଲଗ୍‌ଆଉଟ' ଭଳି ଫିଲ୍ମଗୁଡ଼ିକ କେବଳ ଏକ କାହାଣୀ ଦେଖାଏ ନାହିଁ, ବରଂ ସେମାନେ ଆମକୁ ଏକ ଦର୍ପଣ ଦେଖାନ୍ତି, ଏହି ଦର୍ପଣ ଯେଉଁଥିରେ ଆମେ ଆମର ମୁହଁ ଦେଖିପାରୁନାହୁଁ, ବରଂ ଏକ ବଙ୍କା ବେକ, କ୍ଳାନ୍ତ ଆଖି ଏବଂ ସର୍ବଦା ବ୍ୟସ୍ତ ରହିବାର ଭ୍ରମ ଦେଖିବାକୁ ମିଳେ।

ଏପରି ପରିସ୍ଥିତିରେ, ଏବେ ନିଜକୁ ପ୍ରଶ୍ନ ପଚାରିବାର ସମୟ ଆସିଛି। ଆମେ କ'ଣ ଏବେ ଭାବିବୁ ଯେ ସ୍କ୍ରିନ୍ ସମୟ ଏକ ବ୍ୟକ୍ତିଗତ ପସନ୍ଦ, ନା ଆମେ ଏହାକୁ ଏକ ସାମାଜିକ ବିପଦ ଭାବରେ ଦେଖିବୁ? ଆମେ କ'ଣ ଏବେ ବି ମୋବାଇଲକୁ ପିଲାର ଖେଳଣା ବୋଲି ଭାବି ଏଥିରେ 'ସ୍ଲୋ ବିଷ' ମିଶ୍ରଣ କରିବୁ? ସଂପୃକ୍ତ ରହି କ'ଣ ନିଜଠାରୁ 'ବିଚ୍ଛିନ୍ନ' ରହିବୁ? ସମୟର ଆବଶ୍ୟକତା ହେଉଛି ଏହି 'ଲଗ୍‌ଆଉଟ' ତାକୁ କେବଳ ଏକ ଫିଲ୍ମର ବାର୍ତ୍ତା ନ ଭାବି ଏହାକୁ ଜୀବନରେ ପରିବର୍ତ୍ତନ ଆଣିବାର ଏକ ସୁଯୋଗ ଭାବିବା ଉପରେ ବିବେଚନା କରିବା ଉଚିତ।

**ନୟାଗଡ଼, ମୋ: ୯୪୩୭୬୪୨୭୪୭**

## ଏଇ ଭାରତରେ

ଏବେ ଯିଏ ବାହାରକୁ ଯାଉଛନ୍ତି ଶୋଷ ହେଲେ ପ୍ଲାଷ୍ଟିକ ପାଣି ବୋତଲ କିଣି ପିଉଛନ୍ତି ଓ ପରେ ତାହାକୁ ଏଣେତେଣେ ଫିଙ୍ଗି ଦେଉଛନ୍ତି। ରାସ୍ତାର ଦୁଇପାଖକୁ ଚାହିଁଲେ ଖାଲି ପାଣି ବୋତଲ ପଡ଼ିଥିବା ମଧ୍ୟ ଦେଖିପାରିବେ। ଏହା ଅନେକ ବର୍ଷ ଧରି ପଡ଼ିରହି ମାଟି, ପାଣି ଓ ପବନ ସର୍ବୋପରି ପରିବେଶକୁ କ୍ଷତି କରିଛି। ଏଣୁ ଏଭଳି ସମସ୍ୟା ଦୂର କରିବା ଲାଗି କେରଳର ଦୁଇ ଯୁବପିଢ଼ି କୋକାଟ ଏବଂ ଅଲି ମାଟିରୁ ଏକ ପ୍ରକାର ବୋତଲ ତିଆରି କରୁଛନ୍ତି, ଯାହା ପୁରା ପ୍ଲାଷ୍ଟିକ ଭଳି ଦେଖାଯାଉଛି ଓ ୩ ମାସ ମଧ୍ୟରେ ମାଟିରେ ସମ୍ପୂର୍ଣ୍ଣ ମିଶିଯାଇପାରୁଛି। ପ୍ରଦୀପ ଓ ଅଲି 'ବାୟୋ ଗ୍ରିନ୍' ଷ୍ଟାର୍ଟଅପ ମାଧ୍ୟମରେ ଏହା କରୁଛନ୍ତି। ମକା ଓ ଆଖୁ ବର୍ଜ୍ୟରୁ ଏକ ପ୍ରକାର ପଲିଲାକଟାଇଡ (ଏକ ପ୍ରକାର ଜୈବିକ ପଦାର୍ଥ) ପ୍ରସ୍ତୁତ କରି ସେଥିରୁ ବାୟୋ ପ୍ଲାଷ୍ଟିକ ତିଆରି କରୁଛନ୍ତି। ଏହି ବାୟୋ ପ୍ଲାଷ୍ଟିକ ଯେଉଁ ବୋତଲ ତିଆରି କରାଯାଉଛି ତାହା ଅବିକଳ ପ୍ଲାଷ୍ଟିକ ଭଳି ଦେଖାଯାଉଛି। ସେମାନେ ୧୦୦ ମିଲିଲିଟରରୁ ୧ ଲିଟର ପାଣି ରଖୁଥିବା ବୋତଲ ତିଆରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୯ ମେ ୧୯୭୬

- ବାଲେଶ୍ୱର ମ୍ୟୁନିସିପାଲିଟିରେ ଶତବାର୍ଷିକୀ ଅନୁଷ୍ଠିତ ହେବାକୁ ଯାଉଥିବା ଅବସରରେ ମୁଣ୍ଡ ବୋଝରେ ମଇଳା ବୋହିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି।
- ରାଷ୍ଟ୍ର ବିରୋଧୀ କାର୍ଯ୍ୟକଳାପ ଲାଗି ୧୧ ଜଣ କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବରଖାସ୍ତ କରାଯାଇଛି।

## su do ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | | | | 6 | 7 |
| | 3 | | 6 | | | 1 | | |
| 9 | | | | | | 8 | | |
| | | 4 | 5 | | | 9 | | |
| | | 3 | 4 | | | | | 1 |
| | 7 | | | | | | 5 | |
| | 1 | | | | 7 | 5 | 2 | |
| | | 9 | | | 5 | | | |
| | 6 | | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 3 | 9 | 7 | 2 | 1 | 8 | 6 |
| 9 | 7 | 2 | 6 | 1 | 8 | 3 | 4 | 5 |
| 6 | 8 | 1 | 4 | 3 | 5 | 2 | 9 | 7 |
| 4 | 1 | 7 | 3 | 5 | 9 | 8 | 6 | 2 |
| 3 | 9 | 8 | 1 | 2 | 6 | 7 | 5 | 4 |
| 2 | 6 | 5 | 7 | 8 | 4 | 9 | 3 | 1 |
| 8 | 5 | 9 | 2 | 6 | 7 | 4 | 1 | 3 |
| 1 | 2 | 4 | 5 | 9 | 3 | 6 | 7 | 8 |
| 7 | 3 | 6 | 8 | 4 | 1 | 5 | 2 | 9 |

ଗତକାଲିର ଉତ୍ତର

# ପୁତ୍ରମୋହ



ଡ. ଦ୍ୱିତୀଚନ୍ଦ୍ର ସାହୁ

ପଟ୍ଟନାୟକବାବୁ ଚାକିରିରୁ ଅବସର ନେବା ପରେ ସ୍ତ୍ରୀଙ୍କ କଥା ମାନିଲେ। ଅବସରକାଳୀନ ଅର୍ଥରେ ଅନ୍ୟ ଏକ ସହରରେ ଗୋଟିଏ ଫ୍ଲାଟ୍ ନେଲେ। ଘର ପ୍ରତିଷ୍ଠା ବି ଧୁମଧାମରେ କଲେ। ଅବସର ପରବର୍ତ୍ତୀ ଜୀବନ ସୁଖରେ କଟେଇବା ଲାଗି ଘରକୁ ସଜେଇଲେ। ଖୁସିର ଜୀବନ ଆରମ୍ଭ ହେଲା। ତା'ର ମାତ୍ରପୁଅ ବେଙ୍ଗାଲୁରୁରେ ଆଇଟିରେ ଚାକିରି। ତା'ସ୍ତ୍ରୀ ପିଲା ଧରି ସେ ସେଠି ରହୁଥିଲା। ପଟ୍ଟନାୟକବାବୁଙ୍କ ଘରକୁ ନାତିଟୋକାର ଆବିର୍ଭାବ ପରେ ଅସଲି ଦୁଃଖ ଆରମ୍ଭ ହେଲା। ନାତି ଯେତେବେଳେ ସ୍କୁଲ ଯିବା ଆରମ୍ଭ କଲା ସେତେବେଳେ ପୁଅର ଏକ ପ୍ରସ୍ତାବ ଶୁଣି ଚମକିଗଲେ ପଟ୍ଟନାୟକବାବୁ। ପୁଅ କହିଲା, ''ବାପା! ପୁଅର ସ୍କୁଲ ଓ ରହିବା ଗୋଟିଏ ସ୍ଥାନରେ। ମୋ ଚାକିରି ଅନ୍ୟ ସ୍ଥାନରେ। ବହୁ ସମସ୍ୟା ହେଉଛି। ଦୀର୍ଘ ପଥ ଯିବା ଆସିବା ଅସହ୍ୟ ହେଲାଣି। ଏଠାକାର ଫ୍ଲାଟ୍ ବିକ୍ରିକରି ବେଙ୍ଗାଲୁରୁରେ ଗୋଟେ ଫ୍ଲାଟ୍ କିଣିବି ଭାବୁଛି। ସେଠି ଆମେ ସମସ୍ତେ ରହିବା।'' ପଟ୍ଟନାୟକବାବୁ ପୁଅର ପ୍ରସ୍ତାବରେ ଅରାଜିହେଲେ। ଘର ବିକ୍ରି ପାଇଁ ସହମତି ଦେଲେନି। ମା'ବାପା ଓ ପୁଅଙ୍କ ମଧ୍ୟରେ ଯୁକ୍ତିତର୍କ ଓ କଥା କଟାକଟି ହେଲା। ଶେଷରେ ବାପାମା'ଙ୍କୁ ଘରୁ ବେଦଖଲ କଲା ପୁଅ। ମଧ୍ୟସ୍ଥ ଲଗେଇ ଘର ବିକ୍ରିକରି ବେଙ୍ଗାଲୁରୁରେ ବଡ଼ ଫ୍ଲାଟ୍ କିଣିଲା। ପଟ୍ଟନାୟକବାବୁ ତେଣିକି ଅସହାୟ ହୋଇପଡ଼ିଲେ। ଦି ବଖରିଆ ଛୋଟ ଭିଶଘର ଭଡ଼ାନେଇ ନିଜ ପେନ୍‌ସନ ଅର୍ଥରେ ବୁଢ଼ାବୁଢ଼ୀ ଜୀବନ ଜିଇବା ଆରମ୍ଭ କଲେ। ସହକର୍ମୀ ବନ୍ଧୁମାନେ ପଟ୍ଟନାୟକବାବୁଙ୍କ ଏଭଳି ଅବସ୍ଥା ଦେଖି ଚହଟ ହେଲେ। ସେତେବେଳେ ପଟ୍ଟନାୟକବାବୁ କହିଲେ - ''ଏସବୁ ଭାଗ୍ୟର ଦୋଷ ନୁହେଁ। ମୋର ଦୋଷ। ଫ୍ଲାଟ୍ କିଣିଲାବେଳେ ଯଦି ମୋ ନାମରେ କିଣିଥାନ୍ତି ତେବେ ଏତେ ଦୁର୍ଦ୍ଦଶା ହୋଇ ନ ଥାନ୍ତା। ପୁତ୍ରମୋହରେ ପଡ଼ି ଅତିଶୟ ବିଶ୍ୱାସରେ ଏକମାତ୍ର ପୁଅ ନାମରେ କିଣି ଦେଇଥିଲି ବୋଲି ସେ ମୋତେ ଘରୁ ବେଦଖଲ କରିପାରିଲା। ମୋ ଜୀବନର ୭୯ ବର୍ଷ ମଧ୍ୟରେ ମୁଁ କେବେ ଭାବି ନ ଥିଲି ଯେ ମୋର ଯାହା ଥିଲା ତାହା ଦାନ କରିବା ପରେ ମୋତେ ପାରିବାରିକ ବିବାଦକୁ କୋର୍ଟକୁ ନେବାକୁ ପଡ଼ିବ ଏବଂ ମୋ ମୁଣ୍ଡ ଉପରେ ଛାତ ମଧ୍ୟ ରହିବ ନାହିଁ''- ରେମଣ୍ଡ କମ୍ପାନୀର ମାଲିକ ବିଜୟପତ୍ ସିଂଘାନିଆ ମିଡିଆକୁ ଏମିତି କହିଥିଲେ। ୬୦୦୦ କୋଟି ଟଙ୍କାର ମାଲିକ ଏବେ ଘରଭଡ଼ାରେ ରହୁଛନ୍ତି। ବିଶିଷ୍ଟ ଶିଳ୍ପପତି ବିଜୟପତ୍ ସିଂଘାନିଆ ଓ ତାଙ୍କ ପୁଅ ଗୌତମ ସିଂଘାନିଆଙ୍କ ସହ ଚାଲିଥିବା ସମ୍ପତ୍ତି ବିବାଦ ଦେଶବ୍ୟାପୀ ମାତାପିତାଙ୍କ ପାଇଁ ବାର୍ତ୍ତା ଦେଉଛି 'ଆପଣ ପିଲାମାନଙ୍କୁ ଭଲ ପାଆନ୍ତୁ ଏବଂ ସେମାନଙ୍କ ଯତ୍ନ ନିଅନ୍ତୁ, କିନ୍ତୁ ସେମାନଙ୍କୁ ଏତେ ଭଲ ପାଆନ୍ତୁ ନାହିଁ ଯେ ତୁମେ ଅନ୍ଧ ହୋଇଯିବ।' ପୁତ୍ରମୋହ ହେଉଛି ଏକ ଅବସ୍ଥା ଯେଉଁଥିରେ ଜଣେ ବ୍ୟକ୍ତି ତାଙ୍କ ପୁଅ ପ୍ରତି ଏତେ ଆକର୍ଷିତ ହୋଇଯାଏ ଯେ ସେ ନ୍ୟାୟ, ଉପଯୁକ୍ତ ଆଚରଣ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଜିନିଷଗୁଡ଼ିକୁ ଭୁଲିଯାଏ। ଏହା ଏକ ବିପଜ୍ଜନକ ଭାବନା ହୋଇପାରେ, ପୁଅ ପାଇଁ ପିତା ନିଜସ୍ୱ ଧର୍ମ ତ୍ୟାଗକରେ ଏବଂ ଦୁନିଆ ସହ ଲଢ଼ିବାକୁ ମଧ୍ୟ ପ୍ରସ୍ତୁତ ହୋଇଯାଏ। ଏହି କାରଣରୁ ଅନେକ ନକାରାତ୍ମକ ପରିଣାମ ସମାଜରେ ଘଟୁଛି। ରାମଙ୍କ ପ୍ରେମରୁ ରାଜା ଦଶରଥ ନିଜ ଜୀବନକୁ ବଳିଦାନ ଦେଇଥିଲେ। ଧୃତରାଷ୍ଟ୍ର ତାଙ୍କ ପୁଅ ପ୍ରତି ଅତିଶୟ ପ୍ରେମ ହେତୁ ମହାଭାରତ ଯୁଦ୍ଧ ସୃଷ୍ଟିକରିଥିଲେ। ପୁତ୍ର ମୋହରେ ଦ୍ରୋଣାଚାର୍ଯ୍ୟ



ଯୁଦ୍ଧକ୍ଷେତ୍ରରେ ଏବଂ ତାଙ୍କର ଅସ୍ତ୍ର ତ୍ୟାଗକଲେ। କର୍ଣ୍ଣଙ୍କ ପାଇଁ ଅଧିରଥ ପ୍ରତ୍ୟେକ ଦୁଃଖ ସହିଲେ। ଭାରତରେ ରାଜନେତାଠାରୁ ବ୍ୟବସାୟୀ ପର୍ଯ୍ୟନ୍ତ ପୁତ୍ରମୋହରେ କ୍ଷତାକ୍ତ ହୋଇଛନ୍ତି ଅନେକେ। ଏମିତିରେ ପୁରାଣ ବର୍ଣ୍ଣିତ କାହାଣୀ ମନେପଡ଼ିଯାଏ। ଅଯୋଧ୍ୟା ଚିତ୍ରକେତୁ ନିଃସନ୍ତାନ ଥିଲେ। ମହର୍ଷି ଅଙ୍ଗିରାଙ୍କୁ ସେ ବାରମ୍ବାର ପୁତ୍ର ପାଇଁ ନିବେଦନ କଲେ। ମହର୍ଷି ପୁତ୍ରମୋହରେ ଆଦୌ ନ ପଡ଼ିବାକୁ ପରାମର୍ଶ ଦେଲେ। କହିଲେ – ମହାରାଜା! ଯେଉଁମାନଙ୍କର ପୁଅ ଅଛି ସେମାନେ ପୁତ୍ରହୀନ ଲୋକଙ୍କ ପରି ଦୁଃଖୀ। ଏଭ ମାୟାଠାରୁ ଦୂରରେ ରହିବା ଭଲ। ତଥାପି ରାଜାଙ୍କ ପୁତ୍ରମୋହ ଦେଖି ସେ ଆଶୀର୍ବାଦ କଲେ। ପରେ ପୁତ୍ରସନ୍ତାନ ଜନ୍ମହେଲା। ରାଜା ଖୁସିହେଲେ। କିନ୍ତୁ ଖୁସି ବେଶିଦିନ ରହିଲା ନାହିଁ। ରାଜାଙ୍କ ଦ୍ୱିତୀୟ ରାଣୀ ପୁତ୍ରକୁ କୌଶଳରେ ମାରିବାରେ ସଫଳ ହେଲେ। ସେତୁ ମହାରାଜା ପୁତ୍ରମୋହରେ ପୁଣିଷ୍ଟ ଅଧୀର ହୋଇଉଠିଲେ। ଦେବର୍ଷି ନାରଦ ରାଜାଙ୍କୁ ବୁଝାଇବାକୁ ଯାଇ କହିଲେ, ଦୁନିଆରେ ଚାରି ପ୍ରକାର ପୁତ୍ର ଅଛନ୍ତି। ପ୍ରଥମ ହେଲା ପୂର୍ବଜନ୍ମର ଶତ୍ରୁ, ଯିଏ ନିଜ ଶତ୍ରୁତାର ପ୍ରତିଶୋଧ ନେବା ପାଇଁ ପୁତ୍ର ହୋଇ ଜନ୍ମ ନେଇଥାଏ। ତାକୁ ଶତ୍ରୁପୁତ୍ର କୁହାଯାଏ। ଦ୍ୱିତୀୟ ହେଲା ପୂର୍ବ ଜୀବନର ଋଣୀ। ସେ ତାଙ୍କର ଋଣ ଆଦାୟ କରିବାକୁ ଆସିଥାନ୍ତି। ହିସାବ ସ୍ଥିର ହୋଇଥାଏ। ପୁତ୍ର ଜୀବନବ୍ୟାପୀ ଦୁଃଖ ଦେଇ ଚାଲିଯାଏ। ଇଏ ଏକ ଭିନ୍ନ ପ୍ରକାର ପୁଅ। ତୃତୀୟ ପ୍ରକାର ପୁଅ ହେଉଛି ଏକ ଉଦାସୀନ ପୁଅ। ବିବାହ ପୂର୍ବରୁ ପିତାମାତାଙ୍କର। ବିବାହ କରିବା ମାତ୍ରେ ସେ ଆଉ କାହାର। ନିଜ ପିତାମାତାଙ୍କଠାରୁ ଅଲଗା ହୋଇଯାଏ। ତା'ଙ୍କ ଶିଶିବା ସମ୍ଭବ ହୋଇପାରେନା। ପୁଅମାନେ ସେତେବେଳେ ପଶୁ ପରି ହୋଇଯାଆନ୍ତି। ଚତୁର୍ଥ ପ୍ରକାର ପୁଅମାନେ ହେଉଛନ୍ତି ଦାସ ପୁଅ। ଦାସ ପୁଅ ନିଜ ମାତାପିତାଙ୍କୁ ପରମେଶ୍ୱରଙ୍କୁ ଦେଖେ। ସେବାକରେ। ସେମାନଙ୍କ ପାଇଁ ମାତାପିତାଙ୍କର ସେବା ହେଉଛି ଈଶ୍ୱରଙ୍କ ସେବା। ଏବେ ଆମ ସମାଜରେ ଦାସପୁତ୍ର କମ୍ ଦେଖିବାକୁ ମିଳୁଛି। ଅବଶିଷ୍ଟ ତିନି ପ୍ରକାର ପୁତ୍ରର ଭାଗ ଅଧିକ ଆଜିକାଲି ବେଶି। ଏଇ କାରଣରୁ ଅଭାଗା ମାତାପିତାମାନେ ପରିଣତ ବୟସରେ ଶତ୍ରୁଋଣି ପୁତ୍ର ପ୍ରତ୍ୟକ୍ଷ କଷ୍ଟରେ। କୁହାଯାଏ ମାତାପିତାମାନଙ୍କୁ ସନ୍ତାନମାନଙ୍କର ସୁଖ ନିଜ କର୍ମ ଅନୁସାରେ ମିଳିଥାଏ। ତେଣୁ ଜଗଦ୍‌ଗୁରୁ ପ୍ରତିଷ୍ଠା ଦ୍ୱାରା ନୁହେଁ। ଯଦି କେହି ଏହା ପାଏ ତେବେ ଏହା କେତେଦିନ ରହିବ ତା'ର ମଧ୍ୟ କୌଣସି ଗ୍ୟାରେଣ୍ଟି ନ ଥାଏ। ଏ ଉକ୍ତିଠାରୁ ଆଉ ଦି'ପାଦ ଆଗକୁ ଯାଇ ଆମ ସହରର ଜଣେ ପ୍ରତିଷ୍ଠିତ ଆଇନଜୀବୀ ମନୋଜବାବୁ ନିଜ ଅଭିଜ୍ଞତାରୁ ସେଦିନ କହିଲେ- ''ଆଜ୍ଞା! ଆଜିକାଲି ପିତାପୁତ୍ର ମଧ୍ୟରେ ସମ୍ପତ୍ତି ବିବାଦ ବଢ଼ିଚାଲିଛି। ତେଣୁ ମୋ ନିକଟକୁ ଆଇନ ସହାୟତା ଲୋଡିବାକୁ ଆସୁଥିବା ପିତାମାତାଙ୍କୁ ଏକ ମାତ୍ର ମାଗଣା ପରାମର୍ଶ ଦିଏ ଯାହା କରୁଛ କର ପଛେ ନିଜ ନାମ ବ୍ୟତୀତ ଆଉ କାହା ନାମରେ ଜମିବାଡ଼ି ରେଜିଷ୍ଟ୍ରେଶନ କର ନାହିଁ। ବେଳକାଳ ଯାହା ହେଲାଣି ନିଜ ଛାଇକୁ ବି ବିଶ୍ୱାସ କରିବା ଉଚିତ ନୁହେଁ।'' ମନୋଜବାବୁଙ୍କ କଥାଟି ଅସ୍ୱାଭାବିକ ଲାଗିଲେ ବି ସାମ୍ପ୍ରତିକ ପରିସ୍ଥିତି ଦୃଷ୍ଟିରୁ ନିରାଟ ସତ। ସେଥିପାଇଁ ବୋଧେ କୁହାଯାଏ ପୁତ୍ରଯୋଗ୍ୟ ଥିଲେ କି ଲୋଡ଼ା ସମ୍ପତ୍ତି। ପୁତ୍ର ଅଯୋଗ୍ୟ ହେଲେ କି ଲୋଡ଼ା ରଖିବା ସାଇତି ସମ୍ପତ୍ତି। ଅତଏବ ପୁତ୍ରମୋହରେ ଅନ୍ଧ ହେବାଠାରୁ ଆଗରୁ ସର୍ତ୍ତକ ହେବା ଉଚିତ।

**ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡ଼ା**
**ମୋ: ୯୪୩୭୦୨୦୭୬୧**

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ରତିଶ୍ରୁତି କେବେ ପୂରଣ ହେବ

ମହାଶୟ,

କେନ୍ଦ୍ର ଅର୍ଥମନ୍ତ୍ରୀ ଗତ ମାର୍ଚ୍ଚ ୯ତାରିଖରେ ଏକ ବିବୃତିରେ କହିଥିଲେ ଯେ, 'ସାମଗ୍ରୀ ଓ ସେବାକର (ଜିଏସ୍‌ଟି) ହ୍ରାସ ପାଇବାକୁ ଯାଉଛି। ଜିଏସ୍‌ଟି ହାରକୁ ଯୁକ୍ତିଯୁକ୍ତ କରିବା ଉପରେ କାମ ପ୍ରାୟ ସମ୍ପୂର୍ଣ୍ଣ ହୋଇଛି। କମିଟିଗୁଡ଼ିକର କାର୍ଯ୍ୟ ସମୀକ୍ଷା କରିବା ଏବଂ ତୁରନ୍ତ ନିଷ୍ପତ୍ତି ପାଇଁ ଜିଏସ୍‌ଟି ପରିଷଦକୁ ଦେବା ପାଇଁ ମୁଁ ବ୍ୟକ୍ତିଗତ ଭାବେ ଦାୟିତ୍ୱ ନେଇଛି। ଆମେ ଜିଏସ୍‌ଟି ଦର ହ୍ରାସ ଓ ସ୍ଲାବ ସଂଖ୍ୟା ଉପରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାର ବହୁତ ନିକଟରେ। ମୁଁ ସ୍ପଷ୍ଟ ଭାବରେ କହିସାରିଛି ଯେ, ଜିଏସ୍‌ଟି ଦର ହ୍ରାସ ପାଇବ।'' ଏହି ଖବର ଗତ ମାର୍ଚ୍ଚ ୧୦ ତାରିଖରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଆଶା କରାଯାଉଥିଲା ଯେ, ଜିଏସ୍‌ଟି ହ୍ରାସ ପାଇଲେ ଖାଉଟିଙ୍କୁ ଅନେକ ରିହାତି ମିଳିବ। ଏବେ ମଧ୍ୟରେ ଦେଢ଼ମାସ ଗଡ଼ିଗଲାଣି। ଜିଏସ୍‌ଟି ହ୍ରାସ ପାଇଲା ନାହିଁ। ବରଂ ଗ୍ୟାସ୍ ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି ଘଟିଲା। କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ପ୍ରତିଶ୍ରୁତି କେବେ ପୂରଣ ହେବ । ସେ ସମୟକୁ ଲୋକମାନେ ଚାତକ ପରି ଚାହିଁ ବସିଛନ୍ତି।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତସିଂହପୁର**

## ଚିରନ୍ତନୀ

ଦେହର ଅଭିଳାଷ ଗୀତରେ ପରକାଶ
କହିଲି ତାକୁ ପ୍ରେମ ପୀରତି
ଭାଷାର ଆବରଣ ଫିଟାଇ ଦେଲେ ସେ ସେ
ହୋଇବ ଖାଲି ପାପ ଅନିତି!
-(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିପଦସଙ୍କୁଳ ବୁଢ଼ାବଳଙ୍ଗ ପୋଲ ଯାଞ୍ଚ

ବାରିପଦା,୮।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବେତନଟୀରୁ ବଡ଼ସାହିକୁ ସଂଯୋଗ କରୁଥିବା ବେଲପାଳସ୍ଥିତ ବୁଢ଼ାବଳଙ୍ଗ ନଦୀ ପୋଲର ସ୍ଥାୟୀତ୍ୱକୁ ନେଇ ବିଭାଗୀୟ ତତ୍ପରତା ପ୍ରକାଶ ପାଇଛି। ଅତ୍ୟାଧୁନିକ ମେଶିନ ଓ ଦକ୍ଷତା ସମ୍ପନ୍ନ ଇଞ୍ଜିନିୟରଙ୍କ ଉପସ୍ଥିତିରେ ବୈଷୟିକ ଟିମ୍ ବିପଦସଙ୍କୁଳ ଏହି ପୋଲର ଯାଞ୍ଚ ଆରମ୍ଭ କରିଛି। ଭାରତ ସରକାରଙ୍କ କାଉନସିଲ୍ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସୋର୍ସ (ସିଏସ୍ଆଇଆର୍) ପକ୍ଷରୁ ଯାଞ୍ଚ କରାଯାଉଛି।

ରାଜ୍ୟରେ ଅନେକ ନିର୍ମାଣାଧୀନ କିମ୍ବା ନିର୍ମିତ ପୋଲ ଭୁଶୁଡ଼ି ପଡ଼ିବା ନଜିର ରହିଛି। ତେବେ ଦୀର୍ଘ ୯ ବର୍ଷ ହେଲା ବୁଢ଼ାବଳଙ୍ଗ ନଦୀରେ ନିର୍ମିତ ବେଲପାଳ ପୋଲ ଉପରେ ବଡ଼ ବଡ଼ ହମ୍ପସ ସୃଷ୍ଟି ହୋଇଥିବାରୁ ପଥଚାରୀମାନେ ଭୟଭୀତ ହୋଇପଡୁଥିଲେ। ଏପରିକି ପୋଲର ଉତ୍ତର ପାର୍ଶ୍ୱରେ ଥିବା ତିନୋଟି ସ୍ଲାବର ସଂଯୋଗସ୍ଥଳୀରେ ହମ୍ପସ ସୃଷ୍ଟି ହେବାରେ ଲାଗିଥିଲା। ତାହା କାଳକ୍ରମେ ବୃଦ୍ଧି ପାଇ ବଡ଼ ବଡ଼ ହମ୍ପସରେ ପରିଣତ ହୋଇଯାଇଛି। ଫଳରେ ଭାରିଯାନଠାରୁ ଆରମ୍ଭ କରି ପଥଚାରୀମାନେ ବିପଦ ସଙ୍କୁଳ ଏହି ପୋଲ ଉପରେ ଯାତାୟାତ କରିବାକୁ ବାଧ ହେଉଥିଲେ। ଏ ସଂକ୍ରାନ୍ତରେ 'ବୁଢ଼ାବଳଙ୍ଗ ପୋଲରେ ବଢୁଛି ବିପଦ' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଚିଠି କରାଯାଇଥିଲା। ଗୁରୁବାର ଅପରାହ୍ନରେ ମିନିଷ୍ଟ୍ରି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଭାରତ ସରକାରଙ୍କ ସିଏସ୍ଆଇଆର୍ ଅଧୀନରେ ଥିବା ସେଣ୍ଟ୍ରାଲ ରୋଡ୍ ରିସୋର୍ସ ଇନଷ୍ଟିଚ୍ୟୁଟ(ସିଆର୍ଅର୍ଆଇ) ପକ୍ଷରୁ ଯାଞ୍ଚ କାର୍ଯ୍ୟ ଆରମ୍ଭ ହୋଇଛି। ଯାଞ୍ଚ ପରେ ରିପୋର୍ଟ ପ୍ରଦାନ କରାଯିବ ଓ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୂର୍ତ୍ତ ବିଭାଗର ନିର୍ବାହୀଯନ୍ତ୍ରୀ ରୋହନ ଗୌରବ ରାୟ କହିଛନ୍ତି।

ପ୍ରକାଶ ଥାଉକି, ପୂର୍ତ୍ତ ବିଭାଗ ଅଧୀନରେ ଏହି ପୋଲର ନିର୍ମାଣ କାର୍ଯ୍ୟ ୧୯୯୯ରୁ ଆରମ୍ଭ କରାଯାଇଥିଲା। ଅନେକ କୋଟି ଟଙ୍କା ବ୍ୟୟ ବରାଦରେ ୨୭୦ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ପୋଲ କାର୍ଯ୍ୟ ଦୀର୍ଘ ୮ ବର୍ଷ ଧରି ଚାଲିବା ପରେ ୨୦୦୬ରେ ସମ୍ପୂର୍ଣ୍ଣ ହେବା ସହ ଯାତାୟାତ ସ୍ୱାଭାବିକ ହୋଇଥିଲା। ମାତ୍ର ନିର୍ମାଣର ୧୦ ବର୍ଷ ପରେ ପୋଲର ଉତ୍ତର ପାର୍ଶ୍ୱରେ ଥିବା ତିନୋଟି ସ୍ଲାବରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଧିରେ ଧିରେ ଏହା ବୃଦ୍ଧି ପାଇବା ଦ୍ୱାରା ପିଲର ଉପରେ ସମାନ୍ତରାଳ ଭାବେ ପଡିଥିବା ସ୍ଲାବଗଡ଼ିକ ଢେଉ ସଦୃଶ ହୋଇପଡ଼ିଛି। ନିର୍ମାଣରେ ତ୍ରୁଟି ଥିବା ଯୋଗୁ ବିଭାଗୀୟ ଅଧିକାରୀମାନେ ଏହାକୁ ଲୁଚାଇବାକୁ ଯାଇ ସେହି ସ୍ଥାନରେ ପିଚ୍ଚୁରେ ହମ୍ପସ ନିର୍ମାଣ କରିଛନ୍ତି। ପୋଲର ତିନୋଟି ସ୍ଥାନରେ ସ୍ଲାବ ଉଠି ଥିବାରୁ ବିପଦ ଆଶଙ୍କା ଦେଖାଦେଇଛି। କେଉଁ ମୁହୂର୍ତ୍ତରେ ଅଘଟଣ ଘଟିପାରେ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ମାଟି ପରୀକ୍ଷାକୁ ନେଇ ପିଲରଗୁଡ଼ିକ ନିର୍ଦ୍ଦିଷ୍ଟ ମିଟର ଭିତରକୁ ଦବାଇବାରୁ ତାହା କୌଣସି କାରଣରୁ ଅଟକି ରହିଥିଲା। ଦୀର୍ଘ ଦିନ ଧରି ଝୁଲି ରହିବା ପରେ ଅଭିଜ୍ଞ ଇଞ୍ଜିନିୟରଙ୍କ ପ୍ରୟାସରେ ତାହା ସିଧା କରାଯାଇଥିଲା। ଉକ୍ତ ପିଲରକୁ ଅଧିକ ଦବାଇବାକୁ ଚେଷ୍ଟା କରା ନ ଯାଇ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିବାରୁ ପରବର୍ତ୍ତୀ ସମୟରେ ଏପରି ଅବସ୍ଥା ଉପୁଜିଥିବା ପ୍ରତ୍ୟକ୍ଷଦର୍ଶୀ ଗ୍ରାମବାସୀ ପ୍ରକାଶ କରିଛନ୍ତି। ପୋଲ ନିର୍ମାଣ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରାଯାଇଥିବାରୁ ଧନଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିବା ଅଞ୍ଚଳବାସୀ ମତ ଦେଇଛନ୍ତି।



ବୁଢ଼ାବଳଙ୍ଗ ନଦୀ ପୋଲ ଯାଞ୍ଚ କରାଯାଉଛି।

# ୧୨ରେ ମୁଖ୍ୟମନ୍ତ୍ରୀଙ୍କ ରାଇରଙ୍ଗପୁର ଗସ୍ତ

ରାଇରଙ୍ଗପୁର,୮।୫(ମାନସ ମହାନ୍ତି)

**ପ୍ରଶାସନର ପ୍ରସ୍ତୁତି ବୈଠକ**

ଆସନ୍ତା ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗସ୍ତରେ ଆସିବେ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ବୈଠକ ଗୃହ ପରିସରରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ହେମକାନ୍ତ ସୟ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ,ରାଇରଙ୍ଗପୁର ଉପଜିଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ପ୍ରକଳ୍ପ ପ୍ରଶାସକ ଯୋଗ ରଞ୍ଜନ ନାଏକଙ୍କ ସମେତ ପୋଲିସ ପ୍ରଶାସନ ପକ୍ଷରୁ ଏସ୍‌ପି ବରୁଣ ଗୁଣ୍ଟୁପାଲି , ରାଇରଙ୍ଗପୁର ଅତିରିକ୍ତ ଏସ୍‌ପି ଯଦୁନାଥ ଜେନା, ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ ଏବଂ ଟାଉନ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ରାଇରଙ୍ଗପୁର ଆଦିବାସୀ ଆସିକା ସଂଗଠନର ଜିତେନ୍ଦ୍ର ହାଁସଦା, ପଣ୍ଡିତ ରଘୁନାଥ ମୁର୍ମୁ ମେମୋରିଆଲ କ୍ଲବର କର୍ମକର୍ତ୍ତା, ପୂର୍ବତନ ବିଧାୟକ ସାଇବା ସୁଶିଲ ହାଁସଦା, ଜୟନାରାୟଣ ହାଁସଦା, ଦାଣ୍ଡବୋଷ ଗ୍ରାମର ମୁଖିଆ ମାଝୀ ବାବା ଘାସିରାମ ମୁର୍ମୁ ଏବଂ ସାଲଖୁ ମୁର୍ମୁ, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୨ ନାତି ଭୀମ ମୁର୍ମୁ ଓ ଚୁନିୟାନ ମୁର୍ମୁ ଉପସ୍ଥିତ ଥିଲେ।

# ଘରେ ପଶି ସୁନାଗହଣା ଲୁଟ୍

ଛେଣ୍ଡିପଦା,୮।୫(ଅଜିତ୍ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଥାନା ପାଟକମୁଣ୍ଡା ଗାଁରେ ଦିନ ଦ୍ୱିପ୍ରହରେ ଦୁର୍ବୃତ୍ତମାନେ ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ପାଟକମୁଣ୍ଡା ଜଙ୍ଗଲ ମୌଜାର ଲିପି ପ୍ରଧାନ ଗରେ ଶୋଇଥିବାବେଳେ ୨ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ହଠାତ୍ ଘରେ ପଶି ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଏହାପରେ ଗଡରେଜ୍‌ରେ ଥିବା ୭୦ ହଜାର ଟଙ୍କା, ଅଢ଼େଇଭରି ଓଜନର ସୁନା ମାଳ ଓ କାନଫୁଲ ନେଇ ପଳାଇ ଯାଇଥିଲେ। ଏ ନେଇ ଲିପି ବାଗଡ଼ିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୯୧/୨୫ରେ ଏକ ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଚଳାଇଛି।

# ଯୋଗ, ପ୍ରାଣାୟାମ ପ୍ରଶିକ୍ଷଣ ଶିବିର

ଝାରପୋଖରିଆ,୮।୫ (ସୁଧୀର କୁମାର ମହାନ୍ତ)



ସାରସକଣା ବ୍ଲକ ଅଧୀନ ଝାରପୋଖରିଆଠାରେ ଥିବା ସୀମାନ୍ତ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ୭ ଦିନିଆ ଯୋଗ ଓ ପ୍ରାଣାୟାମ ପ୍ରଶିକ୍ଷଣ ଶିବିର ବୁଧବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ଶ୍ରୀ ଶ୍ରୀ ଲୋକନାଥ ଶୈବପୀଠ ପ୍ରାଙ୍ଗଣରେ ଆୟୋଜିତ ଶିବିରକୁ ମଞ୍ଚର ସଭାପତି ସୁନୀଲ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଆଧୁନିକ ଯୁଗରେ ମନୁଷ୍ୟ ଅସନ୍ତୁଳିତ ଖାଦ୍ୟ ସହିତ ଜଙ୍କ ଫୁଡ୍, ଡ୍ରାଏଫୁଡ୍‌କୁ ନୀତି ଦିନିଆ ଖାଦ୍ୟ ରୂପେ ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛି। ଏଥିରୁ ଶରୀରକୁ ସୁସ୍ଥ, ନିରୋଗ ରଖିବା ପାଇଁ ଯୋଗ ଓ ପ୍ରାଣାୟାମ ନିତ୍ୟାନ୍ତ ଆପଣାଇବା ଆବଶ୍ୟକ ବୋଲି ସଭାପତି ମହାପାତ୍ର କହିଥିଲେ। ଶିବିରିରେ ଯୋଗଗୁରୁ ଅନିରୁଦ୍ଧ କରଣ ପ୍ରଶିକ୍ଷକ ଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଯୋଗ ଓ ପ୍ରାଣାୟାମ ଉପରେ ଶିକ୍ଷା ପ୍ରଦାନ କରିଥିଲେ। ଶିବିରଟିରେ ୫୦ରୁ ଅଧିକ ବରିଷ୍ଠ ନାଗରିକ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଏହି ଶିବିର ଆସନ୍ତା ୧୩ ପର୍ଯ୍ୟନ୍ତ ଚାଲିବ ବୋଲି ସମ୍ପାଦକ ଘାସିରାମ ମହାନ୍ତ ପ୍ରକାଶ କରିଛନ୍ତି। ମଞ୍ଚର ଉପଦେଷ୍ଟା ମଣ୍ଡଳୀର ସଭ୍ୟ ଜୟହରି ଘୋଷ, ଉପସଭାପତି ଭରତ ଚନ୍ଦ୍ର ମହାନ୍ତ ପ୍ରମୁଖ ଶିବିରକୁ ପରିଚାଳନା କରୁଛନ୍ତି।


## ପୂର୍ବ ତଟ ରେଳପଥ

(1) ବିଜ୍ଞପ୍ତି ସଂ. eT-North-WAT-12-2025 ତା.05.05.2025ରିଖ

**କାର୍ଯ୍ୟର ନାମ :** ୱାଲ୍ଟିୟର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଲକ୍ଷ୍ମୀପୁର ରୋଡ୍ ପରିସୀମା ଅଧିନସ୍ଥ କୋରାପୁଟ - ରାୟଗଡ଼ା ଲାଇନ୍‌ରେ ଭାଲୁମାସ୍କା-ସିକରପାଇ ମଧ୍ୟରେ କି.ମି. 132/21-22 ଠାରେ ଥିବା ଅନାଧିକାର ପ୍ରବେଶ ସ୍ଥାନରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 2,34,09,279.13, EMD: ₹ 2,67,100/-

(2) ବିଜ୍ଞପ୍ତି ସଂ. eT-North-WAT-13-2025 ତା.05.05.2025ରିଖ

**କାର୍ଯ୍ୟର ନାମ :** ୱାଲ୍ଟିୟର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ ରାୟଗଡ଼ା ପରିସୀମା ଅଧିନସ୍ଥ ରାୟପୁର - ବିଜୟନଗରମ୍ ଲାଇନ୍‌ର ସିଙ୍ଗାପୁର ରୋଡ୍ - ବିଜୟନଗରମ୍ ମଧ୍ୟରେ କି.ମି. 330/20-22 ଠାରେ ଥିବା ଅନାଧିକାର ପ୍ରବେଶ ସ୍ଥାନରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 4,24,49,610.64, EMD: ₹ 3,62,300/-

କାର୍ଯ୍ୟ ଶେଷ ହେବା ଅବଧି: 12 (ବାର) ମାସ (ଉଭୟ କ୍ରମ ସଂ. ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 29.05.2025, 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ୱାଲ୍ଟିୟର

PR-105/Q/25-26



## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
ODISHA STATE OPEN UNIVERSITY
SAMBALPUR
Calls for Admission

# ADMISSIONS OPEN

ACADEMIC SESSION JULY-2025
ONLINE ADMISSION STARTS FROM 9TH MAY 2025
MASTER DEGREE PROGRAMMES
Eligibility: +3 Pass/Equivalent   Duration: Min 2 Years

- Master of Arts (Odia)
- Master of Arts (Hindi)
- Master of Arts (Sanskrit)
- Master of Arts (English)
- Master of Arts (Rural Development)
- Master of Arts (Sociology)
- Master of Arts (Economics)
- Master of Arts (History)
- Master of Arts (Public Administration)
- Master of Arts (Political Science)
- Master of Arts (Journalism & Mass Comm.)
- Master of Commerce

Contact Address:
Phone: 0663-2521600, 0663-2521700
Toll Free Number: 1800-34567-58
Whatsapp: 8895903525

Regional Centres:
Bhubaneswar (0674-2970779)
Berhampur (0680-2222169)
Jeypore (06854-230213)
Balasore (06782-263871)

[Age: No Bar]
Apply Now

Admission closes on 15th June, 2025
VISIT OUR WEBSITE www.osou.ac.in
E-mail ID: admission@osou.ac.in



बैंक ऑफ़ बड़ौदा Bank of Baroda

ଖଣ୍ଡଗିରି ଶାଖା
ଏମ୍‌ଆଇଜି-୧, ଫେଜ୍-୧, ଖଣ୍ଡଗିରି ଏନ୍‌କ୍ଲେଭ, କୋଳଥିଆ, ପୋ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୩୦

## ଦଖଲ ବିଜ୍ଞପ୍ତି
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ନିୟମ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ନିୟମର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲକୁ** ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣମାନଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଡେମୋସ୍ ଇନଫୋଟେକ୍ ପ୍ରା. ଲିଃ / ନିର୍ଦ୍ଦେଶକମାନେ: ୧) ସତ୍ୟ ରଞ୍ଜନ ଦେବତା, ୨) ଶ୍ରୀମତୀ ନିବେଦିତା ଦେବତା, ଉଭୟଙ୍କ ଠିକଣା- ସା/ପୋ: ରାଇସୁଆଁ, ଜିଲ୍ଲା: କେନ୍ଦୁଝର, ଓଡିଶା-୭୫୮୦୧୩ / ଗ୍ୟାରେଣ୍ଟିଦାତା: ଶ୍ରୀ ଶ୍ରୀନିବାସ ଦେବତା, ପ୍ଲଟ୍ ନଂ.: ୧୪୨୫/୨୪୬୧, ଖାତା ନଂ.: ୭୨୩/୧୫, କୁଆଁସ, ଭଦ୍ରକ, ଓଡିଶା | ଶ୍ରୀ ଶ୍ରୀନିବାସ ଦେବତାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୧୪୨୫/୨୪୬୧, ଖାତା ନଂ.: ୭୨୩/୧୫, କିସମ: ଘରବାରୀ, ପରିମିତ କ୍ଷେତ୍ର: ଏକର୦.୦୪୦ ଡିସିମିଲି, ମୌଜା: କୁଆଁସ, ଭଦ୍ରକ, ଓଡିଶା, ଏହାର ଚାରିପାର୍ଶ୍ୱରେ (ଆଇନଗତ ମତାମତ ଅନୁଯାୟୀ) ପୂର୍ବ: ରାସ୍ତା, ପଶ୍ଚିମ: ବିଷ୍ଣୁ ମହାପାତ୍ର, ଉତ୍ତର: ଗଣେଶ ଚନ୍ଦ୍ର ସାହା, ଦକ୍ଷିଣ: ରଜନୀ ମହାନ୍ତି, ଏହାର ଚାରିପାର୍ଶ୍ୱରେ (ଭୌତିକ ଯାଞ୍ଚ ଅନୁଯାୟୀ) ପୂର୍ବ: ଗଣେଶ ଚନ୍ଦ୍ର ସାହୁ, ପଶ୍ଚିମ: ରଜନୀ ମହାନ୍ତି, ଉତ୍ତର: ଗଣେଶ ଚନ୍ଦ୍ର ସାହୁ, ଦକ୍ଷିଣ: ରାସ୍ତା | ୧୯.୦୨.୨୦୨୫ / ୦୮.୦୫.୨୦୨୫ | ଟ.୨୦,୩୧,୮୪୨.୬୭ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୮.୦୫.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା



HDFC BANK
We understand your world

## AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 16-May-2025 from 02:30 PM onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75131967 | TULSI MANOJ KAR | 81000 | HDFC BANK LTD, GROUND FLOOR, OPP. BHARAT PETROL PUMP, AT- DHANUPALI, DIST. SAMBALPUR-768005 |
| 2 | 75030494 | PABITRA NATH | 33000 | |
| 3 | 75053007 | PRASANTA KUMAR DHIR | 72000 | HDFC BANK LTD, 1ST FLOOR, DALA CHHAK, NEAR SBI, JAJPUR ROAD, JAJPUR-755019 |
| 4 | 74892942 | PADMINI BHOI | 44600 | HDFC BANK LTD, 1ST FLOOR, JAIN SHOPPING COMPLEX, OPP.TITLAGARH MUNICIPALITY OFFICE, TITLAGARH-767033 |
| 5 | 75030047 | MANIKYA CHANDRA NAG | 75800 | |
| 6 | 74888173 | SONALIKA NAYAK | 63300 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 7 | 75043888 | TAPAN KUMAR NAG | 18400 | |
| 8 | 74675624 | RANJIT BEHERA | 71600 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 9 | 75185603 | MDQUMAR RAZA KHAN | 101400 | |
| 10 | 75291790 | MDQUMAR RAZA KHAN | 244700 | |
| 11 | 75456775 | KARUNAKAR MALLIK | 34500 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 12 | 75536002 | TRILOCHAN BEHERA | 102700 | |
| 13 | 74497227 | BINODINI PRADHAN | 52200 | |
| 14 | 73424594 | SUBASH CHANDRA JENA | 201000 | HDFC BANK LTD, BAJRAKABATI ROAD, CUTTACK-753001 |
| 15 | 75030799 | SACHCHIDANANDA MAHARANA | 199000 | |
| 16 | 75437003 | RISHAB OJHA | 233900 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 17 | 75760684 | MUMTAZ PARWIN | 37000 | HDFC BANK LTD, BESIDE TAHASIL OFFICE, CHANDINI CHOWK, CUTTACK-753002 |
| 18 | 75049009 | PRASANT KUMAR DAS | 17800 | |
| 19 | 75050138 | JITENDRA KUMAR MALLICK | 102700 | HDFC BANK LTD, BIBISARAM MARKET CHAK, JAJPUR TOWN, JAJPUR-755001 |
| 20 | 75492515 | SURAJ SHARMA | 33800 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 21 | 75668136 | MADHABA BEHERA | 98200 | HDFC BANK LTD, CHANDVALI CHOWK, ATHGARH-754029 |
| 22 | 75073691 | RASHMI REKHA SAHOO | 113500 | HDFC BANK LTD, DURGA BAZAR, JAGATSINGHAPUR, ORISSA-754103 |
| 23 | 75202988 | MANORANJAN MOHARANA | 152500 | |
| 24 | 75334419 | AKSHAYA KUMAR BEHERA | 57900 | |
| 25 | 75512968 | SATYABHAMA BARIK | 92400 | |
| 26 | 75747973 | TASLIM KHAN | 74400 | |
| 27 | 75769659 | TASLIM KHAN | 94600 | |
| 28 | 75027138 | LYAKAT SAHA | 37200 | |
| 29 | 74355548 | SHANTANU BUDA | 51000 | HDFC BANK LTD, DURGA COMPLEX, JHARSUGUDA-768201 |
| 30 | 74635308 | RAKESH MAHAL | 18500 | HDFC BANK LTD, F M CIRCLE, BALASORE-756001 |
| 31 | 75500583 | BARSA AGUYAN | 26000 | |
| 32 | 75137490 | JYOTIPRAKASH DASH | 104000 | |
| 33 | 75787691 | RAJALAXMI BARADA | 180000 | HDFC BANK LTD, GRD. FLOOR, MAIN ROAD, OLD CINEMA HALL CHAKA, NEAR UNION BANK-II, HINJILICUT, GANJAM-761102 |
| 34 | 75773323 | EPILI KESWARI | 611300 | |
| 35 | 75508776 | RAMAKANTA SAHU | 53000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 36 | 75614870 | RAMAKANTA SAHU | 24990 | |
| 37 | 75711503 | SANJAY KUMAR MOHANTY | 112900 | HDFC BANK LTD, GROUND FLOOR, MAIN ROAD CHIKITI PENTHA, GANJAM-761010 |
| 38 | 75712937 | SHARAT SETHI | 109000 | |
| 39 | 75012085 | DAKKATHA NEMALI | 68921 | |
| 40 | 75421867 | PREMCHAND PATLA | 105900 | HDFC BANK LTD, GROUND FLOOR, NUAGUDA, OPP. FCI-I,ARTS COLLEGE ROAD, MALKANAGIRI-764048 |
| 41 | 75394945 | BHUPENDRA RANA | 38000 | HDFC BANK LTD, GROUND FLOOR, OPP. BLOCK OFFICE, DHARAMGARH, KALAHANDI-766015 |
| 42 | 75482240 | BHUPENDRA RANA | 26000 | |
| 43 | 75476202 | BULU KUMAR PANIGRAHI | 30280 | HDFC BANK LTD, GROUND FLOOR, OPP. MINOR IRRIGATION OFFICE, KUCHINDA, SAMBALPUR-768222 |
| 44 | 75707255 | AKABAR ALLI | 41000 | |
| 45 | 75329977 | SIBA RAM SABAT | 300000 | HDFC BANK LTD, GROUND FLOOR, RANIPADA SQUARE, POLASARA MAIN ROAD, GANJAM-761105 |
| 46 | 75356814 | KALI CHARANA GOUDA | 630000 | |
| 47 | 75238265 | BINAYA KUMAR BEHERA | 112600 | HDFC BANK LTD, HATATOTA, TALCHER, ANGUL-759100 |
| 48 | 75369902 | LILU MALIK | 15000 | HDFC BANK LTD, JABARA, JENAPUR, KUAKHIA, RASULPUR, JAJPUR-755023 |
| 49 | 75169008 | SUNIL PRADHAN | 686500 | HDFC BANK LTD, JAGAMARA, BHUBANESWAR, KHURDA-751030 |
| 50 | 75835296 | CHINMAYA HOTA | 522500 | HDFC BANK LTD, JAGANNATH ROAD, NEAR HOTEL SURYA, DHENKANAL-759001 |
| 51 | 74892350 | TAPAS KUMAR SAMAL | 42700 | |
| 52 | 5.02E+13 | CHITTARANJAN SAMAL | 972776.68 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 53 | 75433823 | GAYATRI PRUSTY | 295000 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 54 | 75202562 | PINKU SAHOO | 45300 | HDFC BANK LTD, KIIT CAMPUS 5, NEAR KIMS, ADMINISTRATIVE BLOCK, PATIA, BHUBANESWAR-751024 |
| 55 | 75070157 | PRASANNA KUMAR BEURA | 130900 | HDFC BANK LTD, MAHIPAL, KENDRAPARA-754211 |
| 56 | 75040978 | PRATAP CHANDRA PRADHAN | 26200 | |
| 57 | 75314777 | SANJAYA KUMAR SAHU | 499200 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 58 | 75727737 | GANESH JENA | 626900 | |
| 59 | 75273800 | PUSHPALATA SAHU | 86300 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 60 | 74488044 | ALEKH NAIK | 37000 | |
| 61 | 75760887 | SULATA PRADHAN | 552900 | |
| 62 | 75615713 | GOLAPILLI JAYAMA | 282800 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 63 | 75732003 | GOLAPILLI JAYAMA | 477900 | |
| 64 | 73995395 | B GHANASYAMA | 24900 | |
| 65 | 74212405 | RAMA KRUSHNA SAHU | 57000 | |
| 66 | 75178177 | VIJAY RAJAK | 308500 | |
| 67 | 75616253 | GOLAPILLI JAYAMA | 260000 | |
| 68 | 75172598 | PABITRA KUMAR PADHI | 118000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 69 | 75296883 | SASMITA MAJHI | 300100 | |
| 70 | 75025138 | AJIT KUMAR PARIDA | 52600 | HDFC BANK LTD, MAIN ROAD, RAMCHANDRAPUR BAZAR, JATANI, KHURDA-752050 |
| 71 | 74818902 | ROUTA SANHYARANI PRADHAN | 60000 | HDFC BANK LTD, MARKET SQUARE, PARLAKHEMUNDI, GAJAPATI-761200 |
| 72 | 75002612 | MD NAUSHAD | 16500 | HDFC BANK LTD, MERIDIEN TOWER, C-8, FIRST FLOOR, UDIT NAGAR, ROURKELA-769012 |
| 73 | 75517545 | NARESH SINGH | 26900 | HDFC BANK LTD, MISSION ROAD, SUNDARGARH-770001 |
| 74 | 74842839 | DEBANANDA SAHU | 59300 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 75 | 75346397 | SANJAY KHORA | 111500 | |
| 76 | 75500392 | GIRIDHAR TURUK | 610000 | |
| 77 | 75499599 | LAKSHMIPATI NATH | 107000 | HDFC BANK LTD, NEAR ILA MEDICAL STORE, SHANTIPARA, BOLANGIR-767002 |
| 78 | 75510522 | BIJAY BISWAL | 71000 | |
| 79 | 75506513 | TUNA MAJHI | 112000 | HDFC BANK LTD, NEAR R.T.O OFFICE, NH-26, KORAPUT-764020 |
| 80 | 75779910 | P ROHAN FONNY | 70300 | |
| 81 | 75563121 | ARUN KUMAR PRADHAN | 132000 | HDFC BANK LTD, OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 82 | 75223191 | P MOHAN RAO | 246000 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 83 | 73523111 | BALARAM SWAIN | 44000 | |
| 84 | 75258261 | SUSANTA KUMAR GOUDA | 378100 | HDFC BANK LTD, PATEL MARG, NABARANGAPUR-764059 |
| 85 | 462064408 | MAHAMMAD IRSAD | 44500 | |
| 86 | 75416720 | RAJ KISHOR SAHOO | 50700 | HDFC BANK LTD, PATRAPADA, BHUBANESWAR, KHURDA-751019 |
| 87 | 75041093 | SAUDAMINI PRADHAN | 96100 | |
| 88 | 75703412 | JAYA KRUSHNA DAS | 357000 | |
| 89 | 75769133 | PRADIPTA KUMAR TRIPATHI | 425300 | |
| 90 | 75435769 | DINESH KUMAR | 89000 | HDFC BANK LTD, PLOT NO - E/11, KOEL NAGAR, ROURKELA, SUNDARGARH-769014 |
| 91 | 75042944 | LAXMAN NATH | 121200 | |
| 92 | 75710908 | BARSA MOHAPATRA | 1041500 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 93 | 75333902 | SANJAY MOHANTY | 791100 | HDFC BANK LTD, PLOT NO- 447, BHAGWAN TRADE CENTER , NEAR IFFCO SQUARE, ATHARBANKI, PARADEEP-754142 |
| 94 | 74384392 | DHANESWAR GHADEI | 60000 | |
| 95 | 75267665 | ARAJIT MOHANTY | 49700 | |
| 96 | 75560607 | DIPAK OJHA | 223700 | |
| 97 | 75021112 | SARIT KUMAR NAYAK | 54472 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 98 | 75296640 | JEEVAN SANGRAM DASH | 116000 | |
| 99 | 75587214 | NIRUPAMA PAGAD | 1272000 | |
| 100 | 75676521 | ROHIT GUPTA | 482000 | |
| 101 | 75142148 | SATYANANDA NAYAK | 52600 | HDFC BANK LTD, PLOT NO 6, MAHANADI VIHAR, CUTTACK-753004 |
| 102 | 75287715 | SANGRAM DAS | 52600 | |
| 103 | 75523162 | CHANDRA SEKHAR NAYAK | 136700 | |
| 104 | 75011943 | PUSPITA BEHERA | 27200 | |
| 105 | 75443006 | NIRMAL BALIARSINGH | 108000 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 106 | 74885915 | SWARNAKHI MOHAPATRA | 199900 | |
| 107 | 75835729 | SUJATA KUMARI MOHANTY | 535500 | |
| 108 | 75044990 | PURSTAM PRADHAN | 22400 | HDFC BANK LTD, PLOT NO-758/3631/4648, GANDHI CHOWK, ATHMALLIK, ANGUL, ODISHA-759125 |
| 109 | 75048705 | KAMOL SETHY | 33500 | |
| 110 | 75056550 | ABHAY PATTANAYAK | 17300 | |
| 111 | 74880100 | SURESAN DEHURI | 43000 | HDFC BANK LTD, PLOT NUMBER-634, GANESH BAZAAR, MAIN ROAD, PHULBANI-762001 |
| 112 | 74324654 | BALARAM JENA | 72200 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 113 | 75463792 | SADHU CHARAN SAHOO | 180000 | |
| 114 | 75018549 | RAJESH KUMAR MAHAKUD | 26300 | |
| 115 | 75214204 | SUBASH CHANDRA MALLIK | 41900 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 116 | 75480439 | PUSPANJALI BHUE | 41000 | |
| 117 | 74890466 | SAHADEBA PADHAN | 23270 | |
| 118 | 75012584 | JAGABANDHU MAHANANDA | 40000 | |
| 119 | 75045341 | KISHOR KUMAR SAHU | 86000 | |
| 120 | 75616722 | TANWEER ALAM KHAN | 72000 | HDFC BANK LTD, S. N. PLAZA, NH - 5, NEULPUR, CHANDIKHOL-755024 |
| 121 | 74197410 | DIBYAJYOTI BAL | 62000 | |
| 122 | 75562719 | ABHAYA KUMAR KUANAR | 62000 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 123 | 74098223 | M UMAMAHESWAR RAO | 1000000 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 124 | 74831104 | K ASHISH | 500000 | |
| 125 | 75509123 | PADMA CHARAN TANTI | 45400 | |
| 126 | 75695433 | PADMA CHARAN TANTI | 82000 | |
| 127 | 75832054 | AMIT SAHU | 1499000 | |
| 128 | 75244867 | AMITA KHADIRATNA | 37500 | HDFC BANK LTD, VIP PLAZA, VIP ROAD, PURI-752001 |
| 129 | 75002990 | MAHESWARI NAYAK | 29400 | |
| 130 | 75426060 | AABID HUSEN | 27700 | HDFC BANK LTD, WARD NO 10, JONK, KHARIAR ROAD, NUAPADA-766104 |
| 131 | 75460167 | NARESH MAJHI | 69000 | |
| 132 | 75305044 | GUNABANTA RATHA | 172400 | |
| 133 | 75683856 | SUSANTA KUMAR DAS | 413400 | HDFC BANK LTD, PLOT NO 6, MAHANADI VIHAR, CUTTACK-753004 |

| SL NO | Loan No | Nominee/Borrower's Name | Loan Amount | Place of Auction |
|---|---|---|---|---|
| 1 | 74190950 | ARCHANA SWAIN, WIFE OF ACHYUTANANDA SWAIN | 248100 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 2 | 75152054 | | 297900 | |
| 3 | 75152574 | | 177100 | |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 09/05/2025, Place : ODISHA** — **Sd/- Authorized Officer, HDFC BANK LTD.**

# ଭାରତୀୟ ହକିର ଭବିଷ୍ୟତ

**ଜୁନିୟର ସ୍ତରରେ ପ୍ରଭାବୀ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିବା ଓଡ଼ିଶାର ଦୁଇ ହକି ପ୍ରତିଭା ଏବେ ଆଗକୁ ବଢ଼ିବା ସ୍ୱପ୍ନରେ ବିଭୋର। ଏ ଦୁହେଁ ହେଲେ ରାଉରକେଲାର ସୁନୀଲ ଜୋଜୋ ଓ ସୁନ୍ଦରଗଡ଼ର ସୁଜାତା କୁଜୁର। ସୁନୀଲ ଏବେ ବେଙ୍ଗାଲୁରୁରେ ଚାଲିଥିବା ଜାତୀୟ ସିନିୟର କ୍ୟାମ୍ପରେ ଥିବାବେଳେ ସୁଜାତା ଅଷ୍ଟ୍ରେଲିଆ ଗସ୍ତରେ ପ୍ରଥମ ଅନ୍ତର୍ଜାତୀୟ ଅଭିଜ୍ଞତା ହାସଲ କରିଛନ୍ତି। ଦୁଇ ଖେଳାଳିଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**

## ଅଲିମ୍ପିକ୍ସ ସ୍ୱପ୍ନରେ ସୁଜାତା



ନିକଟରେ ଭାରତୀୟ ମହିଳା ହକି ଦଳ ଶେଷ କରିଥିବା ଅଷ୍ଟ୍ରେଲିଆ ଟୁର୍ ଓଡ଼ିଆ ଖେଳାଳି ସୁଜାତା କୁଜୁରଙ୍କ ଲାଗି ସିନିୟର ସ୍ତରରେ ପ୍ରଥମ ଅଭିଜ୍ଞତା ଥିଲା। ଆଗାମୀ ଦିନରେ ସେ ଭାରତୀୟ ଦଳ ପାଇଁ ଅଧିକରୁ ଅଧିକ ମ୍ୟାଚ୍ ଖେଳିବା ସହ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିବା ସ୍ୱପ୍ନରେ ବିଭୋର। ଓଡ଼ିଶା ହକିର ଅନ୍ତୁଡ଼ିଶାଳ ଭାବେ ପରିଚିତ ସୁନ୍ଦରଗଡ଼ରେ ଜନ୍ମିତ ସୁଜାତାଙ୍କର ଅନ୍ତର୍ଜାତୀୟ ଅଭିଯାନ ଆରମ୍ଭ ହୋଇଯାଇଛି। ୨୧ ବର୍ଷୀୟା ଏହି ମିଡ୍‌ଫିଲ୍ଡର ଜାତୀୟ ଜୁନିୟରରୁ ସିନିୟର ଦଳରେ ପାଦ ଦେଇଛନ୍ତି।

ସିନିୟର ସ୍ତରରେ ପଦାର୍ପଣ ସମ୍ପର୍କରେ ସୁଜାତା କହିଛନ୍ତି, ଅଷ୍ଟ୍ରେଲିଆ ଟୁର୍ ମୋ ପାଇଁ ବଡ଼ ଏକ୍ସପୋଜର ଥିଲା। ଏହି ଟୁର୍‌ରେ ପ୍ରଥମ ଥର ପାଇଁ ସିନିୟର ଦଳ ସହିତ ଖେଳିବାକୁ ସୁଯୋଗ ପାଇଥିଲି। ଏଭଳି ପରିସ୍ଥିତିରେ ଟିକେ ଅଧିକ ଚାପ ରହିଥାଏ। କିନ୍ତୁ ମୁଁ ସିନିୟର ଖେଳାଳିଙ୍କୁ ନିରୀକ୍ଷଣ କରି ଅନେକ କିଛି ଶିଖିବାକୁ ପାଇଥିଲି। ପ୍ରଶିକ୍ଷଣ ଓ ଟ୍ରେନିଂ ପ୍ରତି ସେମାନଙ୍କର ଆଭିମୁଖ୍ୟ କେଉଁଭଳି ତାହାକୁ ବୁଝିପାରିଥିଲି। ସିନିୟର ଖେଳାଳିମାନେ ଆରମ୍ଭରୁ ମୋତେ ଖୁବ୍ ଉତ୍ସାହିତ କରିଥିଲେ। ସେମାନେ ମୋତେ ଅଧିକ ଚାପ ନ ନେବାକୁ ବାରମ୍ବାର କହିବା ସହ ମୋ ସ୍ୱାଭାବିକ ଖେଳ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ।

ସୁଜାତାଙ୍କ ହକି ଅଭିଯାନ ଆଦୌ ସହଜ ନ ଥିଲା। ସୁନ୍ଦରଗଡ଼ରେ ଦୀପ୍ ଗ୍ରେସ୍ ଏକ୍କାଙ୍କୁ ଦେଖି ମାତ୍ର ୧୦ ବର୍ଷ ବୟସରେ ହକି ଖେଳିବା ଆରମ୍ଭ କରିଥିଲେ। ଆର୍ଥିକ ରୂପେ ତାଙ୍କ ପରିବାର ସ୍ଥିତି ସ୍ୱଚ୍ଛଳ ନ ଥିଲେ ମଧ୍ୟ ଏହା ତାଙ୍କ ନିଷ୍ଠାକୁ କଦାପି ଦୋହଲାଇ ପାରି ନ ଥିଲା। ଏ ସମ୍ପର୍କରେ ସେ କହିଛନ୍ତି, ମୁଁ ଖୁବ୍ ଛୋଟବେଳୁ ସୁନ୍ଦରଗଡ଼ରେ ଥିବା ହକି ଏକାଡେମୀରେ ଖେଳିବା ଆରମ୍ଭ କରିଥିଲି। ପ୍ରଥମେ ମୋ ପାଖରେ ନିଜସ୍ୱ ହକି ଷ୍ଟିକ୍ କିମ୍ବା ଜୋତା ନ ଥିଲା। ଏଣୁ ମୁଁ ସାଥି ଖେଳାଳିଙ୍କଠାରୁ ମାଗିଆଣି ଖେଳୁଥିଲି। ଏଭଳି କିଛି ସମୟ ଥିଲା, ଯେତେବେଳେ କି ମୋତେ ଖାଲି ପାଦରେ ଖେଳିବାକୁ ପଡ଼ିଥିଲା। କାରଣ ମୋ ଜୋତା ଫାଟି ଯାଇଥିଲା। କିନ୍ତୁ ମୁଁ କଦାପି ଖେଳିବା ବନ୍ଦ କରି ନ ଥିଲି।

୩ ଭାଇଭଉଣୀଙ୍କ ମଧ୍ୟରେ ସବୁଠୁ ସାନ ସୁଜାତା ତାଙ୍କ ପରିବାରର ସମର୍ଥନ ସମ୍ପର୍କରେ ପ୍ରକାଶ କରିଛନ୍ତି ଯେ, ମା'ବାପା ସର୍ବଦା ମୋ ପାଇଁ ଛିଡ଼ା ହୋଇଥିଲେ। ସେମାନେ ମୋତେ କେବେ ବି ନିରୁତ୍ସାହିତ କରି ନ ଥିଲେ। ସେମାନେ ସର୍ବଦା ମୋତେ ମୋର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଏବଂ କଠିନ ପରିଶ୍ରମ କରିବାକୁ କହିଥିଲେ। ୧୫ ବର୍ଷ ହୋଇଥିବା ବେଳେ ମୋତେ ନିଜସ୍ୱ ପ୍ରଥମ ହକି ଷ୍ଟିକ୍ ମିଳିଥିଲା। ଏକାଡେମୀର କୋଚ୍‌ମାନେ କଠିନ ପରିଶ୍ରମ କରିବାକୁ ଏବଂ ନିଜ ଗେମ୍‌କୁ ସୁଧାରିବା ପାଇଁ ମୋଟିଭେଟ କରୁଥିଲେ।

ଅଷ୍ଟ୍ରେଲିଆ ଟୁର୍ ଲାଗି ଭାରତୀୟ ଦଳରେ ସ୍ଥାନ ପାଇବା ମୋ ପାଇଁ ସ୍ୱପ୍ନ ସତ ହେଲା ଭଳି। କମ୍‌ଦିନ ଜାତୀୟ କ୍ୟାମ୍ପରେ ବିତାଇଥିବାରୁ ଭାରତୀୟ ଦଳରେ ସ୍ଥାନ ପାଇବି ବୋଲି କେବେ ଭାବିପାରି ନ ଥିଲି। ଏହା ଆମ ସଭିଙ୍କ ଲାଗି ଏକ ଗୌରବର ମୁହୂର୍ତ୍ତ ଥିଲା। ଯେତେବେଳେ ମୋତେ ଚୟନ କରାଯାଇଥିଲା, ମୋ ପୂରା ପରିବାର ଏହାକୁ ଉତ୍ସବ ଭଳି ପାଳନ କରିଥିଲେ ବୋଲି ସୁଜାତା ପ୍ରକାଶ କରିଛନ୍ତି।

### ସଂକ୍ଷେପରେ ସୁଜାତା...

ନାମ: ସୁଜାତା କୁଜୁର
ଜନ୍ମ: ୨୫ ଜାନୁଆରୀ, ୨୦୦୩
ଘର: ସୁନ୍ଦରଗଡ଼, ଓଡ଼ିଶା
ପ୍ଲେଇଂ ଷ୍ଟାଇଲ: ମିଡ୍ ଫିଲ୍ଡର
ଏକାଡେମୀ: ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)
ପ୍ରତିନିଧିତ୍ୱ: ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଓଡ଼ିଶା, ଭାରତୀୟ ଜୁନିୟର ଓ ସିନିୟର ଦଳ।

## ଅପେକ୍ଷାରେ ସୁନୀଲ



ବେଙ୍ଗାଲୁରୁରେ ଚାଲିଥିବା ଜାତୀୟ ସିନିୟର ପୁରୁଷ ହକି କୋଚିଂ କ୍ୟାମ୍ପରେ ସ୍ଥାନ ପାଇଛନ୍ତି ୨୨ ବର୍ଷୀୟ ଓଡ଼ିଆ ଡିଫେଣ୍ଡର ସୁନୀଲ ଜୋଜୋ। ସେ ଏବେ ତାଙ୍କ ହକି ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟରେ ପାଦ ଦେବାକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଜୁନିୟର ହକି ବିଶ୍ୱକପ୍‌ରେ ଦୁଇ ଥର ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବା ସହ ନିକଟରେ ଶେଷ ହୋଇଥିବା ସୁଲତାନ ଅଫ୍ ଜୋହର କପ୍‌ରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଜୁନିୟର ଦଳର ସେ ସଦସ୍ୟ ଥିଲେ। ଜୁନିୟର ସ୍ତରୀୟ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁ ସୁନୀଲ ଜାତୀୟ ସିନିୟର କ୍ୟାମ୍ପରେ ସ୍ଥାନ ପାଇଛନ୍ତି। ''ଏଥିରେ ଅଭ୍ୟସ୍ତ ହେବା ପାଇଁ ସମୟ ଲାଗିବ, ଯାହାକି ସହଜ ନୁହେଁ। ଶାରୀରିକ ଭାବେ ଅଧିକ ପରିଶ୍ରମ କରିବାକୁ ପଡ଼ିବ, କାରଣ ସିନିୟର ସ୍ତରରେ ମ୍ୟାଚ୍‌ର ଗତି ଖୁବ୍‌ଶୀଘ୍ର ବଦଳିଥାଏ। ଏଣୁ ଏଥିସହିତ ମୋତେ ଖାପ ଖୁଆଇବାକୁ ପଡ଼ିବ। ଦକ୍ଷତା ଓ କୌଶଳରେ ମଧ୍ୟ ପରିବର୍ତ୍ତନ ଆବଶ୍ୟକ। ଏଣୁ ମୋତେ ଖୁବ୍ କଠିନ ଅଭ୍ୟାସ କରିବାକୁ ହେବ। ପ୍ରଥମଥର ସିନିୟର କ୍ୟାମ୍ପରେ ଯୋଗ ଦେଇଥିବାରୁ ଅନେକ କିଛି ଶିଖିବାକୁ ମିଳୁଛି ବୋଲି ସୁନୀଲ କହିଛନ୍ତି। ମ୍ୟାଚ୍ ପରିସ୍ଥିତି ପ୍ରତି ସଚେତନ ରହିବା ସହ ଟ୍ୟାକଲିଂ ହେଉଛି ମୋର ଅସଲ ଶକ୍ତି। ଏବେ ମୁଁ ନିଜସ୍ୱ ଗେମ୍ ସୁଧାରିବା ଉପରେ ଧ୍ୟାନ ଦେଉଛି। ଜଣେ ଶ୍ରେଷ୍ଠ ଖେଳାଳିରେ ପରିଣତ ହେବାକୁ ହେଲେ ଧୈର୍ଯ୍ୟ ଓ ସହନଶକ୍ତି ଉପରେ କାମ କରିବାକୁ ପଡ଼ିବ'' ବୋଲି ସୁନୀଲ ପ୍ରକାଶ କରିଛନ୍ତି।

ଅନେକ ଯୁବ ଭାରତୀୟ ଖେଳାଳିଙ୍କ ଭଳି ସୁନୀଲ ଭାରତୀୟ ହକିର ତାରକା ମିଡ୍‌ଫିଲ୍ଡର ମନ୍‌ପ୍ରୀତ ସିଂଙ୍କୁ ଆଦର୍ଶ ଭାବେ ଦେଖନ୍ତି। ବର୍ତ୍ତମାନ ତାଙ୍କୁ ମନ୍‌ପ୍ରୀତଙ୍କ ସହ ଟ୍ରେନିଂ କରିବାକୁ ସୁଯୋଗ ମିଳିଛି। ଏହାର ଫାଇଦା ଉଠାଇବାକୁ ଲକ୍ଷ୍ୟ ରଖିଛନ୍ତି ସୁନୀଲ ଏବଂ ତାଙ୍କ ଆଦର୍ଶ ମନ୍‌ପ୍ରୀତଙ୍କ ଖେଳକୁ ନିରୀକ୍ଷଣ କରିବା ସହ ଅନେକ ଶିକ୍ଷା କରୁଛନ୍ତି। ''ମୁଁ ତାଙ୍କଠାରୁ ଅନେକ କିଛି ଶିକ୍ଷା କରିପାରିବି। ମନ୍‌ପ୍ରୀତ ଅନେକ ପୋଜିଶନ ଓ ଭୂମିକାରେ ଖେଳନ୍ତି। ଏଣୁ ମୁଁ ତାଙ୍କଠାରୁ ଭିନ୍ନ ଭିନ୍ନ ପରିସ୍ଥିତି ସହ ନିଜକୁ ଖାପ ଖୁଆଇବାକୁ ଉଦ୍ୟମ କରୁଛି। ମୁଁ ଭାରତୀୟ ଦଳର ନିୟମିତ ସଦସ୍ୟ ହେବାକୁ ଏବଂ ବିଭିନ୍ନ ପ୍ରତିଯୋଗିତାରେ ଖେଳିବାକୁ ଲକ୍ଷ୍ୟ ରଖିଛି। ଅନ୍ୟ ସମସ୍ତଙ୍କ ଭଳି ଦେଶ ପାଇଁ ପଦକ ଜିତିବା ମୋର ସ୍ୱପ୍ନ'' ବୋଲି ସୁନୀଲ କହିଛନ୍ତି।

ସୁନୀଲ ଗତ ହକି ଇଣ୍ଡିଆ ଲିଗ୍‌ରେ ୟୁପି ରୁଦ୍ରାସ ପାଇଁ ଖେଳିଥିଲେ। ଯଦିଓ ସେ ଖୁବ୍ କମ୍ ସମୟ ପଡ଼ିଆରେ ବିତାଇଥିଲେ, ତେବେ ଏହା ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଏକ୍ସପୋଜର ଯୋଗାଇଥିଲା। ''ଏହା ମୋ ପାଇଁ ବହୁତ ବଡ଼ ସୁଯୋଗ ଥିଲା। ମୋତେ ଯଦିଓ ଖେଳିବା ପାଇଁ ଅଧିକ ମ୍ୟାଚ୍ ମିଳି ନ ଥିଲା ତେବେ ଡ୍ରେସିଂ ରୁମ୍ ଓ ଟ୍ରେନିଂ ଗ୍ରାଉଣ୍ଡରେ ଅନେକ କିଛି ଶିଖିବାକୁ ପାଇଥିଲି। ଏହି ଅଭିଜ୍ଞତାକୁ ମୁଁ ଆଗକୁ ଉପଯୋଗ କରିବାକୁ ଆଶା ରଖିଛି। କେବଳ ଶାରୀରିକ ଟ୍ରେନିଂ ବଳରେ ଶୀର୍ଷ ସ୍ତରରେ ସଫଳତା ମିଳିପାରିବ ନାହିଁ। ମୋ ମତରେ ବିଶ୍ୱର ଶ୍ରେଷ୍ଠ ଖେଳାଳି ହେବାକୁ ହେଲେ ମାନସିକ ସ୍ତରରେ ମଧ୍ୟ ଏକାଗ୍ରତା ଆବଶ୍ୟକ।

ଓଡ଼ିଶା ହକି ପରମ୍ପରାରୁ ସୃଷ୍ଟି ହୋଇଥିବା ସୁନୀଲ ପରିବାରକୁ ସହଯୋଗ କରିବା ପାଇଁ ହକି ଖେଳିବା ଆରମ୍ଭ କରିଥିଲେ। ଦକ୍ଷିଣ-ପୂର୍ବାଞ୍ଚଳ ରେଲୱେରେ ସେ କାର୍ଯ୍ୟରତ। ତାଙ୍କ ଚାକିରି ସମ୍ପର୍କରେ ସେ କହିଛନ୍ତି ଯେ ଚାକିରି ଯୋଗୁ ମୁଁ ମୋ ପରିବାରକୁ ସମର୍ଥନ କରିପାରୁଛି। ସେମାନଙ୍କ ବୋଝ ହ୍ରାସ ପାଉଛି। ଖେଳାଳି ଭାବେ ଆଗକୁ ବଢ଼ିଲା ବେଳେ ସେମାନେ ମୋତେ ଖୁବ୍ ସହଯୋଗ କରିଥିଲେ। ଏବେ ମୁଁ ସେମାନଙ୍କ ପାଇଁ କିଛି କରିପାରୁଥିବାରୁ ବହୁତ ଖୁସି।

### ସଂକ୍ଷେପରେ ସୁନୀଲ...

ନାମ: ସୁନୀଲ ଜୋଜୋ
ଜନ୍ମ: ୧୪ ଡିସେମ୍ବର ୨୦୦୨
ପରିବାର: ମା-ଜୁଲିୟାନି ଜୋଜୋ, ବାପା-ସଦାନନ୍ଦ ଜୋଜୋ
ଜନ୍ମସ୍ଥାନ: ଗୋମାରଡିହି, କୁତ୍ରା, ସୁନ୍ଦରଗଡ଼
ଖେଳ ଷ୍ଟାଇଲ: ଡିଫେଣ୍ଡର
ଘରୋଇ ଏକାଡେମୀ: ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲ, ରାଉରକେଲା
ଟିମ୍: ଓଡ଼ିଶା ପକ୍ଷରୁ ଜୁନିୟର ଓ ସିନିୟର ସ୍ତରରେ ଖେଳିବା ସହ ଭାରତୀୟ ଦଳ ପକ୍ଷରୁ ୨ ଥର ଜୁନିୟର ବିଶ୍ୱକପ୍ (୨୦୨୧-ଭୁବନେଶ୍ୱର, ୨୦୨୩-ମାଲେସିଆ) ଏବଂ ସୁଲତାନ ଅଫ୍ ଜୋହର କପ୍ ହକି (୨୦୨୩)ରେ ଅଂଶଗ୍ରହଣ କରିଛନ୍ତି।
ଆଦର୍ଶ ଖେଳାଳି: ମନ୍‌ପ୍ରୀତ ସିଂ

---

### ଶ୍ରେଷ୍ଠ

ରୋବୋଟିକ୍ସ ଆଉ ଆର୍ଟିଫିସିଆଲ
ଇଣ୍ଟେଲିଜେନ୍ସ ନେଇ
ଅନ୍ୟ ଦେଶଠାରୁ ବହୁତ ଆଗରେ
ଚାଇନା ଟପ୍‌ରେ ଥାଇ
ଦୌଡ଼ରେ ଯୋଗ ଦେଇ
ଏକୋଇଶ କିଲୋମିଟର ଦୌଡ଼ିଲେ
ଏକୋଇଶ ରୋବୋ ଭାଇ।

ସର୍ବାଧିକ ଫୁଲ୍ ଏକ୍ସଟେନସନ ପଞ୍ଚ୍
ମାରିବାରେ ଅଧିକାରୀ
ବିନା ଗ୍ଲୋବ୍ସରେ ଏକ ମିନିଟରେ
ଚାରିଶ ତେପନ ମାରି
ଜୋଶୁଆ ଟପ୍‌ରେ ନରି
ତିନିଶ ତେତିଶ ପଞ୍ଚ୍ ଏକ କିଗ୍ରା
ଡମ୍ବଲକୁ ହାତେ ଧରି।



ବୟସ ଚଉଦ ନାଁ ବୈଭବ
ସୂର୍ଯ୍ୟବଂଶୀ ମୁଖେ ହସ
ଆଇପିଏଲ୍‌ରେ ଏକ ଶହ ଏକ
ମାରି ରଖିଅଛି ଯଶ
ଦୃଢ଼ ନିଷ୍ଠା ବୃତ୍ତି ଚାଷ
ରଖିଥିବା ଲୋକ ଟପ୍‌ରେ ରହେ
ମହକଇ ତା'ର ବାସ।

-ସୁବାସ ଚନ୍ଦ୍ର ପ୍ରଧାନ

---

## ବିସିସିଆଇର ଖେଳାଳି ଚୁକ୍ତି



ନିର୍ମଳ କୁମାର ମିଶ୍ର

**ଆଇପିଏଲ୍ ମଝିରେ ବିସିସିଆଇ ପକ୍ଷରୁ ଏକ ବଡ଼ ଘୋଷଣା କରାଯାଇଛି। ୨୦୨୪-୨୫ ସିଜନ ପାଇଁ ଖେଳାଳିଙ୍କ ବାର୍ଷିକ ଚୁକ୍ତି ତାଲିକା ପ୍ରକାଶ ପାଇଛି। ଏଥର ୩୪ ଖେଳାଳିଙ୍କୁ ଚୁକ୍ତିରେ ସାମିଲ କରାଯାଇଛି...**

ବିସିସିଆଇ ଦ୍ୱାରା ଆୟୋଜିତ ଆଇପିଏଲ୍ ଲଢ଼େଇ ଏବେ ପାଖାପାଖି ଶେଷ ପର୍ଯ୍ୟାୟରେ ପହଞ୍ଚିଯାଇଛି। ଭାଗ ନେଇଥିବା ୧୦ ଦଳ ଖେଳିବାକୁଥିବା ୧୪ ମ୍ୟାଚରୁ ୧୧ଟି ଖେଳିସାରିଲେଣି। ଆଉ ଅଳ୍ପଦିନ ମଧ୍ୟରେ ପଏଣ୍ଟ ଟେବୁଲର ଶ୍ରେଷ୍ଠ ୪ ଦଳ କ୍ୱାଲିଫାୟର ଖେଳିବା ସ୍ପଷ୍ଟ ହୋଇଯିବ। ବର୍ତ୍ତମାନ ସୁଦ୍ଧା ବେଙ୍ଗାଲୁରୁ, ଗୁଜରାଟ, ପଞ୍ଜାବ, ଦିଲ୍ଲୀ ଓ ମୁମ୍ବାଇ ମଧ୍ୟରେ ପ୍ରାୟତଃ ପ୍ଲେ-ଅଫ୍ ପାଇଁ ଲଢ଼େଇ ଜୋରଦାର ହୋଇଛି। ଆରମ୍ଭରୁ ଚମତ୍କାର ପ୍ରଦର୍ଶନ କରିଥିବା ହାଇଦ୍ରାବାଦ, କୋଲକାତା, ଚେନ୍ନାଇ ଓ ରାଜସ୍ଥାନ ପ୍ରଦର୍ଶନରେ ସ୍ଥିରତା ରକ୍ଷାକରିପାରି ନାହାନ୍ତି। ମୁମ୍ବାଇ ଦଳର ଆରମ୍ଭ ଭଲ ହୋଇ ନ ଥିଲେ ହେଁ ପରେ କ୍ରମାଗତ ୬ ବିଜୟ ଦ୍ୱାରା ପ୍ଲେ-ଅଫ୍ ପାଇଁ ଦୃଢ଼ ଦାବିଦାର ହୋଇଯାଇଛି। ଅନ୍ୟପକ୍ଷରେ ଆଦୌ ଚାମ୍ପିୟନ ହୋଇ ନ ଥିବା ବେଙ୍ଗାଲୁରୁ ବାହାରେ ଖେଳିଥିବା ସମସ୍ତ ମ୍ୟାଚ ଜିତିଥିବା ବେଳେ ପ୍ରଥମ ଥର ପାଇଁ ଘରୋଇ ମାଟିରେ ଗୁଜରାଟକୁ ହରାଇଛି। ସେହିପରି ୧୭ବର୍ଷ ପରେ ଚେପକ୍ ଗ୍ରାଉଣ୍ଡରେ ଚେନ୍ନାଇକୁ ହରାଇଛି ଏହି ଦଳ। ୧୫ବର୍ଷ ପରେ ଦିଲ୍ଲୀ ମଧ୍ୟ ଚେନ୍ନାଇକୁ ଚେପକରେ ହରାଇଥିବା ବେଳେ ପ୍ରଥମ ଥର ପାଇଁ ହାଇଦ୍ରାବାଦଠାରୁ ଚେପକରେ ପରାଜିତ ହୋଇଛି ଚେନ୍ନାଇ। ଚଳିତ ସିଜନ୍‌ରେ ଚେନ୍ନାଇ ଦଳର ଦୁର୍ବଳତା ପଦାରେ ପଡ଼ିଛି। ଋତୁରାଜ ଗାଏକ୍ୱାର୍ଡ ଆଘାତ ହେବା ପରେ ଅଭିଜ୍ଞ ଏମ୍‌ଏସ୍ ଧୋନୀ ଅଧିନାୟକ ହୋଇଥିଲେ ହେଁ ଚେନ୍ନାଇ ଅଭିଯାନ ଲିଗ୍ ପର୍ଯ୍ୟାୟରୁ ଶେଷ ହେବା ସ୍ପଷ୍ଟ ହୋଇଯାଇଛି। ରାଜସ୍ଥାନ ରୟାଲ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ଅବସ୍ଥା ମଧ୍ୟ ତଦ୍ରୂପ। ରଜତ ପଟିଦାରଙ୍କ ନେତୃତ୍ୱାଧୀନ ବେଙ୍ଗାଲୁର ଦଳ ପାଇଁ ଏବେ ମ୍ୟାଚ ବିଜେତା ସାବ୍ୟସ୍ତ ହୋଇଛନ୍ତି ବିରାଟ କୋହଲି। ଚଳିତ ସଂସ୍କରଣରେ ସେ ୫ ଅର୍ଦ୍ଧଶତକ ହାସଲ କରି ଅରେଞ୍ଜ କ୍ୟାପ୍ ଦୌଡ଼ରେ ରହିଛନ୍ତି। ଅକ୍ଷର ପଟେଲ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଶୁବମନ ଗିଲ୍ ଗୁଜରାଟ ଟାଇଟନ୍ସ ଦଳକୁ ଠିକ୍‌ଭାବେ ପରିଚାଳିତ କରୁଛନ୍ତି।

ସେହିପରି ସର୍ବାଧିକ ଉଇକେଟ ଦୌଡରେ ମଧ୍ୟ ଭାରତୀୟ ବୋଲର ରହିଛନ୍ତି। ଯଦିଓ ଯୋଶ ହାଜେଲଉଡ୍ ଏପର୍ଯ୍ୟନ୍ତ ୧୮ଟି ଉଇକେଟ ନେଇ ଆଗରେ ରହିଛନ୍ତି ତେବେ ଗୁଜରାଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ୧୭ ଉଇକେଟ ନେଇ ଦାବିଦାର ତାଲିକାରେ ରହିଛନ୍ତି। ମୋଟାମୋଟି ଦେଖିବାକୁ ଗଲେ ଉଭୟ ବ୍ୟାଟିଂ ଓ ବୋଲିଂରେ ଭାରତୀୟ ଖେଳାଳିଙ୍କ ଦବଦବା ଦେଖିବାକୁ ମିଳିଛି। ଫଳରେ ପୁଣି ଏକ ସଂଘର୍ଷପୂର୍ଣ୍ଣ ପ୍ଲେ ଅଫ୍ ଓ ଫାଇନାଲ ଦେଖିବାକୁ ମିଳିବା ଆଶା ରହିଛି। । ଚଳିତ ଆଇପିଏଲ୍‌ର ମୁଖ୍ୟ ଆକର୍ଷଣରେ ରହିଛନ୍ତି ବୈଭବ ସୂର୍ଯ୍ୟବଂଶୀ ଓ ପ୍ରିୟାଂଶ ଆର୍ଯ୍ୟ। ଆଇପିଏଲ୍ ମଝିରେ ବିସିସିଆଇ ପକ୍ଷରୁ ଏକ ବଡ ଘୋଷଣା କରାଯାଇଛି। ୨୦୨୪-୨୫ ସିଜନ ପାଇଁ ଖେଳାଳିଙ୍କ ବାର୍ଷିକ ଚୁକ୍ତି ତାଲିକା ପ୍ରକାଶ ପାଇଛି। ଏଥର ୩୪ ଖେଳାଳିଙ୍କୁ ଚୁକ୍ତିରେ ସାମିଲ କରାଯାଇଛି। ବିରାଟ କୋହଲି, ରୋହିତ ଶର୍ମା, ରବୀନ୍ଦ୍ର ଜାଡେଜା ଓ ଯଶପ୍ରୀତ ବୁମରା 'ଏ' ପ୍ଲସ୍ ଲିଷ୍ଟରେ ରହିଛନ୍ତି। ଭଲ ପ୍ରଦର୍ଶନ କରୁଥିବା ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ଶୁଭମନ ଗିଲ, ମହମ୍ମଦ ସିରାଜଙ୍କ ସହ ଗ୍ରେଡ୍ 'ଏ'ରେ ରିଷଭ ପନ୍ତ ଓ ମହମ୍ମଦ ଶାମିଙ୍କୁ ରଖାଯିବାକୁ ନେଇ ସମାଲୋଚନା ହୋଇଛି। ଗ୍ରେଡ୍ 'ବି'ରେ ସ୍ଥାନ ପାଇଥିବା ଖେଳାଳିମାନଙ୍କ ମଧ୍ୟରେ ସୂର୍ଯ୍ୟକୁମାର ଯାଦବ, କୁଳଦୀପ ଯାଦବ, ଅକ୍ଷର ପଟେଲ, ଯଶସ୍ୱି ଯଶୱାଲ ଓ ଶ୍ରେୟସ ଆୟାର ରହିଛନ୍ତି। ଦେଶ ପାଇଁ ଭଲ ପ୍ରଦର୍ଶନ କରୁଥିବା, ସଫଳ ଅଧିନାୟକ ରହିଥିବା ଓ ଅଧିକ ରନ୍ ସହ ଉଇକେଟ୍ ନେଉଥିବା ଖେଳାଳିଙ୍କୁ ଏହି ମର୍ଯ୍ୟାଦା ମିଳିଛି। ଗ୍ରେଡ୍ 'ସି'ରେ ୧୯ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଏମାନେ ହେଲେ ରିଙ୍କୁ ସିଂ, ତିଲକ ବର୍ମା, ଋତୁରାଜ ଗାଏକ୍ୱାର୍ଡ, ଶିବମ୍ ଦୁବେ, ରବି ବିଷ୍ଣୋଇ, ୱାଶିଂଟନ ସୁନ୍ଦର, ମୁକେଶ କୁମାର, ସଞ୍ଜୁ ସାମସନ, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା, ରଜତ ପଟିଦାର, ଧ୍ରୁବ ଜୁରେଲ, ସର୍ଫରାଜ ଖାଁ, ନୀତୀଶ କୁମାର ରେଡ୍ଡୀ, ଇଶାନ କିଶନ, ଅଭିଷେକ ଶର୍ମା, ଆକାଶ ଦୀପ, ବରୁଣ ଚକ୍ରବର୍ତ୍ତୀ ଓ ହର୍ଷିତ ରାଣା। ବାର୍ଷିକ ଚୁକ୍ତିନାମାରୁ ବାଦ୍ ପଡିଥିବା ଖେଳାଳିମାନଙ୍କ ମଧ୍ୟରେ ରବିଚନ୍ଦ୍ରନ ଅଶ୍ୱିନୀ, ଶାର୍ଦ୍ଦୁଳ ଠାକୁର, ଜିତେଶ ଶର୍ମା, ଏସ୍. ଭରତ, ଆଭେଶ ଖାନ, ସ୍ୱିତ୍ତଷ୍ଟର ଉମରାନ ମଲ୍ଲିକ, ଯଶ ଦୟାଲ, ବିଜୟ କୁମାର ଆଦି ଅନ୍ୟତମ।

ଆଇପିଏଲ୍‌କୁ ନେଇ ବିସିସିଆଇ ଇତିମଧ୍ୟରେ ଆଉ ଏକ ବଡ ଖବର ପ୍ରକାଶ କରିଛି। ଆଗାମୀ ୨୦୨୮ ସୁଦ୍ଧା ଆଇପିଏଲ୍ ମ୍ୟାଚ ସଂଖ୍ୟା ବୃଦ୍ଧି ପାଇ ୯୪ ହେବ। ଆଗାମୀ ଦୁଇ ବର୍ଷ ପାଇଁ ଏପରି ସମ୍ଭାବନା ନ ଥିବାବେଳେ ୨୦୨୮ରୁ ଆରମ୍ଭ ହେବାକୁ ଥିବା ନୂଆ ଆଇପିଏଲ୍ ସଂସ୍କରଣରୁ ଏହା କାର୍ଯ୍ୟକାରୀ କରାଯିବ ବୋଲି ଅଧକ୍ଷ ଅରୁଣ ଧୁମାଲ ପ୍ରକାଶ କରିଛନ୍ତି। ପ୍ରଥମେ ଏହା ୮୪ ଓ ପରବର୍ତ୍ତୀ ଅବସ୍ଥାରେ ୯୪କୁ ବୃଦ୍ଧି ହେବ। ସମସ୍ତ ସ୍ୱତ୍ୱାଧିକାରୀମାନଙ୍କୁ ସର୍ବାଧିକ ଲାଭ ଦେବା ପାଇଁ ଏହା କରାଯିବ। ଏହା ଆଇପିଏଲ୍‌ର ଲୋକପ୍ରିୟତାକୁ ଆହୁରି ଆଗକୁ ନେବ ବୋଲି ଆଶା କରାଯାଉଛି। ଚଳିତ ଆଇପିଏଲ୍ ୯ ସପ୍ତାହ ଧରି ଚାଲୁଛି ଓ ଏଥିରେ ୧୨ଟି ଡବଲ ହେଡର ମ୍ୟାଚ ଖେଳାଯାଉଛି।



ବିରାଟ କୋହଲି



ଯଶପ୍ରୀତ ବୁମରା

# ଶ୍ରମିକ ବିରୋଧୀ ନୀତି ବିରୋଧରେ ଆନ୍ଦୋଳନ ଆହ୍ୱାନ

ପବିତ୍ରନଗର,୮।୫(ନିରୋଜ ପ୍ରଧାନ)



ଶ୍ରମିକ ସଭାରେ ମଞ୍ଚାସୀନ ଅତିଥିମାନେ।

ଏଆଇୟୁଟିୟୁସି ଓ ଏଆଇପିଏଫ୍ ସହବନ୍ଧିତ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ (ଏନ୍‌ଟିପିସି) ପକ୍ଷରୁ ବୁଧବାର ସନ୍ଧ୍ୟାରେ ଗଦାଶିଳାସ୍ଥିତ ୟୁନିୟନ ଅଫିସଠାରେ ଏକ ଶ୍ରମିକ ସଭା ଅନୁଷ୍ଠିତ ହୋଇଯାଇଛି। ୟୁନିୟନ ସଭାପତି ଜୟସେନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥି ଭାବେ ଏଆଇୟୁଟିୟୁସି ରାଜ୍ୟ ଉପସଭାପତି ଭିକାରି ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏଆଇୟୁଟିୟୁସି ଅନୁଗୋଳ ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁ ଯୋଗଦେଇ ଶ୍ରମିକ ବିରୋଧୀ ନୀତି ବିରୋଧରେ ଶକ୍ତିଶାଳୀ ଐକ୍ୟବଦ୍ଧ ଶ୍ରମିକ ଆନ୍ଦୋଳନ ଗଢ଼ିତୋଳିବାକୁ ଆହାନ ଦେଇଥିଲେ। ଶ୍ରମିକ କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ ବାତିଲ କରିବା, ଠିକାଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା କରିବା ଆଦି ୧୭ ଦଫା ଦାବିରେ ଏଆଇୟୁଟିୟୁସି ସମେତ ୧୦ଟି କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଆହ୍ୱାନରେ ଆସନ୍ତା ୨୦ ତାରିଖରେ ସର୍ବଭାରତୀୟ ଧର୍ମଘଟରେ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ ସାମିଲ ହେବା ପାଇଁ ସଭାର ସଭାପତି ଘୋଷଣା କରିଥିଲେ। ସଭାରେ ୟୁନିୟନ ଯୁଗ୍ମ ସମ୍ପାଦକ ଟୁନା ନାଏକ, କାର୍ଯ୍ୟକାରୀ ସଭ୍ୟ ଗନ୍ଧର୍ବ ନାଏକ, ପ୍ରତାପ ପ୍ରଧାନ, ସିଙ୍ଗେଶ୍ୱର ସାହୁ, ଅଭୟ କୁମାର ନାଏକ, କାଳନ୍ଦୀ ଚରଣ ନାଏକ, ନରେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ଶତାଧିକ କର୍ମୀ, ସଙ୍ଗଠକ ଯୋଗ ଦେଇଥିଲେ।

# ଭାଇଙ୍କୁ ଟାଙ୍ଗିଆରେ ଆକ୍ରମଣ ଅଭିଯୋଗ

ବଇଣ୍ଡା,୮।୫(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ତାଳମଲିହା ଗ୍ରାମର ରମାକାନ୍ତ ପ୍ରଧାନଙ୍କୁ ତାଙ୍କ ଭାଇ ନଗେନ୍ଦ୍ର ପ୍ରଧାନ ଏକ ଟାଙ୍ଗିଆରେ ଆକ୍ରମଣ କରିଥିବା ବୁଧବାର ରମାକାନ୍ତ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୧୩୬/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ରମାକାନ୍ତ ତାଙ୍କ ଘର ଅଗଣାରେ ବାଡ଼ ଦେଉଥିବାବେଳେ ନଗେନ୍ଦ୍ର ଏହାକୁ ବିରୋଧ କରିଥିଲେ। କାହିଁକି ସେଠାରେ ବାଡ଼ ଦେଉଛନ୍ତି ବୋଲି ପଚାରିବା ସହ ମାଡ଼ ମାରିଥିଲେ। ରମାକାନ୍ତ ଏହାର ପ୍ରତିବାଦ କରିବାରୁ ନଗେନ୍ଦ୍ର ଧରିଥିବା ଏକ ଟାଙ୍ଗିଆରେ ରମାକାନ୍ତଙ୍କୁ ଆକ୍ରମଣ କରିଥିଲେ। ଫଳରେ ରମାକାନ୍ତ ଗୁରୁତର ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ଜଙ୍ଗଲରୁ ଗଳିତ ମୃତଦେହ ଜବତ

## ପୋଲିସ ଓ ସାଇଣ୍ଟିଫିକ ଟିମ୍‌ର ତଦନ୍ତ

ଛେଣ୍ଡିପଦା,୮।୫ (ଅଜିତ ଧଳ)


ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ସହ ବନ ବିଭାଗ କର୍ମଚାରୀ ପହଞ୍ଚିଛନ୍ତି।

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ମାରୁଡିପ ସଂରକ୍ଷିତ ଜଙ୍ଗଲରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ବାଗଡ଼ିଆ ଥାନା ପୋଲିସ ଗୁରୁବାର ଜବତ କରିଛି। ସୂଚନା ଅନୁଯାୟୀ, ଜଙ୍ଗଲର ପଥର ଖୋଳ ନିକଟରେ ଏକ ଗଳିତ ମୃତଦେହ ପଡ଼ିଥିବା କେତେଜଣ ପତ୍ରତୋଳାଳି ଦେଖିଥିଲେ। ସେମାନେ ଏ ସମ୍ପର୍କରେ ଗ୍ରାମରେ ଜଣାଇବା ପରେ ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ବନବିଭାଗ ପକ୍ଷରୁ ଥାନାକୁ ଖବର ଦିଆଯିବା ପରେ ଥାନା ଅଧିକାରୀ ବିପ୍ଳବ ସାହୁ, ବନାଞ୍ଚଳ ଅଧିକାରୀ ଶୁଭ୍ରାଶୁଚିସ୍ମିତା ମହାପାତ୍ର, ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେବା ସହ ଘଞ୍ଚ ଜଙ୍ଗଲ ଭିତରକୁ ଯୁବକ ଜଣକ କିପରି ଆସିଲେ, ଏହା ହତ୍ୟା ନା ଆତ୍ମହତ୍ୟା ସେ ନେଇ ତଦନ୍ତ କରୁଛି। ପ୍ରାଥମିକ ତଦନ୍ତରୁ ଯୁବକଙ୍କ ମୃତ୍ୟୁ ୧୦ ରୁ ୧୫ ଦିନ ତଳୁ ହୋଇଥିବା ବେଳେ ତାଙ୍କ ବୟସ ୫୦ରୁ ଅଧିକ ହୋଇଥିବା ଅନୁମାନ କରାଯାଉଛି। ଏ ନେଇ ପୋଲିସ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ପଚରାଉଚରା କରାଯାଉଛି। ଗଳିତ ମୃତଦେହକୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଶବ ଗୃହରେ ରଖାଯାଇଛି। ଏହାକୁ ଏଫ୍‌ଏମ୍‌ସିକୁ ପଠାଯାଇ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟ ଶୀଘ୍ର ଖୋଲାଯାଉ

## ଅନୁରୋଧ କଲା ଆଠମଲ୍ଲିକ ଓକିଲସଂଘ

ବଇଣ୍ଡା,୮।୫ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ଅଧିବାସୀଙ୍କ ଦୀର୍ଘ ଦିନର ଦାବି କେନ୍ଦ୍ରୀୟ ବିଦ୍ୟାଳୟ ଶୀଘ୍ର ଖୋଲାଯିବାକୁ ଆଠମଲ୍ଲିକ ଓକିଲ ସଂଘ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଗୁରୁବାର ଅନୁରୋଧ କରାଯାଇଛି। ଆଠମଲ୍ଲିକ ଜନସାଧାରଣଙ୍କ ପକ୍ଷରୁ ଓକିଲ ସଂଘ ଏ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିକଟକୁ ଏକ ପତ୍ର (ବିଏଏ/୧୧୮/୨୫) ପ୍ରେରଣ କରିଛି। କେନ୍ଦ୍ରୀୟ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରି ଚଳିତ ଶିକ୍ଷାବର୍ଷରେ ଛାତ୍ରୀଛାତ୍ରମାନେ କିଭଳି ଶିକ୍ଷା ଲାଭ କରିପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଓକିଲ ସଂଘ ଉକ୍ତ ପତ୍ରରେ ଅନୁରୋଧ କରିଛି। ସଂଘ ପକ୍ଷରୁ କୁହାଯାଇଛି, ବର୍ତ୍ତମାନ ସମୟରେ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଶିକ୍ଷା ପ୍ରତିଯୋଗିତା ମୂଳକ ହୋଇପଡ଼ିଛି। ସବୁ ମା' ବାପା ଚାହାନ୍ତି ତାଙ୍କ ଝିଅ କିମ୍ବା ପୁଅ ଭଲ ପାଠ ପଢ଼ି ନିଜକୁ ପ୍ରତିଷ୍ଠିତ କରୁ। ସେଥିପାଇଁ ଉତ୍ତମ ଶିକ୍ଷାର ଆବଶ୍ୟକତା ରହିଛି। ଦୀର୍ଘ ୧୨ ବର୍ଷରୁ ଅଧିକ ସମୟ ଧରି ଆଠମଲ୍ଲିକବାସୀ ଏଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ବିଭିନ୍ନ ରାଜନୈତିକ ଦଳ, ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାହା ସଫଳ ହୋଇପାରି ନ ଥିଲା। ତେବେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ଘୋଷଣା ହେବା ପରଠାରୁ ଜନସାଧାରଣଙ୍କ ଆଶା ଦ୍ୱିଗୁଣିତ ହୋଇଯାଇଥିଲା। ତେଣୁ ଯଥାଶୀଘ୍ର ଏହି ବିଦ୍ୟାଳୟ ଉଦ୍‌ଘାଟନ ସହ ଛାତ୍ରୀଛାତ୍ରଙ୍କ ନାମ ଲେଖା ପ୍ରକ୍ରିୟା ଆରମ୍ଭ କରାଯିବାକୁ ଓକିଲସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

# ବଜାରରୁ ବିଦାୟ ନେଇଥିବା ବ୍ୟବସାୟୀଙ୍କୁ ସମ୍ବର୍ଦ୍ଧନା


ନାଲ୍‌କୋନଗର ବଜାରରୁ ବିଦାୟ ନେଇଥିବା ବ୍ୟବସାୟୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବଅଁରପାଳ,୮।୫(ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋନଗର ବଜାରରେ ଦୀର୍ଘ ୪୫ ବର୍ଷଧରି ଏକ ଚାହା ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା କେନ୍ଦ୍ରାପଡ଼ା ଜିଲାର ଗୋବିନ୍ଦ ଚନ୍ଦ୍ର ସାହୁ ଗୁରୁବାର ନାଲ୍‌କୋ ବଜାରରୁ ବିଦାୟ ନେଇଛନ୍ତି। ଦୀର୍ଘବର୍ଷ ଧରି ସେ ନାଲ୍‌କୋନଗର ବ୍ୟବସାୟୀ ଏବଂ କାଣ୍ଡସର ଗ୍ରାମବାସୀଙ୍କ ସହିତ ସୁସମ୍ପର୍କ ରଖିଥିବାରୁ ଏ ନେଇ ଏକ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଦୋକାନୀ ଗୋବିନ୍ଦଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯିବା ସହ କେକ୍‌କଟା ଯାଇଥିଲା। ଗୋବିନ୍ଦ କାଣ୍ଡସର ଗ୍ରାମରେ ଭଡ଼ାରେ ରହୁଥିବାରୁ ସମ୍ବର୍ଦ୍ଧନା ସମୟରେ ଆଇନଜୀବୀ ସୁଶାନ୍ତ କୁମାର ମିଶ୍ର, କାଣ୍ଡସର ନପଞ୍ଚାୟତର ପୂର୍ବତନ ସରପଞ୍ଚ ବିଷ୍ଣୁଚରଣ ବେହେରା, ଜୟଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଭାପତି ଅନନ୍ତ କୁମାର ବାରିକ, ଅଜୟ ସାହୁ, ସୁଶାନ୍ତ ସାହୁ, ସନାତନ ନାଏକ, କ୍ଷିତୀଶ ବାରିକ, ବଂଶୀଧର ପ୍ରଧାନ, ସୁବ୍ରତ ବିଶ୍ୱାଳ, ସନାତନ ପ୍ରଧାନ, ଦୟାନିଧି ମୁଦୁଲି, ମହାଲକ୍ଷ୍ମୀ ବଜାର ପୂଜା କମିଟି ସଭାପତି କିଶୋର ଶତପଥୀ ବଜାର କମିଟି ସଦସ୍ୟ କ୍ଷୀରୋଦ ବେହେରା, ଭଗବାନ ସ୍ୱାଇଁ, ସୁବ୍ରତ ବିଶ୍ୱାଳ, ବୁବୁ ରାଉତ, ଅଭୟ ବିଶ୍ୱାଳ, ରାମଚନ୍ଦ୍ର ସାହୁଙ୍କ ସମେତ ବହୁ ବ୍ୟବସାୟୀ ଉପସ୍ଥିତ ଥିଲେ।

# ୨ ଚାଳକ ଗିରଫ, ୨ ବାଇକ୍ ଜବତ

ବଇଣ୍ଡା,୮।୫(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ଗୁରୁବାର ଠାକୁରଗଡ଼ ଅଞ୍ଚଳରେ ଗାଡ଼ିମୋଟର ଯାଞ୍ଚ କରିଥିଲା। ରାସ୍ତାର ଉଭୟପାର୍ଶ୍ୱରୁ ଆସୁଥିବା ଗାଡ଼ିକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଏହି ସମୟରେ ମଦ୍ୟପାନ କରି ବାଇକ୍ ଚଲାଉଥିବା ଅଭିଯୋଗରେ ମଇଧରପୁର ଅଞ୍ଚଳର ବିଜୟ ନାୟକଙ୍କୁ ଗିରଫ କରାଯିବା ସହ ତାଙ୍କ ବାଇକ୍‌କୁ ଜବତ କରାଯାଇଥିଲା। ଏ ସଂକ୍ରାନ୍ତରେ ଠାକୁରଗଡ଼ ଥାନାରେ ନମ୍ବର ୧୩୨/୨୫ରେ ଏକ ମାମଲା ରୁଜୁ କରାଯାଇଥିଲା। ସେହିପରି ମାମୁରିଝରଣ ଗ୍ରାମର ଜ୍ୟୋତିନ ଗୋଛାୟତଙ୍କୁ ମଦ୍ୟପାନ କରି ବାଇକ୍ ଚଲାଉଥିବା ଅଭିଯୋଗରେ ଗିରଫ କରାଯିବା ସହ ତାଙ୍କ ବାଇକ୍‌କୁ ଜବତ କରାଯାଇଛି। ଏ ନେଇ ନମ୍ବର ୧୩୩/୨୫ରେ ଥାନାରେ ଆଉ ଏକ ମାମଲା ରୁଜୁ କରାଯାଇଛି।


कार्यपालक अभियंता का कार्यालय
विशेष कार्य प्रमण्डल भवन निर्माण विभाग, राँची।
Mail:-splworksdivbcdrnc@gmail.com
RFP Cancelation Notice

Nodal Officer, -Procurement Cell, Office of the Executive Engineer Special Works Division Building Construction Department Ranchi द्वारा PR. No. 332393 Building (24-25)#D के तहत प्रकाशित Consultancy Service for Preparation of DPR & PMC Services for Construction of State Guest House at Puri, Odisha कार्य का NIT-11/2024-25 दिनांक–08.08.2024 को अपरिहार्य कारणों से स्थगित किया जाता है।

कार्यपालक अभियंता
विशेष कार्य प्रमण्डल,
भ0 नि0 वि0 राँची।

PR 352002 Building(25-26)D


# ବିଦ୍ୟାଳୟ ଟପ୍ପରଙ୍କୁ ସମ୍ବର୍ଦ୍ଧନା



କୃତୀ ଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ବଇଣ୍ଡା,୮।୫(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ହାଇସ୍କୁଲର ଛାତ୍ରୀ ଶାଶ୍ୱତୀ ପ୍ରିୟଦର୍ଶିନୀ ସାହୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୫୨୧ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଥିବାରୁ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଦେହୁରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ କଠିନ ପରିଶ୍ରମ କର ଟପ୍ପର ହୋଇଥିବାରୁ ଏହି ସଫଳତା ପାଇଁ ବିଦ୍ୟାଳୟ ଆଜି ଗର୍ବିତ ବୋଲି କହିଥିଲେ। ଆଗକୁ ଭଲ ପାଠପଢ଼ି ଠାକୁରଗଡ଼ ଅଞ୍ଚଳର ନାମ ରଖିବାକୁ ଅତିଥିମାନେ କହିଥିଲେ। ଏଥିରେ ଶିକ୍ଷୟିତ୍ରୀ ଚାରୁହାସିନୀ ସାହୁ, ରଶ୍ମିତା ପ୍ରଧାନ, ଲୋପାମୁଦ୍ରା କଅଁର, ବର୍ଷାରାଣୀ ସିଂ, ଶିକ୍ଷକ ଅନିଲ ମେହେର, ଚିଦାନନ୍ଦ ଦେହୁରୀ, ସନ୍ତୋଷ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।

# ପ୍ରାଥମିକସ୍ତରର ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା

ତାଳଚେର,୮।୫ (ମନୋଜ ନନ୍ଦ)


କର୍ମଶାଳାରେ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଉଛି।

ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଡିଏଭି ଜଗନ୍ନାଥ କ୍ଷେତ୍ରରେ ୩ଦିନ ଧରି ଆୟୋଜିତ ଦ୍ୱିତୀୟ ବିଭାଗ ପ୍ରାଥମିକ ଶିକ୍ଷା ବିକାଶ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଡିଏଭି କ୍ଲଷ୍ଟର ୬୧, ୬୯, ୭୨ ଓ ୭୪ରୁ ୮୦ ଜଣ ପ୍ରଶିକ୍ଷାର୍ଥୀ ଏହି ପ୍ରଶିକ୍ଷଣରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୨ ଜଣ ଶିକ୍ଷକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଭିନବ ଶୈଳୀରେ ପ୍ରାଥମିକସ୍ତରରେ ପିଲାମାନଙ୍କୁ ଶିକ୍ଷାଦାନ ଦେବାର ପଦ୍ଧତି ସମ୍ପର୍କରେ ସେମାନେ ତାଲିମ ଦେଇଥିଲେ। ଜାତୀୟ ଶିକ୍ଷାନୀତି -୨୦୨୦କୁ ଆଧାର କରି ହସ ଖେଳ ମାଧ୍ୟମରେ ଛୋଟଛୋଟ ପିଲାମାନଙ୍କୁ ଶିକ୍ଷା ଦେବାର କୌଶଳ ବାସ୍ତବରେ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। କର୍ମଶାଳାର ଶେଷ ଦିନରେ ପ୍ରଶିକ୍ଷାର୍ଥୀମାନଙ୍କ ଲବ୍ଧ ଜ୍ଞାନର ପରୀକ୍ଷା କରାଯାଇଥିଲା। ଏହି କର୍ମଶାଳାକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ସୁଚାରୁ ରୂପେ ଆୟୋଜନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ତଥା କ୍ଲଷ୍ଟର -୭୨ର ମୁଖ୍ୟ ଶୁକ୍ଳା ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ ଏ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ବିଦ୍ୟାଳୟସ୍ତରରେ ଏଭଳି ପ୍ରଶିକ୍ଷଣ ବ୍ୟବସ୍ଥା ଆୟୋଜନ କରି ପ୍ରଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ବ୍ୟବସ୍ଥାକୁ ପରିବର୍ଦ୍ଧିତ କରିଥିବାରୁ ସମସ୍ତ ପ୍ରଶିକ୍ଷାର୍ଥୀ ଅଧ୍ୟକ୍ଷାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।


पुलिस अधीक्षक का कार्यालय, रेल जमशेदपुर
आवश्यक सूचना



दिनांक–29.04.2025 रेलवे स्टेशन राँची से करीब 04 कि0मी0 पूरब रेलवे स्टेशन नामकोम के प्लेटफार्म सं0–01 पर पोल सं0–414/04 के समीप शेड के नीचे लोहे के बैंच पर से एक अज्ञात मृतक पुरूष, उम्र–करीब 70 वर्ष का शव बरामद किया गया है, शव कि विवरणी निम्न प्रकार हैः–

- उम्र–करीब 70 वर्ष,
- रंग–सॉवला,
- कद– करीब 5 फीट 8 इंच
- बाल, दाढ़ी – सफेद (पका हुआ)
- पहनावा– कॉफी रंग का फुल ट्राउजर पैन्ट, काला–उजला चेकदार गमछा ओढ़ा हुआ ।

अतः इस उद्घोषणा के द्वारा आमजनों से अपील की जाती है कि उपरोक्त अज्ञात शव के संबंध में किसी प्रकार की सूचना होने/प्राप्त होने पर निम्नांकित दुरभाष नंबरो पर संपर्क स्थापित कर सूचित करें। आपका परिचय गोपनीय रखा जायेगा एवं आपको उचित ईनाम दिया जायेगा।


पुलिस अधीक्षक, रेल जमशेदपुर :– 9431303400
पुलिस उपाधीक्षक, रेल चक्रधरपुर :– 7488840386
पु0नि0–सह–थाना प्रभारी, रेल थाना रॉची :– 9939199626

ह0/–
07.05.25
पुलिस अधीक्षक,
रेल जमशेदपुर

PR 351957 (Police)25-26*D


# ଥର୍ମାଲ ଆଞ୍ଚଳିକ ଶାନ୍ତି କମିଟି ପକ୍ଷରୁ ଦାବିପତ୍ର

ତାଳଚେର,୮।୫ (ମନୋଜ ନନ୍ଦ)


ଶାନ୍ତି କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ତାଳଚେରସ୍ଥିତ ନନ୍ଦିରା ଯୋର କୂଳରେ ଏନ୍‌ଟିପିସି / ଟିଟିପିଏସ୍ ପକ୍ଷରୁ ମାଟି ପକାଯାଇ ସଂକୋଚନ କରାଯାଉଥିବା ଥର୍ମାଲ ଆଞ୍ଚଳିକ ଶାନ୍ତି କମିଟି ପକ୍ଷରୁ ଅଭିଯୋଗ କରାଯିବା ସହ ଏ ନେଇ ଏକ ଦାବିପତ୍ର ନିର୍ବାହୀ ନିର୍ଦ୍ଦେଶକ ବିଜୟ ଚାନ୍ଦଙ୍କୁ ଗୁରୁବାର ପ୍ରଦାନ କରାଯାଇଛି। କମିଟି ସଭାପତି ସନାତନ ସାମଲଙ୍କ ନିର୍ଦ୍ଦେଶକ୍ରମେ ଆବାହକ ବିଜୟ ପ୍ରଧାନ, ସମ୍ପାଦକ ଅନନ୍ତ ସାହୁ, ଆନନ୍ଦ ଚନ୍ଦ୍ର ସାହୁ, ଶିତିକାନ୍ତ ରଥ, ଟଙ୍କଧର ରାଉତ, ଗୋପବନ୍ଧୁ ସାହୁ, ସହଦେବ ସାମଲ, ଅଚ୍ୟୁତାନନ୍ଦ ସାହୁ ପ୍ରମୁଖ ନିର୍ବାହୀ ନିର୍ଦ୍ଦେଶକ ଚାନ୍ଦଙ୍କୁ କାର୍ଯ୍ୟାଳୟଠାରେ ସାକ୍ଷାତ କରି ଆଲୋଚନା କରିବା ସହିତ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ସନ୍ଥପଡ଼ା, ଗୁରୁଜାଙ୍ଗୁଲି, ଜଗନ୍ନାଥପୁର, ବନ୍ତୋଲ ଓ ଭୋଗବେରେଣୀ ପଞ୍ଚାୟତକୁ ନେଇ ଥର୍ମାଲ ଆଞ୍ଚଳିକ ଶାନ୍ତି କମିଟି ଗଠନ କରାଯାଇଛି। ଥର୍ମାଲ ପାର୍ଶ୍ୱ ଦେଇ ନନ୍ଦିରା ଯୋର ପ୍ରବାହିତ ହେଉଛି। ଏହି ଯୋର କୂଳରେ ଥର୍ମାଲ ପକ୍ଷରୁ ମାଟି ପକାଇ ସଂକୋଚନ କରାଯିବା ଫଳରେ ଅପର ପାର୍ଶ୍ୱ ଚାଷ ଜମିକୁ ପାଣି ମାଡ଼ିଯିବାର ଭୟ ରହିଛି। ଏହାସହିତ ଥର୍ମାଲ ପ୍ରକଳ୍ପ ପକ୍ଷରୁ କାରଖାନାର ନିଜସ୍ୱ ଜାଗାରେ ପାଚେରି କାର୍ଯ୍ୟ ନ କରି ସର୍ବସାଧାରଣ ଜାଗାରେ କରାଯାଉଛି। ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କିମ୍ବା ଆସନ୍ତା ୨୦ ତାରିଖ ସୁଦ୍ଧା ଆଲୋଚନା ନ କଲେ ଶାନ୍ତିକମିଟି ପକ୍ଷରୁ ଆଗାମୀ ଦିନରେ ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରାଯିବ ବୋଲି ଲିଖିତ ଭାବେ ଜଣାଇ ଦିଆଯାଇଛି।

# ମହିଳାଙ୍କୁ ହତ୍ୟା ଧମକ ଅଭିଯୋଗ

**ବଇଣ୍ଡା,୮।୫(ପରିକ୍ଷିତ ସାହୁ):** ଅନୁଗୋଳ ଜିଲା କିଶୋରନଗର ଥାନା ବଅଁରନାଳୀ ଗ୍ରାମର ଶାନ୍ତିଲତା ବେହେରାଙ୍କୁ ସେହି ଗ୍ରାମର ଖଗେଶ୍ୱର ସାହୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ଶାନ୍ତିଲତା ବୁଧବାର କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୧୨୫/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୋଲିସ କହିଛି, ଶାନ୍ତିଲତା ଘରେ ଥିବାବେଳେ ଖଗେଶ୍ୱର ଆସି ତାଙ୍କ ସ୍ୱାମୀଙ୍କୁ ଖୋଜିଥିଲେ। ସ୍ୱାମୀ ଘରେ ନ ଥିବା କହିବାପରେ ଖଗେଶ୍ୱର ଘର ଭିତରକୁ ପଶି ଶାନ୍ତିଲତାଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ଘର ଭିତରୁ ଅଜଗର ଉଦ୍ଧାର

**ବଇଣ୍ଡା,୮।୫ (ପରିକ୍ଷିତ ସାହୁ):** ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଗରୁଡ଼ ଗ୍ରାମର ସଦାନନ୍ଦ ସେଠୀଙ୍କ ଘରୁ ଗୁରୁବାର ଏକ ଅଜଗର ସାପ ଉଦ୍ଧାର କରାଯାଇଛି । ସାପଟି ଘରଭିତରକୁ ପଶି ଆସୁଥିବା ଦେଖି ସଦାନନ୍ଦ ଓ ପରିବାର ଲୋକେ ଭୟରେ ବାହାରକୁ ପଳାଇ ଆସିଥିଲେ। ସାପଟିକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିବାକୁ ସଦାନନ୍ଦ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ଖବରପାଇ ସିଦ୍ଧେଶ୍ୱର ସଦାନନ୍ଦଙ୍କ ଘରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପଟିକୁ ଉଦ୍ଧାର କରିଥିଲେ। ପରେ ସାପଟିକୁ ହଣ୍ଡପା ବନ ବିଭାଗ ଜରିଆରେ ନିକଟରେ ଥିବା ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା।


ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: ଡିଆର୍‌ଏମ୍‌ଇ ଏନ୍‌ଜିଜିଆର୍‌ଏନ୍‌ସି-୨୧-୨୭-୨୦୨୫, ତାରିଖ୦୭।୦୫।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜି), ଦ.ପୂ. ରେଳପଥ, ରାଞ୍ଚିଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି: କ୍ର.ସଂ. ଓ ବିଜ୍ଞପ୍ତି ସଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି ମୂଲ୍ୟ: (୧) ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୨୧-୨୦୨୫; ରାଞ୍ଚି ମଣ୍ଡଳର ପିଡବ୍ଲ୍ୟୁଆଇ/ମୁରୀ-I ଅଧୀନରେ ବିଭିନ୍ନ ୟାର୍ଡଗୁଡ଼ିକ ପାଇଁ ୟାର୍ଡ ଉନ୍ନୟନ/ଉନ୍ନତୀକରଣ କାର୍ଯ୍ୟ ଏବଂ ଟ୍ରାକ୍ ମେଶିନ୍ ସାଇଡିଂ ସମେତ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧାର ବିକାଶ; ₹୮,୯୯,୬୩,୩୫୪.୯୭; ₹୫,୯୯,୮୦୦/-। (୨) ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୨୨-୨୦୨୫; ରାଞ୍ଚି ମଣ୍ଡଳର ପିଡବ୍ଲ୍ୟୁଆଇ/ମୁରୀ-II ଅଧୀନରେ ବିଭିନ୍ନ ୟାର୍ଡଗୁଡ଼ିକ ପାଇଁ ୟାର୍ଡ ଉନ୍ନୟନ/ଉନ୍ନତୀକରଣ କାର୍ଯ୍ୟ ଏବଂ ଟ୍ରାକ୍ ମେଶିନ୍ ସାଇଡିଂ ସମେତ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧାର ବିକାଶ; ₹୮,୯୮,୮୬,୭୧୭.୧୪; ₹୫,୯୯,୪୦୦/- । (୩) ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୨୩-୨୦୨୫; ରାଞ୍ଚି ମଣ୍ଡଳର ପିଡବ୍ଲ୍ୟୁଆଇ/ରାଞ୍ଚି ଅଧୀନରେ ବିଭିନ୍ନ ୟାର୍ଡଗୁଡ଼ିକ ପାଇଁ ୟାର୍ଡ ଉନ୍ନୟନ/ଉନ୍ନତୀକରଣ କାର୍ଯ୍ୟ ଏବଂ ଟ୍ରାକ୍ ମେଶିନ୍ ସାଇଡିଂ ସମେତ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧାର ବିକାଶ; ₹୮,୯୮,୫୦,୮୩୨.୫୦; ₹୫,୯୯,୩୦୦/- । (୪) ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୨୪-୨୦୨୫; ରାଞ୍ଚି ମଣ୍ଡଳର ପିଡବ୍ଲ୍ୟୁଆଇ/ତାତିସିଲୱାଇ ଅଧୀନରେ ବିଭିନ୍ନ ୟାର୍ଡଗୁଡ଼ିକ ପାଇଁ ୟାର୍ଡ ଉନ୍ନୟନ/ଉନ୍ନତୀକରଣ କାର୍ଯ୍ୟ ଏବଂ ଟ୍ରାକ୍ ମେଶିନ୍ ସାଇଡିଂ ସମେତ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧାର ବିକାଶ; ₹୯,୦୦,୧୭,୮୩୩.୫୦; ₹୬,୦୦,୧୦୦/- । (୫) ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୨୫-୨୦୨୫; ରାଞ୍ଚି ମଣ୍ଡଳର ପିଡବ୍ଲ୍ୟୁଆଇ/ଲୋହାରଡାଗା ଅଧୀନରେ ବିଭିନ୍ନ ୟାର୍ଡଗୁଡ଼ିକ ପାଇଁ ୟାର୍ଡ ଉନ୍ନୟନ/ଉନ୍ନତୀକରଣ କାର୍ଯ୍ୟ ଏବଂ ଟ୍ରାକ୍ ମେଶିନ୍ ସାଇଡିଂ ସମେତ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧାର ବିକାଶ; ₹୯,୦୦,୪୨,୬୫୬.୩୮; ₹୬,୦୦,୨୦୦/-। (୬) ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୨୬-୨୦୨୫; ରାଞ୍ଚି ମଣ୍ଡଳର ପିଡବ୍ଲ୍ୟୁଆଇ/ ଗୋବିନ୍ଦପୁର ରୋଡ୍ ଅଧୀନରେ ବିଭିନ୍ନ ୟାର୍ଡଗୁଡ଼ିକ ପାଇଁ ୟାର୍ଡ ଉନ୍ନୟନ/ଉନ୍ନତୀକରଣ କାର୍ଯ୍ୟ ଏବଂ ଟ୍ରାକ୍ ମେଶିନ୍ ସାଇଡିଂ ସମେତ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧାର ବିକାଶ; ₹୯,୯୬,୩୧,୩୨୬.୯୪; ₹୫,୯୮,୨୦୦/-। (୭) ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୨୭-୨୦୨୫; ରାଞ୍ଚି ମଣ୍ଡଳର ପିଡବ୍ଲ୍ୟୁଆଇ/ବାନୋ ଅଧୀନରେ ବିଭିନ୍ନ ୟାର୍ଡଗୁଡ଼ିକ ପାଇଁ ୟାର୍ଡ ଉନ୍ନୟନ/ଉନ୍ନତୀକରଣ କାର୍ଯ୍ୟ ଏବଂ ଟ୍ରାକ୍ ମେଶିନ୍ ସାଇଡିଂ ସମେତ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧାର ବିକାଶ; ₹୮,୭୪,୯୬,୬୪୨.୨୭; ₹୫,୮୭,୫୦୦/- । ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ପ୍ରତ୍ୟେକ ପାଇଁ ତା୩୦।୦୫।୨୦୨୫ରିଖ ୧୫.୦୦ ଘଟିକା । ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ପିନ୍ କୋଡ୍-୮୩୪୦୦୩ । (PR-132)



कार्यपालक अभियन्ता का कार्यालय
पेयजल एवं स्वच्छता प्रमण्डल सं.1, धनबाद

अति अल्पकालीन ई-प्रोक्योरमेंट निविदा सूचना (प्रथम आमंत्रण)

निविदा सूचना संख्या– DHN-1/09/2025-26 दिनांक – 08.05.2025

| | | |
|---|---|---|
| 1 | कार्य का नाम | SUPPLYING AND LAYING OF 150 MM DIA D.I PIPE K-7 FROM WTP SIYALGUDHARI WATER TANK TO DHANBAD BLOCK-CUM-CIRCLE OFFICE AND GARBHUDIH VILLAGE UNDER JnNURM URBAN WATER SUPPLY SCHEME UNDER D.W. & S. DIVISION NO.1, DHANBAD (DMFT FUND) |
| 2 | प्राक्कलित राशि | रू0 242.435 लाख |
| 3 | अग्रधन की राशि | रू0 4.90 लाख |
| 4 | कार्य पूर्ण करने की अवधि | 6 माह |
| 5 | वेबसाईट पर निविदा प्रकाशन की तिथि एवं समय | 15.05.2025, 4.00 बजे अपराह्न तक। |
| 6 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 27.05.2025, 5.00 बजे अपराह्न तक। |
| 7 | सरकार के सचिव, सूचना प्रौद्योगिकी एवं ई– गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 27.05.2025, 5.00 बजे अपराह्न तक। |
| 8 | तकनीकी बीड खोलने की तिथि एवं समय | 28.05.2025, 05.00 बजे अपराह्न |
| 9 | निविदा आमंत्रित करने वाले पदाधिकारी एवं कार्यालय का पता | कार्यपालक अभियंता, पेयजल एवं स्वच्छता प्रमण्डल सं.1, धनबाद |
| 10 | ई–प्रोक्योरमेंट कार्यालय का सम्पर्क नं0 | 0326–2311259 |
| 11 | ई–प्रोक्योरमेंट सेल का हेल्प लाईन नं0 | 0651–1280345 |

विस्तृत जानकारी हेतु वेबसाईट नं0– http://jharkhandtenders.gov.in पर देखा जा सकता है।

PR 352007 Drinking Water and Sanitation (25-26)_D

कार्यपालक अभियंता,
पेयजल एवं स्वच्छता प्रमण्डल सं.1, धनबाद



ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଦେଖାଦେବା ପରେ ଗୁରୁବାର ଶ୍ରୀନଗର ଲାଲଚୌକ ବଜାରରେ ଦର୍ଶକଙ୍କ ସଂଖ୍ୟା ହ୍ରାସ ପାଇଛି।



ପାକିସ୍ତାନ ଗୁଳି ବର୍ଷଣ ପରେ ପୁଞ୍ଚର ନିୟନ୍ତ୍ରଣରେଖା ନିକଟରେ ପ୍ରାଣ ହରାଇଥିବା ଜଣେ ମୃତକଙ୍କ ମା' କ୍ରନ୍ଦନରତା।



ପାକିସ୍ତାନ ପକ୍ଷରୁ ସୀମାରେ ଆକ୍ରମଣ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ପୁଞ୍ଚ ଜିଲାର ସିଂ ସଭା ଗୁରୁଦ୍ୱାରାକୁ ଲୋକେ ଦେଖୁଛନ୍ତି।



ସୀମାପାର ଗୁଳିଗୋଳା ବର୍ଷଣ ଯୋଗୁ ବାରମୂଳା ଜିଲାର ଉରିଠାରେ ଲୋକଙ୍କୁ ଏକ ଆଶ୍ରୟସ୍ଥଳରେ ରଖାଯାଇଛି।



ଜମ୍ମୁରେ ଆସବାବପତ୍ର ଧରି ଦୁଇ ଶିଶୁ ମିଶ୍ରିୱାଲା ଅଞ୍ଚଳର ଅସ୍ଥାୟୀ ଆଶ୍ରୟସ୍ଥଳକୁ ଯାଉଛନ୍ତି।



ପ୍ରବଳ ବର୍ଷା ଯୋଗୁ ରମ୍ବାନଠାରେ ଚେନାବ ନଦୀ ଉପରେ ଥିବା ବାଗ୍ଲିହାର ଡ୍ୟାମ୍‌ରୁ ଉଛୁଳା ପାଣି ଛଡ଼ାଯାଉଛି।



ଭାରତ-ପାକ୍ ସଂଘର୍ଷ ପରିପ୍ରେକ୍ଷୀରେ ଡାଲ୍ ହ୍ରଦ କୂଳରେ କଡ଼ା ସୁରକ୍ଷା ବ୍ୟବସ୍ଥା।



ନିୟନ୍ତ୍ରଣରେଖାଠାରେ ପାକିସ୍ତାନ ଆକ୍ରମଣରେ ମୃତ ଜଣେ ବ୍ୟକ୍ତିଙ୍କ ଅନ୍ତ୍ୟେଷ୍ଟି ବେଳେ ତାଙ୍କ ସ୍ତ୍ରୀ କ୍ରନ୍ଦନରତା।



ପଞ୍ଜାବର ଅମୃତସର-ବାଟଲା ସଡ଼କ ନିକଟ ଜେଠୱାଲ ଗ୍ରାମରେ ପଡ଼ିଥିବା ସିଲିଣ୍ଡର ଆକୃତିର ମିଶାଇଲ ସେଲ୍। ଏହାକୁ ପାକିସ୍ତାନ ଛାଡ଼ିଥିବା ସନ୍ଦେହ କରାଯାଉଛି।

# ବର୍ଷକରେ ୨୩,୭୩,୦୭୦ ଟନ୍ ଷ୍ଟେନଲେସ୍ ଷ୍ଟିଲ ବିକ୍ରି ରେକର୍ଡ

ଭୁବନେଶ୍ୱର,୮।୫ (ଅଭୟ ଦାଶ)

ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲାବେଳେ ୨୦୨୫ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ୪ର୍ଥ ତ୍ରୈମାସିକ ଏବଂ ୨୦୨୪-୨୫ ବର୍ଷର ଆର୍ଥିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ଏହି ସମୟ ମଧ୍ୟରେ କମ୍ପାନୀ ୨୩,୭୩,୦୭୦ ଟନ୍ ଷ୍ଟେନ୍‌ଲେସ୍ ଷ୍ଟିଲ ସାମଗ୍ରୀ ବିକ୍ରି ରେକର୍ଡ କରିଛି, ଯାହା ଗତ ଆର୍ଥିକ ବର୍ଷ ତୁଳନାରେ ୯% ଅଧିକ ବୋଲି କୁହାଯାଉଛି। ଏପରିକି ଏକକ ଭିତ୍ତିରେ କମ୍ପାନୀର ମୋଟ ରାଜସ୍ୱ ବାର୍ଷିକ ୫% ବୃଦ୍ଧି ପାଇ ୪୦,୧୮୨କୋଟି ଟଙ୍କାରେ ପହଞ୍ଚିଛି।


ଅଭ୍ୟୁଦୟ ଜିନ୍ଦଲ

ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ୩% ହ୍ରାସ ସହ ଇବିଆଇଟିଡିଏ ୩,୯୦୫ କୋଟି ଟଙ୍କା ଏବଂ ଟିକସ ପରବର୍ତ୍ତୀ ଲାଭ ୨,୭୧୧ କୋଟି ଟଙ୍କା କମ୍ପାନୀ ରେକର୍ଡ କରିଥିବାବେଳେ ସେଥିରେ ବାର୍ଷିକ ଅଭିବୃଦ୍ଧି ୭% ରହିଥିଲା। ଘରୋଇ ଚାହିଦା ନିରନ୍ତର ଅଧିକ ରହିଥିବା ଯୋଗୁ ଏହି ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ବିକ୍ରି ୧୩% ସହ ବାର୍ଷିକ ହାରରେ ବୃଦ୍ଧି ପାଇ ସର୍ବୋଚ୍ଚ ୬,୪୨,୬୪୧ ଟନ୍ ରହିଛି। ବିଶେଷକରି କମ୍ପାନୀର ମୋଟ ରାଜସ୍ୱ ୧୩% ବୃଦ୍ଧି ପାଇ ୧୦,୨୭୬ କୋଟି ଟଙ୍କା ଏବଂ ଇବିଆଇଟିଡିଏ ମଧ୍ୟ ଗତବର୍ଷର ୪ର୍ଥ ତ୍ରୈମାସିକ ତୁଳନାରେ ୮% ବୃଦ୍ଧି ପାଇଛି। ଗତ ଆର୍ଥିକ ବର୍ଷ ତୁଳନାରେ ଟିକସ ପରବର୍ତ୍ତୀ ଲାଭ ପ୍ରଭାବଶାଳୀ ୯୪% ବୃଦ୍ଧି ଘଟିଛି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଘରୋଇ ବଜାରରେ ଆମର ନେତୃତ୍ୱକୁ ସୁଦୃଢ଼ କରିବା ଏବଂ ଆମର ଯୋଗାଣ ଶୃଙ୍ଖଳା ଉତ୍କର୍ଷକୁ ସୁନିଶ୍ଚିତ କରିବା ଦିଗରେ ଗତ ଆର୍ଥିକ ବର୍ଷ ଆମ ପାଇଁ ଏକ ନିର୍ଣ୍ଣାୟକ ଅଧ୍ୟାୟ ଥିଲା। ଇଣ୍ଡୋନେସିଆରେ ଆମର ଏନ୍‌ପିଆଇ ସୁବିଧାର ପ୍ରାରମ୍ଭିକ କାର୍ଯ୍ୟକ୍ଷମତା, ଆମର କୋଲ୍ଡ ରୋଲ୍ଡ ଉତ୍ପାଦନ ବୃଦ୍ଧି କରିବା ପାଇଁ କ୍ରୋମେନି ଷ୍ଟିଲର ସମ୍ପୂର୍ଣ୍ଣ ଅଧିଗ୍ରହଣ ଏବଂ ଏମ୍‌ଏଏଚ୍‌ସିରେ ରଣନୈତିକ ପୁଞ୍ଜିନିବେଶ ଆମର କଞ୍ଚାମାଲ ସିକ୍ୟୁରିଟି, ଉତ୍ପାଦ ବିବିଧତା ଏବଂ ଡିଜିଟାଲ ନେତୃତ୍ୱ ସୁନିଶ୍ଚିତ କରିବା ସହ ଆମର ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିଛି। ଆମେ ସବୁଜ ହାଇଡ୍ରୋଜେନ ଉପଯୋଗକୁ ତ୍ୱରାନ୍ୱିତ କରୁଛୁ। ସ୍ଥାୟୀ ଲଜିଷ୍ଟିକ୍ସ, ଭିତ୍ତିଭୂମି ଏବଂ ଶିଳ୍ପ ପାଇଁ ନୂତନ ଉତ୍ପାଦ ଓ ଗ୍ରେଡ୍ ଉଦ୍ଭାବନ କରୁଛୁ, ଅକ୍ଷୟ ଶକ୍ତି ଯୋଗାଣକୁ ବ୍ୟାପକ କରୁଛୁ ଏବଂ ଇଏସ୍‌ଜି ପ୍ରକାଶନ ସହିତ ନେତୃତ୍ୱ ନେଉଛୁ। ଆମେ ଷ୍ଟେନଲେସ୍ ଇସ୍ପାତ ଉତ୍ପାଦନ ଉପରେ ଧ୍ୟାନଦେବା ସହ ଭାରତ ପାଇଁ ଏକ ଜ୍ଞାନକୌଶଳସମ୍ପନ୍ନ ଏବଂ ଆତ୍ମନିର୍ଭରଶୀଳ ଭବିଷ୍ୟତ ଗଠନ ଉପରେ ମଧ୍ୟ ଗୁରୁତ୍ୱ ଦେଉଛୁ।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୮।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୧୨ (୪୧୧.୯୭) ପଏଣ୍ଟ ହ୍ରାସ ଘଟି ୮୦,୩୩୪ (୮୦,୩୩୪.୮୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୪୧ (୧୪୦.୬୦) ପଏଣ୍ଟ କମି ୨୪,୨୭୪ (୨୪,୨୭୩.୮୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲକ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଏସ୍‌ଆଇପି ଆବାକସ୍‌ର ନୂତନ ଆର୍‌ଓ ଉଦ୍‌ଘାଟିତ



ଭୁବନେଶ୍ୱର,୮।୫

ଏସ୍‌ଆଇପି ଆବାକସ୍‌ର ନୂତନ ଆଞ୍ଚଳିକ କାର୍ଯ୍ୟାଳୟ (ଆର୍‌ଓ) ଗୁରୁବାର ଭୁବନେଶ୍ୱରର ଚନ୍ଦ୍ରଶେଖରପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏସ୍‌ଆଇପି ଏକାଡେମୀ ଇଣ୍ଡିଆର ନିର୍ଦ୍ଦେଶିକା ସରଳା କୁଳଶେଖରନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଆଇପି ଏକାଡେମୀ ଇଣ୍ଡିଆର ଆରଏମ (ଇଷ୍ଟ ) ଶୁଭଜିତ ମୁଲ୍ଲିକ ଏବଂ ଓଡିଶା ଷ୍ଟେଟ୍ ହେଡ୍ ସୁନୀଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଭାରତରେ ଏସ୍‌ଆଇପି ଆବାକସ୍‌ର ୧୦୦୦ରୁ ଅଧିକ ଶାଖା କାର୍ଯ୍ୟ କରୁଥିଲାବେଳେ ଓଡ଼ିଶାରେ ମଧ୍ୟ ଏହାର ୨୨ଟି ଶାଖା କାର୍ଯ୍ୟ କରୁଛି। ଏହି ସମସ୍ତ ଶାଖାରେ ବର୍ତ୍ତମାନ ୫୦୦୦ରୁ ଅଧିକ ଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତକରି କୁଳଶେଖରନ ଏସ୍‌ଆଇପି ଆବାକସ୍‌ର ଆଭିମୁଖ୍ୟ ଏବଂ ଆଗାମୀ ସମ୍ପ୍ରସାରଣ ସାଙ୍ଗକୁ ଛାତ୍ରମାନଙ୍କୁ କିଭଳି ଅଧିକରୁ ଅଧିକ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ ସେ ନେଇ ସରଳା ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ୱଣ୍ଡର୍ଲାର ସ୍ୱତନ୍ତ୍ର ଅଫର

ଭୁବନେଶ୍ୱର,୮।୫

ୱଣ୍ଡର୍ଲା ହଲିଡେଜ୍ ଲିମିଟେଡ୍ (ୱଣ୍ଡର୍ଲା)ର ବହୁ ପ୍ରତୀକ୍ଷିତ ତଥା ସ୍ୱତନ୍ତ୍ର ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ମାତୃତ୍ୱ ଦିବସରେ ୱଣ୍ଡର୍ଲାର ସମସ୍ତ ଆମ୍ୟୁଜ୍‌ମେଣ୍ଟ ପାର୍କରେ ମା'ମାନଙ୍କ ପାଇଁ ମାଗଣା ପ୍ରବେଶ ସହ ମିଳିତ ଅନୁଭୂତି ପାଇଁ ପାରମ୍ପରିକ ଉପହାର ବାଣ୍ଟିବାକୁ ପରିବାରଗୁଡ଼ିକୁ ଆମନ୍ତ୍ରଣ କରାଯାଉଛି। ସେହିଭଳି ୨୦୨୫ ମେ ୧୦ ଓ ୧୧ରେ ମା'ମାନେ ସେମାନଙ୍କ ପିଲାମାନଙ୍କ ସହ କୋଚି, ବେଙ୍ଗାଲୁରୁ, ହାଇଦ୍ରାବାଦ ଏବଂ ଭୁବନେଶ୍ୱରର ୱଣ୍ଡର୍ଲା ପାର୍କରେ ଏକ ସୀମିତ ଅଫର ଅଧୀନରେ ମାଗଣା ସୁବିଧା ପାଇବେ। ସେହିପରି ଏହି ଅଫର ଅନ୍‌ଲାଇନରେ ଉପଲବ୍ଧ ଏବଂ ଅତି କମ୍‌ରେ ଗୋଟିଏ ପିଲା ସମେତ ସର୍ବନିମ୍ନ ତିନୋଟି ଟିକେଟ ବୁକିଂ କରୁଥିବା ପରିବାର ପାଇଁ ଏହା ଲାଗୁହେବ, ଯେଉଁଥିରେ ମା'ଙ୍କୁ ମାଗଣା ପ୍ରବେଶ ସୁବିଧା ପ୍ରଦାନ କରାଯିବ। ଏହା ଟିକେଟ ଏବଂ ଭୋଜନ କମ୍ବୋରେ ମଧ୍ୟ ବୈଧ ରହିଛି, ଯାହା ଏହାକୁ ପୂରା ଦିନର ଭ୍ରମଣ ପାଇଁ ଏକ ସୁବିଧାଜନକ ବିକଳ୍ପରେ ପରିଣତ କରିଛି। ୱଣ୍ଡର୍ଲା ହଲିଡେଜ୍ ଲିମିଟେଡ୍‌ର ସିଓଓ ଧୀରନ ସିଂହ ଚୌଧୁରୀ କହିଛନ୍ତି, ଚଳିତ ମାତୃତ୍ୱ ଦିବସରେ ଆମେ ସାଧାରଣ ଉପହାରଠାରୁ ଆଗକୁ ଯାଇ କିଛି ଅର୍ଥପୂର୍ଣ୍ଣ କରିବାକୁ ଚାହୁଁଥିଲୁ। ଏହି ସ୍ୱତନ୍ତ୍ର ଅଫର ହେଉଛି, ପରିବାରଗୁଡ଼ିକୁ ଦୈନନ୍ଦିନ କାର୍ଯ୍ୟଠାରୁ ଦୂରେଇଯିବାକୁ ଏବଂ ଏକାଠି ଆନନ୍ଦଦାୟକ, ସ୍ଥାୟୀ ସ୍ମୃତି ସୃଷ୍ଟି କରିବାକୁ ଉତ୍ସାହିତ କରିବାର ଆମର ଉପାୟ ରହିଛି।

# ଜିନ୍ଦଲ ଫାଉଣ୍ଡେଶନକୁ ଓଡ଼ିଶା ଲିଡରଶିପ୍ ଆୱାର୍ଡ

ଭୁବନେଶ୍ୱର,୮।୫

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ପ୍ରତିଷ୍ଠାନ ତଥା ଜିନ୍ଦଲ ଫାଉଣ୍ଡେଶନକୁ ନିକଟରେ ଆଉ ଏକ ସମ୍ମାନ 'ଓଡ଼ିଶା ଲିଡରଶିପ୍ ଆୱାର୍ଡ-୨୦୨୫' ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୱାର୍ଲ୍ଡ ସିଏସ୍‌ଆର୍ ଡେ ଦ୍ୱାରା ଭୁବନେଶ୍ୱରଠାରେ ଆୟୋଜିତ ଓଡ଼ିଶା ଲିଡରଶିପ୍ ସମିଟ୍‌ରେ ଜିନ୍ଦଲ ଫାଉଣ୍ଡେଶନକୁ 'ଅର୍ଗାନାଇଜେଶନ ୱିଥ୍ ଓଭରାଲ୍ ସଷ୍ଟେନେବଲ୍ ପ୍ରାକ୍ଟିସ' ପୁରସ୍କାର ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଶିଳ୍ପାନୁଷ୍ଠାନର ପ୍ରତିନିଧି, ଉନ୍ନୟନ ବିଶେଷଜ୍ଞ ଓ ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ଏହି ପରିପ୍ରେକ୍ଷୀରେ ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଜେଏସ୍‌ପିର ସଭାପତି (ସିଏସ୍‌ଆର୍) ପ୍ରଶାନ୍ତ ହୋତା ପୁରସ୍କାର ଗ୍ରହଣ କରି


ଶାଲୁ ଜିନ୍ଦଲ

କହିଥିଲେ, ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ମାର୍ଗଦର୍ଶନରେ ଆମର ନିରନ୍ତର ବିକାଶ କାର୍ଯ୍ୟକ୍ରମ ଅର୍ଥନୈତିକ ପ୍ରଗତି, ପରିବେଶ ସନ୍ତୁଳନ ଏବଂ ସାମାଜିକ ସମାନତାକୁ ସମନ୍ୱୟକରି ସମାଜ ପାଇଁ ଏକ ଉନ୍ନତ ଭବିଷ୍ୟତ ସୃଷ୍ଟି ନିମନ୍ତେ କାର୍ଯ୍ୟରତ ରହିଛୁ। ଏହି କାର୍ଯ୍ୟକ୍ରମଗୁଡ଼ିକୁ ସଫଳ କରିବାରେ ଲୋକମାନଙ୍କ ସମର୍ଥନ ଏବଂ ଅଂଶଗ୍ରହଣ ପାଇଁ ଆମେ ସେମାନଙ୍କ ନିକଟରେ କୃତଜ୍ଞ ଅଛୁ। ଏହି ପୁରସ୍କାର ଆମ ଟିମ୍‌କୁ ପ୍ରେରଣା ଯୋଗାଇବ। ପୁରସ୍କାର ପାଇଁ ସେ ଜୁରିଙ୍କୁ ଧନ୍ୟବାଦ ଜଣାଇଥିଲେ।

ବର୍ଷ ବର୍ଷ ଧରି ଜିନ୍ଦଲ ଫାଉଣ୍ଡେଶନ ଶିକ୍ଷା, ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତୀକରଣ, ଆଦିବାସୀ କଲ୍ୟାଣ, ଦକ୍ଷତା ବିକାଶ ଏବଂ ପରିବେଶ ନିରନ୍ତରତା କ୍ଷେତ୍ରରେ ଅନେକ ଅଗ୍ରଣୀ ପଦକ୍ଷେପ କାର୍ଯ୍ୟକାରୀ କରିଛି। କିଶୋରୀ ଏକ୍ସପ୍ରେସ୍, ଗୋଷ୍ଠୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏବଂ ତୃଣମୂଳସ୍ତରର ଦକ୍ଷତା ବିକାଶ ଭଳି ପ୍ରକଳ୍ପ ସମଗ୍ର ଓଡ଼ିଶା ତଥା ଓଡ଼ିଶା ବାହାରେ ଅନେକ ହଜାର ଲୋକଙ୍କ ଜୀବନକୁ ସକାରାତ୍ମକ ଭାବେ ପ୍ରଭାବିତ କରିବାରେ ସାହାଯ୍ୟ କରିପାରିଛି।

# ଟିପିସିଓଡିଏଲ୍‌ରେ ଲୋକ ଅଦାଲତ

ଭୁବନେଶ୍ୱର,୮।୫

ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଜାତୀୟ ଲୋକ ଅଦାଲତ' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଜାତୀୟ ଆଇନ ସେବା କର୍ତ୍ତୃପକ୍ଷ (ଏନ୍‌ଏଲ୍‌ଏସ୍‌ଏ) ଅଧୀନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ସେହିଭଳି ୨୦୨୫ ମେ ୧୦ରେ ଦ୍ୱିତୀୟ ଜାତୀୟ ଲୋକ ଅଦାଲତ-୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଲୋକ ଅଦାଲତ ଗ୍ରାହକମାନଙ୍କୁ ଆପୋସ ଓ କୋର୍ଟ ବାହାରେ ପ୍ରାକ୍-ବିବାଦ ଏନ୍‌ଫୋର୍ସମେଣ୍ଟ ମାମଲା ଫଇସଲା କରିବାରେ ସକ୍ଷମ କରିବ। ସେହିପରି ଟିପିସିଓଡିଏଲ୍‌ରେ ଜିଲା ଆଇନ ସେବା କର୍ତ୍ତୃପକ୍ଷ ପରିସୀମା ଅଧୀନରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଅନୁଗୋଳ ଓ ନୟାଗଡ଼ଠାରେ ଲୋକ ଅଦାଲତ ଅନୁଷ୍ଠିତ ହେବ। ଉଲ୍ଲେଖଯୋଗ୍ୟ, ୨୦୨୦ ଜୁନ୍ ୩୦ ଓ ୨୦୨୪ ମାର୍ଚ୍ଚ ୩୧ ମଧ୍ୟରେ ହୋଇଥିବା ଯାଞ୍ଚ ସମ୍ପର୍କିତ ପ୍ରବର୍ତ୍ତନ ମାମଲାଗୁଡ଼ିକୁ ଏଥିପାଇଁ ବିଚାରକୁ ନିଆଯିବ। ଏ ସମ୍ପର୍କରେ ଟିପିସିଓଡିଏଲ୍ ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି, ଏହି ସୁଯୋଗ ହାସଲ କରିବା ପାଇଁ ଆମେ ସମସ୍ତ ଯୋଗ୍ୟ ଗ୍ରାହକଙ୍କୁ ଆହ୍ୱାନ ଦେଉଛୁ। ଏପରିକି ବକେୟା ଏନ୍‌ଫୋର୍ସମେଣ୍ଟ ମାମଲାଗୁଡ଼ିକର ଫଇସଲା ପାଇଁ ଲୋକ ଅଦାଲତ ହେଉଛି ଏକ ପ୍ରଭାବଶାଳୀ ସମାଧାନ।

# ବେଦାନ୍ତରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଡେ ପାଳିତ

ଭୁବନେଶ୍ୱର,୮।୫

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଡେ ପାଳିତ ହୋଇଯାଇଛି। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ଓଡ଼ିଶା ୟୁନିଟ୍ (କଳାହାଣ୍ଡି ଏବଂ ଝାରସୁଗୁଡ଼ା)ରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଡେ ପାଳନ କରାଯାଇଛି। ଏପରିକି ତୃଣମୂଳ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ କ୍ରୀଡା ଉତ୍କର୍ଷର ସଂସ୍କୃତି ଗଠନ କରିବା ପାଇଁ କମ୍ପାନୀ ଦୃଢ଼ ପ୍ରତିବଦ୍ଧତାକୁ ପାଳନ କରୁଛି। ଏହି ପ୍ରତିବଦ୍ଧତାକୁ ଆଗକୁ ବଢାଇବା ଲାଗି କମ୍ପାନୀ ଲାଞ୍ଜିଗଡ଼ଠାରେ ବେଦାନ୍ତ କ୍ରୀଡା ତାଲିମ କେନ୍ଦ୍ର ଏବଂ ଝାରସୁଗୁଡ଼ାଠାରେ ବେଦାନ୍ତ ମାର୍ଶାଲ ଆର୍ଟସ ତାଲିମ କେନ୍ଦ୍ର ଭଳି ପଦକ୍ଷେପ ଅନ୍ତର୍ଭୁକ୍ତ ରହିଛି। ସେହିଭଳି କମ୍ପାନୀର ଏହି ପଦକ୍ଷେପଗୁଡ଼ିକ ବୃତ୍ତିଗତ ପ୍ରଶିକ୍ଷଣ, ଆଧୁନିକ କ୍ରୀଡା ଭିତ୍ତିଭୂମି ଏବଂ ପ୍ରତିଯୋଗିତାମୂଳକ ପ୍ଲାଟ୍‌ଫର୍ମ ପାଇଁ ସୁବିଧା ମାଧ୍ୟମରେ ଅବହେଳିତ ସମ୍ପ୍ରଦାୟର ୨୦୦ରୁ ଅଧିକ ଯୁବକଙ୍କୁ ସଶକ୍ତ କରୁଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ପ୍ରତିଭାକୁ ଆଗକୁ ଆଣିବା ସହ କ୍ରୀଡ଼ା ଜୀବନକୁ ପରିବର୍ତ୍ତନ କରିବାର ଶକ୍ତି ରଖିଥାଏ। କମ୍ପାନୀ ଓଡ଼ିଶାର ଝାରସୁଗୁଡ଼ାରୁ ଲାଞ୍ଜିଗଡ଼ ପର୍ଯ୍ୟନ୍ତ ଆମର ପଦକ୍ଷେପଗୁଡ଼ିକ କେବଳ ଖେଳାଳି ସୃଷ୍ଟି କରୁନାହିଁ, ବରଂ ଆତ୍ମବିଶ୍ୱାସୀ, ସଶକ୍ତ ବ୍ୟକ୍ତିମାନଙ୍କୁ ଗଠନ କରୁଛି। ଓଡ଼ିଶା ସର୍ବଦା କ୍ରୀଡ଼ା ପ୍ରତିଭାର ଜନ୍ମଭୂମି ହୋଇ ଆସିଛି ଏବଂ ଭିତ୍ତିଭୂମି ନିର୍ମାଣ, ପ୍ରବେଶ ସକ୍ଷମ କରିବା ଏବଂ ଆକାଂକ୍ଷାକୁ ପୋଷଣକରି ଆମେ ସେହି ଐତିହ୍ୟକୁ ସୁଦୃଢ଼ କରିବାରେ ଗର୍ବିତ ଅଛୁ। କଳାହାଣ୍ଡି ଏବଂ ଝାରସୁଗୁଡ଼ାରେ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ସମୃଦ୍ଧ କ୍ରୀଡ଼ା ଐତିହ୍ୟ ଉପରେ ନିର୍ମାଣ କରୁଛି। ବିଶେଷକରି ହକି, ତୀରନ୍ଦାଜୀ ଏବଂ ମାର୍ଶାଲ ଆର୍ଟରେ କମ୍ପାନୀ ଜିଲା ହକି ଚାମ୍ପିୟନଶିପ୍ ଭଳି ଅନେକ କାର୍ଯ୍ୟକ୍ରମ ଆୟୋଜନ କରିଛି। ଝାରସୁଗୁଡ଼ା ଜିଲା ଆଥ୍‌ଲେଟିକ୍ସ ଆସୋସିଏସନର ନୂତନ ପ୍ରଶାସନିକ କୋଠା ଭଳି ପ୍ରାୟୋଜିତ ଭିତ୍ତିଭୂମି ନିର୍ମାଣ କରିଛି। ଏହାର ଟାଉନଶିପଗୁଡ଼ିକ ଆଧୁନିକ ଖେଳ ପଡ଼ିଆ ଏବଂ ତାଲିମ ସୁବିଧା ସହ ସଜ୍ଜିତ ରହିଛି, ଯାହା ସକ୍ରିୟ, ସୁସ୍ଥ ଜୀବନଯାପନ ପାଇଁ ଯୁବ ଏବଂ ବୟସ୍କ ଉଭୟଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିଥାଏ।।


**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT**
OHPC
AT/PO- BARINIPUT, DIST-KORAPUT - 764006, ODISHA
PHONE:(06854)242001, FAX:(06854) 242093, e-mail:sgmel.ukhep@gmail.com
CIN: U40101OR1995SGC003963

**TENDER CALL NOTICE NO.UKHEP-06/2025-26, DATED 30.04.2025**

**No.CAD-339:** Sealed tenders are invited in TWO PART i.e. (i) Techno Commercial Bid & (ii) Price Bid in separate sealed envelopes from the Registered Manufacturers/ Authorised dealers for "Design, Manufacturing, Supply including Supervision of Installation, Testing & Commission of one no. of new 4 MVA, 33/11 KV Power Transformer for UKHEP, Bariniput.

| Sl. No. | Description of Work | Cost of tender paper in Rs. (Non-refundable) | EMD in Rs. (Re-fundable) |
|---|---|---|---|
| 1 | **"Design, Manufacturing, Supply including Supervision of Installation, Testing & Commission of one no. of new 4 MVA, 33/11 KV Power Transformer for UKHEP, Bariniput.** | Rs.11,800/- (Rs.10,000/-+ 18% GST) | Rs.73,000/- |

The Sale of Tender paper will be from : 10.00 Hr. of Dt.09.05.25 to 11.00 Hrs. of Dt.26.05.2025
The Last date & time of receipt of Tender : Upto **12.00 Hrs. of Dt.26.05.2025**
The date & time of opening of tender : At **12.30 Hrs. of Dt.26.05.2025**
For details of the tender documents, terms and conditions, Eligibility criteria and downloading, please refer our website www.ohpcltd.com.

Sd./- C & P Head,
Upper Kolab H.E.Project, Bariniput
OIPR-04002/11/0080/2526



**OFFICE OF PANCHAYAT SAMITI, HATADIHI**
**Bid Identification No. : DTCN No.-01/Hatadihi/2025-26**
No.i-82
**No.2794/DEV/Dtd. 05.05.2025**

1. The Block Development Officer, Hatadihi invites sealed Percentage Rate tenders in single cover system only on behalf of Govt of Odisha for the construction of works as detailed as cited in the web portal, from registered and eligible class of civil contractor of the state PWD/ (R&B)/ Water Resources/Rural Works/ MI / CPWD for the following works eventually to be drawn up in the P.W.D P-1 Agreement form in conformity with the Detailed Tender Call Notice.
2. The tender papers(including Tender call Notice, Approved Tender Schedule & DTCN) will be available in the official web site http//:kendujhar.odisha.gov.in from Dt 09.05.2025 to 20.05.2025 and can be downloaded from the website.
3. Bids shall be received by this Agency up to 1.00 P.M. on date 22.05.2025 through Registered Post/ Speed Post only. The authority will not be held responsible for any Postal delay in delivering of the Bid documents or non-receipt of the same.
4. The Bid will be opened on Dt 23.05.2025 at 11.00 A.M. in the office of the undersigned in the presence of the members of the Block Tender committee and the bidders or their authorised representative. If the office happens to be closed on the date of receipt / opening of the bids as specified, above will be received / opened on the next working day at the same time and venue.

Sd./- Block Development Officer,
Hatadihi
OIPR-19084/11/0006/2526



**Office of the Superintendent**
**Sardar Vallavbhai Patel Post Graduate Institute of Pediatrics**
Health & F.W. Department, Govt. of Odisha
Cuttack-753002, Tel/Fax : 0671-2508978
E-Mail ID - svppgip_cuttack@rediffmail.com
www.svppgip.org
Letter No. : 2722/SVPPGIP, Cuttack Date : 05.05.2025

**TENDER CALL NOTICE**

**No.E-71** : The Superintendent SVPPGIP, Cuttack invites sealed tenders from interested reputed travel agencies/Tour operators/Private individuals for commercial use for providing 01 no's of Zest/Tigor/Swift Dzire/Xcent/Etios make AC petrol driven vehicles having sitting capacity not more than 05 no's including driver, which shall conform to the terms and conditions for official use for the Superintendent, SVPPGIP, Cuttack on monthly rent basis to this institute during the year 2025-26 & 2026-27. The last date of receipt of sealed tender by this office will be on or before Dt.28/05/2025 up to 05 P.M. The bid will be received by Regd. post/Speed post only. The bid will be two bid systems the technical bid and price bid. The detail list of items with term and condition can be found in tender paper which will be available from the office website **www.svppgip.org**. The firms have to download the tender paper from the office website. The tender paper cost of Rs.1000/- in the form of BD to be submitted along with technical bid. The Bidders should specifically super scribe, **"HIRING OF THE FOUR WHEELER VEHICLE FOR THE SUPERINTENDENT, SVPPGIP, CUTTACK (OFFICIAL USE)"** on the top of the outer envelope.

Sd./- Superintendent SVPPGIP,
Cuttack
OIPR-10176/11/0018/2526



**GOVERNMENT OF ODISHA** No.O-131
**OFFICE OF THE EXECUTIVE ENGINEER, RURAL WORKS DIVISION-II, NAYAGARH**
**"e" Procurement Notice for Building Works**
Identification No.Online Tender/ 01/RWD-II/2025-26
E-Mail: nayagarhrw2@yahoo.in

1. Name of the Work: Construction of Building Works. 2. Total Number of Works: 7 Nos. 3. Approx. Estimated Cost: Rs.63.03 to Rs.64.99 Lakhs. 4. Class of Contractor: B Class of Contractor. 5. Period of Completion: 6 Months. 6. Other details:

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date and Time of Opening | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Nayagarh | Online Tender/ 01/ RWD-II/ 2025-26 | Dt.16.05.2025 at 10.00 A.M. | Dt.30.05.2025 at 05.00 P.M. | Dt.30.05.2025 upto 5.00 P.M. | Dt.31.05.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in
OIPR-25144/11/0011/2526 Sd./- Executive Engineer, R.W.Division-II, Nayagarh



**BHUBANESWAR DEVELOPMENT AUTHORITY**
**BHUBANESWAR**
AKASH SHOVA BUILDING, SACHIVALAYA MARG, BHUBANESWAR-751001
Visit us at : http://www.bda.gov.in
**RFP No.482** **Date : 05.05.2025**

**No.CAD-337** : Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites Request for proposal (RFP) in ONLINE MODE only for the work: **"SELECTION OF AN AGENCY FOR PROVIDING TEMPORARY LIGHTING ON HIRE / RENTAL BASIS FOR THE BEAUTIFICATION OF STREETS AT VARIOUS LOCATIONS AND B.D.A. OFFICE BUILDING'S IN BHUBANESWAR FOR DIFFERENT OCCASIONS"**. The RFP documents will be available in the website: **https://tendersodisha.gov.in** from **Dtd. 08.5.2025 to 17.5.2025 up to 5.00 P.M.** The last date of receipt of proposals in online mode is up to **5.00 P.M. on Dtd. 19.5.2025** and the RFP will be opened at **11.30 A.M. on Dtd. 20.5.2025** in the office chamber of the Executive Engineer, Division No-IV, BDA, Bhubaneswar in the presence of the bidders or their authorized representatives. Please refer to the RFP documents available in the website **https://tendersodisha.gov.in** for further details. Any addendum / corrigendum / cancellation of RFP can be seen in this website only.

Sd./- Executive Engineer
Division No-IV, BDA
OIPR-13033/11/0290/2526



**OFFICE OF THE SUPERINTENDING ENGINEER**
**RURAL WORKS DIVISION-I,GANJAM,BERHAMPUR**
Government of Odisha e-Procurement Notice
Bid Identification No.Online Tender//01//SERWDG-I//2025-26
No.O-130
E-mail: eerw_gm1@yahoo.co.in
Letter No.2627// RWDG-I//BAM//Date:05.05.2025

| | | | |
|---|---|---|---|
| 1. | Name of the Work | :: | Road Work |
| 2. | Estimated Cost | :: | Rs.58.82 Lakhs |
| 3. | Period of Completion | :: | 03 (Three) Calendar Months as shown in Column No.06 of Annexure. |
| 4 | Date & Time of Availability of Bid documents in the portal | :: | From 08.05.2025 at 11.00 AM to 27.05.2025 upto 6.00 P.M. |
| 5 | Last Date/Time for Receipt of Bids in the Portal | :: | 27.05.2025 upto 6.00 PM |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website: https://www.tendersodisha.gov.in.

Sd./- Additional Chief Engineer
R.W.Division-I, Ganjam, Berhampur
OIPR-25085/11/0026/2526



**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**
ବିଜ୍ଞପ୍ତି ନଂ. 671 (SIOS) ତା.06.5.25 ରିଖ

**STATE OPEN SCHOOL CERTIFICATE (SOSC)-2025 (2ND)**
**ପରୀକ୍ଷା ନିମନ୍ତେ ଫର୍ମ ପୂରଣ ସମ୍ପର୍କିତ ସୂଚନା**

No.N-42:ଏତଦ୍ୱାରା ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ, ଓଡ଼ିଶାର ପରୀକ୍ଷାର୍ଥୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, Odisha State Open School Certificate Examination, 2025 (2ND) ନିମନ୍ତେ ଫର୍ମ ପୂରଣର କାର୍ଯ୍ୟସୂଚୀ ନିମ୍ନରେ ପ୍ରଦାନ କରାଗଲା । ଏହି ଫର୍ମ ପୂରଣର ପ୍ରକ୍ରିୟା ONLINE ମାଧ୍ୟମରେ ହେଉଥିବାରୁ ସମସ୍ତ ମୁକ୍ତ ବିଦ୍ୟାଳୟ ଯଥା Block ଏବଂ District Study Centre ର ମୁଖ୍ୟ ଏହି ଫର୍ମ ପୂରଣ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟରେ ଶେଷ କରାଇବେ ।

୧. ଫର୍ମ ପୂରଣ କରିବାର ତାରିଖ ଓ ସମୟ- ଫର୍ମ ପୂରଣ ଏବଂ Final Submission ତା.14.05.2025 ରିଖ ଠାରୁ ତା.26.05.2025 ରିଖ 11.45 PM ମଧ୍ୟରେ କରିବାକୁ ହେବ ।
୨. ଫର୍ମ ପୂରଣ କରିସାରିବା ପରେ Descriptive Roll Sheetକୁ download କରି ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟିତ୍ରୀମାନେ ନିଜ ତତ୍ତ୍ୱାବଧାନରେ ରଖିବେ ଏବଂ ଏହାର ଏକକିତା ନକଲକୁ ବୋର୍ଡର ସମ୍ପୃକ୍ତ ଆଞ୍ଚଳିକ କାର୍ଯ୍ୟାଳୟରେ ତା.29.05.2025 ରିଖ ସୁଦ୍ଧା ଦାଖଲ କରିବେ ।
୩. ଫର୍ମ ପୂରଣ ସମ୍ପର୍କିତ General ଓ Step By Step Instructions ପରିଷଦର ନିଜସ୍ୱ website "www.bseodisha.ac.in" ରେ ଉପଲବ୍ଧ ହେଉଅଛି । ଏହି ନିର୍ଦ୍ଦେଶାବଳୀକୁ ଭଲ ଭାବେ ପଢିସାରି ଫର୍ମ ପୂରଣ କାର୍ଯ୍ୟ ଆରମ୍ଭ କରିବେ । Back ପରୀକ୍ଷାର୍ଥୀମାନଙ୍କର Form ପୂରଣ କରିବାରେ ଅସୁବିଧା ହେଲେ, Boardର ମୁଖ୍ୟ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବେ ।
୪. ଫର୍ମ ପୂରଣ କରିବା ପାଇଁ Link "www.bseodisha.ac.in" ରେ ଉପଲବ୍ଧ ହେବ ।

ସ୍ୱା./- ସମ୍ପାଦକ
OIPR-27004/11/0081/2526



**OFFICE OF THE DIRECTOR OF PHYSICAL PLANTS OUAT, BHUBANESWAR** No.KK-33
**"e-Procurement Notice No.01/2025-26**

| | | | |
|---|---|---|---|
| 1 | Name of the work | : | Different works inside OUAT Campus Bhubaneswar |
| 2 | Total no. of Work | : | 04 Nos. |
| 3 | Estimated cost | : | Rs.24.71 lakh to 82.50 lakh approximate |
| 4 | Class of Contractor | : | As per DTCN |
| 5 | Period of Completion | : | As per DTCN |
| 6 | Type of tender | : | Single/Double Cover system |
| 7 | Date and Time of availability of Bid documents in the portal | : | From Dt.09.05.2025 to 17.00 hrs of dt.23.05.2025 |
| 8 | Last date/Time for receipt of bids in the portal | : | Dt.23.05.2025 upto 17.00 hrs |
| 9 | Submission of Original documents (TP cost, EMD, Affidavit etc as per DTCN) | : | During office hours from dt. 26.05.2025 and dt.28.05.2025 upto 17.00 hrs in the office of the undersigned |
| 10 | Date of opening of Bid (Cover-I) through online | : | Dt.29.05.2025 at 11.30 hrs in the office of the undersigned |
| 11 | Name & address of the O.I.T (Officer Inviting tender) | : | Director of Physical Plants, OUAT, BBSR |

Further details can be seen from the e-procurement portal https://tendersodisha.gov.in.
**N.B. Subsequent corrigendum/addendum if required shall be available in the website as indicated above.**

Sd./- Director of Physical Plants
OUAT, Bhubaneswar
OIPR-01554/11/0014/2526



See Career Appointment on every Wednesday & Saturday



**REVENUE AND DISASTER MANAGEMENT DEPARTMENT**
**GOVERNMENT OF ODISHA**
**No. RDM-LRB-POLICY-0002-2024-17022/R&DM, dated 06 May 2025**
**Expression of Interest for Engagement of Legal Consultancy Agency for Legislative Reforms in Revenue Laws and related matters**

**No.D-46** : Revenue and Disaster Management Department, Government of Odisha invites Expression of Interest through EoI from eligible Legal Consultancy Agencies for Policy Matters related to Legislative Reforms in Revenue Laws and related matters.

Eligible consultancy Agencies having desired qualification and experience as per Terms of Reference(ToR) may apply. "EoI" document must be delivered in the address given below through Speed Post / Registered Post to **The Under Secretary, LR Branch, Revenue & Disaster Management Department, Lok Seva Bhawan, Bhubaneswar, Odisha, PIN - 751001**. Submission of "EoI" in any other mode is not acceptable. The last date for receipt of "EoI" is 16.06.2025 upto 17:00 Hours. The EoI will be opened on 17.06.2025 at 11.30 A.M. Hours. (Venue: Conference Hall of R&DM Department) in presence of the bidders or their authorised representative.

The authority in no way will be responsible for any postal delay. Detailed RFP will be issued to shortlisted agencies on the basis of EOI received by Speed Post / Registered Post & thereafter the selection procedure will be governed by Procurement guidelines of QCBS methodology with ratio of 80:20 weightage for Technical qualification and Financial quotation respectively. The details of EoI and ToR is available in website www.odisha.gov.in and https://revenue.odisha.gov.in/ under the weblink "Tender & Advertisement".

The authority reserves the rights to cancel the process at any stage without assigning any reason thereof.

Sd./- Additional Secretary to Government
OIPR-24001/11/0170/2526

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ସୋନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# କୋଟିପତି ଆଶା ଦେଖାଇ ଠକେଇ

**କଟକ,୮।୫(କାର୍ତ୍ତିକ ସାହୁ)**

ରାଜ୍ୟ କ୍ରାଇମବ୍ରାଞ୍ଚ ୨ଟି ପୃଥକ ମାମଲାରେ ଅନ୍‌ଲାଇନ ପୁଞ୍ଜିନିବେଶ ଏବଂ ଶେୟାର ବଜାରରେ ନିବେଶ କରି କୋଟିପତି ହେବାର ଆଶା ଦେଖାଇ ଜମାକାରୀଙ୍କଠାରୁ କୋଟି କୋଟି ଟଙ୍କା ଠକି ନେଇଥିବା ଅଭିଯୋଗରେ ୨ଜଣ ସାଇବର ଠକେଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ କୋଲକତାର ନିଖିଲ ଜୟସ୍ୱାଲ ଓ ପଶ୍ଚିମବଙ୍ଗରୁ ତାପସ ହଲଦାର (୨୮)। ସେମାନଙ୍କ ନିକଟରୁ ବିଭିନ୍ନ ସାମଗ୍ରୀ ମଧ୍ୟ ଜବତ କରାଯାଇଛି।

ସୂଚନା ଅନୁସାରେ, କଟକ ପୁରୀଘାଟ ଥାନା ଅଞ୍ଚଳରେ ରହୁଥିବା ଜଣେ ୫୦ ବର୍ଷୀୟ ବ୍ୟକ୍ତି ୨୦୨୩ ଅକ୍ଟୋବର ୪ରେ ଶେୟାର ବଜାରରେ ଟଙ୍କା ନିବେଶ କରି ଠକାମିର ଶିକାର ହୋଇଥିଲେ। ଅଭିଯୁକ୍ତମାନେ ପ୍ରଥମେ ତାଙ୍କୁ ସି-୫୧ ଆଇସିଆଇସିଆଇ ସିକ୍ୟୁରିଟିଜ୍ ଅଫିସିଆଲ ଷ୍ଟକ ନାମକ ଏକ ହ୍ୱାଟ୍ସଆପ୍ ଗ୍ରୁପରେ ଯୋଡ଼ିଥିଲେ। ନକଲି ଆପ୍ ମାଧ୍ୟମରେ ଶେୟାର ବଜାରରେ ଟଙ୍କା ନିବେଶ କରିବାକୁ ତାଙ୍କୁ ପ୍ରୋତ୍ସାହିତ କରିଥିଲେ। ପରବର୍ତ୍ତୀ ସମୟରେ ଆଇପିଓ ମାଧ୍ୟମରେ ତାଙ୍କୁ ନକଲି ଋଣ ଅଫର ଦେଇ ଦେଢ଼ କୋଟି ଟଙ୍କା ଫେରସ୍ତ କରିବାକୁ ଅପରାଧୀମାନେ ଚାପ ପକାଇଥିଲେ। ଏପରି କି ସାଇବର ଅପରାଧୀମାନେ ତାଙ୍କଠାରୁ ୨.୩୬ କୋଟି ଟଙ୍କା ଠକି ନେଇଥିଲେ। ଏହାପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି କୋଲକାତାର ନିଖିଲ ଜୟସ୍ୱାଲଙ୍କୁ ଗିରଫ କରିଛି। ପୂର୍ବରୁ ଏହି ଘଟଣାରେ ହାଇଦ୍ରାବାଦରୁ ମହମ୍ମଦ ଜାକିଙ୍କୁ ଗିରଫ କରାଯାଇଥିଲା। ନିଖିଲ ଅଭିଯୋଗକାରୀଙ୍କଠାରୁ ୧.୪୧ କୋଟି ଟଙ୍କା ଠକି ନେଇଥିଲେ। ତଦନ୍ତ ଟିମ୍ ତାଙ୍କଠାରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ମୋବାଇଲ ଚାଟ୍ ସ୍କ୍ରିନ ଶଟ୍, ଆଧାର ଓ ପାନ୍ କାର୍ଡ, ବ୍ୟାଙ୍କ ଡକ୍ୟୁମେଣ୍ଟ ଜବତ କରିଛନ୍ତି। ଅଭିଯୁକ୍ତଙ୍କ ଅନେକ ବ୍ୟାଙ୍କ ଖାତାକୁ ଫ୍ରିଜ୍ କରାଯାଇଛି। ସେହିପରି ଅନ୍ୟ ଏକ ମାମଲାରେ କ୍ରାଇମବ୍ରାଞ୍ଚର ସାଇବର କ୍ରାଇମ୍ ଟିମ୍ ଅଭିଯୁକ୍ତ ତାପସ ହଲଦାର (୨୮)ଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିଛି। ଅଭିଯୁକ୍ତ ମୋଟ ୬.୦୪ କୋଟି ଟଙ୍କା ଠକି ନେଇଥିବା ଜଣାପଡ଼ିଛି। ପୁଞ୍ଜିନିବେଶ, ଶେୟାର ବଜାର ଏବଂ ଆଇପିଓ ମାଧ୍ୟମରେ ଅଧିକ ଟଙ୍କା ରୋଜଗାର କରିବା ଲୋଭରେ ବଶବର୍ତ୍ତୀ ହୋଇ ଭୁବନେଶ୍ୱରରେ ରହୁଥିବା ଜଣେ ଡାକ୍ତର ଏହି ଠକାମିର ଶିକାର ହୋଇଥିଲେ।

## ୨ ପୃଥକ ମାମଲାରେ ଧରାପଡ଼ିଲେ ୨ ଅଭିଯୁକ୍ତ

ଗିରଫ ୨ ଅଭିଯୁକ୍ତ।

# ଶପିଂମଲ୍ ଉପରକୁ ଗୁଳି ଘଟଣା: ୩ ଗିରଫ

ସୋର, ୮।୫(ଜନ୍ମେଜୟ ମିଶ୍ର): ବାଲେଶ୍ୱର ଜିଲା ସୋର ଥାନା ବାଗୁଡ଼ିରେ ଥିବା ଏକ ସପିଂ ମଲ୍ ଉପରକୁ ହୋଇଥିବା ଗୁଳିକାଣ୍ଡ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଅଭିଯୋଗ ଅନୁଯାୟୀ, ଗତ ୨୯ ତାରିଖ ରାତିରେ ବାଗୁଡି ବଜାରରେ ଥିବା ଭଗବତୀ ଟ୍ରେଡର୍ସରେ କର୍ମଚାରୀମାନେ ଥିବା ବେଳେ ଗୋଟିଏ ବାଇକରେ ୩ଜଣ ଯୁବକ ଆସିଥିଲେ। ସେମାନେ ସପିଂମଲର ଉପର ତାଲାରେ ଥିବା କାଚକୁ ଦୁଇ ରାଉଣ୍ଡ ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ସପିଂ ମଲ୍ ମାଲିକ ମୁକ୍ତିକାନ୍ତ ଘଡେଇ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୩୩୨/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ସଂଗ୍ରାମ କେଶରୀ ମଲିକ, ଦିଲ୍ଲୀପ ମଲିକ, ଶଶୀକାନ୍ତ ମଲିକଙ୍କୁ ବୁଧବାର ରାତିରେ ପୋଲିସ ଗିରଫ କରିଥିଲା।


**8th Birthday**




**Yash Raj Puri (Sonu)**

DOB- 09.05.2017

Special wishes from:
Bapa, Mama, Bada Bapa, Bada Mama, Kaki, Dada, Jeje Maa, Aja, Aae, Mamu, Maie, Brother, Sister and Family.

D-456

**ବିଶେଷଜ୍ଞ**


**ଅର୍ଶ ଭଗନ୍ଦର ମଳକଣ୍ଟକ**

ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ

**PILES CLINIC**

ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


## ନିରୁଦ୍ଦିଷ୍ଟ



ନାମ: କୈଳାଶ ଚନ୍ଦ୍ର ମହାନ୍ତି (୭୦), ପିତା- ଦନେଇ ମହାନ୍ତି, ଗତ ୦୨।୦୫।୨୦୨୫ ଦ୍ୱିପ୍ରହର ୧ ଘଟିକା ସମୟରୁ ଘରୁ ବାହାରି ଚାଲିଯାଇଥିଲେ। ସେ ସାମାନ୍ୟ ମାନସିକ ରୋଗୀ ଅଟନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ପାଆନ୍ତି, ଜଣାଇବାକୁ ଅନୁରୋଧ। ମୋ: 7978559539, 9827859636. D-458


# Classified Everyday
0674-2580101, 9692975378


## ମନେ ପଡ଼ନ୍ତି



## REAL ESTATE SALE

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200


**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D-74649



## CONSTRUCTION

Construct your home with branded materials, all complete furnishing, price start 1280/- per sqft. 9827152441. D-76818




**2 Office space - 1000sqft. in 3rd floor & 750sqft. in 2nd floor fully furnished office at 5-Janpath, Unit-3, Kharvelnagar behind Kalsi Petrol Pump, Bhubaneswar, Odisha-751001.Readily available to operate. Contact: 9437001845, 7504050186.** D-76819

## GENERAL SALE

**Whole sale paper plate & danna For Buffet, Phulanankhara, Cuttack. 7809525452.** D-74651




Newly open Jyoti SPA positively health benefits (Expert therapist). 8458067955. D-76912

Full body massage by experience therapist with homely atmosphere. 8658088274. D-447

**Relax, Refresh your body, mind at Saikrupa SPA with best therapies. 7848011468.** D-363

## LOST

I, Sabita Patel, W/o- Bhopal Chandra Patel, resident of Laphiripara, Dist.- Sundargarh, do here by declare that I have purchased a Land vide document No.- 563002006, I apply for a loan on the said property at the SBI Sargipali Branch- 03585, there is no loan or charge against this property at present. If any financial institution holds a loan or claim against this property, they are requested to contact me 8895831859 and the same document was kept by me in a wooden box and when I search the same the documents were totally destroyed by white ant. D-460

Shyam Kumar Sharma, Lost his Degree Engineering Certificate, Marksheet and other Documents. If anyone find then contact- 8280184200 D-453


**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


## AFFIDAVIT

I, P K BHASKAR, Son of P Krishna Reddy, P.O.- Sunabeda-2, Dist.- Koraput presently residing at Qtr. No.- G-182, HAL Township, P.O.- Sunabeda-2, P.S.- Sunabeda, Dist.-Koraput (Odisha) working at HAL Koraput Division do hereby declared that by virtue of affidavit dated- 06.05.2025 before the Notary Public, Sunabeda, I have changed my name from P K BHASKAR to PANATI KRISHNAREDDY BHASKAR in future and I will be known as PANATI KRISHNAREDDY BHASKAR in Official and all other purposes. D-461

I, Bijuli Jaypuria, aged about 54 years, D/o- Baldev Kanta, resident of Vill- Purkapali, P.O.- Latalaga, P.S.- Kutra, Dist.- Sundargarh, Odisha do hereby solemnly affirm and declare as under. I have Aadhaar Card vide No.- xxxx xxxx 1767 in which my name has been wrongly mentioned as Malati Jaypuria. That Bijuli Jaypuria and Malati Jaypuria denotes to one and same person i.e. myself.
Bijuli Jaypuria D-462

By virtue of an affidavit sworn before Executive Magistrate, Bhadrak, dtd 03.04.2025, I, Parbati Jena (26 yrs), D/o- Santanu Jena, Vill- Danguali, P.O./P.S.- Dhamanagar, Dist.- Bhadrak, PIN-756117, Odisha declare that I have changed my name from Sandhyarani Jena to Parbati Jena. Henceforth, I shall be known as Parbati Jena for all purposes. D-464

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Chandabali, I, Menulata Nath (37 yrs), W/o- Hemanta Kumar Nath, Vill- Rajgurupur, P.O.- Ghanteswar, P.S.- Bansada, Dist.- Bhadrak, I have Changed my name in my Lic Policy bearing No.- 599468614 from Minatilata Nath to Menulata Nath for all purposes. D-465

I, Smita Patil, W/o- Rajesh Prabhakar Patil, resident of Qrs. No.- VII-5, Unit-1, near AG Square, Bhubaneswar, PIN- 751001, Odisha, declare by this affidavit No.- 917 (Vol-1), dtd- 08.05.2025 that now onwards I shall be known as **SMITA RAJESH PATIL** for all future purposes. D-472

By virtue of an affidavit sworn before the Notary Public, Bhubaneswar, dated 07.05.2025, I, Damayanti Behera, Address: At- Bayababa Basti, P.O.- Bhoi Nagar, P.S.- Sahid Nagar, Bhubaneswar, Dist.- Khordha, Odisha, PIN- 751022, declare that I have changed my name from Daini Behera to Damayanti Behera. Henceforth, she shall be known as Damayanti Behera for all purposes.
Damayanti Behera D-451

By virtue of an affidavit before Notary Public, dated 06.05.2025, I, S. Walama, Address: At- Qr. No.- 2R-17, CESU Colony, Arunoday Nagar, P.O.- Arunoday Market, P.S.- Badambadi, Dist.- Cuttack, PIN-753012, declare that I have changed my name from S. Alama to S. Walama. Henceforth, I shall be known as S. Walama for all purposes.
S. Walama D-454

I, Swetapadma Singh, C/o- Tapan Kumar Singh, At- Mahavir Bazar, P.O.- Town, Dist.- Dhenkanal, Odisha- 759001 changed my name to SHWETAPADMA SINGH before Executive Magistrate, Dhenkanal, dtd- 05.05.2025. D-455

I, Jitesh Kumar Ranka, S/o- Karni Dan Ranka, Resident of At- Baya Baba Matha Lane, Narendra Kona, P.O.- Puri, P.S.- Puri, Dist.- Puri, PIN- 752001, Odisha declare by this Affidavit No. 03 dated- 08.05.2025 at Notary Public, Puri that now onwards I shall be known as Jitesh Ranka for all future purposes. D-452

By affidavit in the Court of Executive Magistrate, Dasarathpur, Jajpur, CF No.- K 658478, dtd. 27.04.2024, I have been recognized, identified & known as GYANA RANJAN MALIK, S/o- AMULYA MALIK, At- Nimapur, P.O.-Pattamundai, P.S.- Pattamundai, Dist.- Kendrapara instead of GYANARANJAN MALIK for all purposes. D-471

I, JK SOM, S/o- Surendra Kumar Jena, born on 06.02.1999, residing At/P.O.- Danagadi, P.S.- Jajpur Road, Dist.- Jajpur, PIN- 755026, have changed my name to Som Jena vide affidavit dated 07.05.2025 at Danagadi. D-470

By virtue of an affidavit sworn before Executive Magistrate, Bhadrak, dtd. 02.05.2025, I, Bhagabati Das, W/o- Bhagirathi Das, Vill/P.O.- Kiapada, P.S.- Basudevpur, Dist.- Bhadrak, PIN- 756165 declare that I have changed my name from Saraswati Das to Bhagabati Das. Henceforth, I shall be known as Bhagabati Das for all purposes. D-469

By virtue of an affidavit sworn before the Ex-ecutive Magistrate, Mahanga, Cuttack, dated 27.03.2025, I, Nimai Mohanty, At- Nadiasahaspur, P.O.- Balichandrapur, P.S.- Mahanga, Dist.- Cuttack-754205 declare that I have changed my son's name from Biswajit Mohanty to Biswajeet Mohanty. Henceforth, he shall be known as Biswajeet Mohanty for all purposes.
Nimai Mohanty D-468

## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ କୋର୍ଟ ନଂ.-୩
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ ନଂ.- ୪୯୦/୨୦୨୪
ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ନୋଟିସ
( ସି.ପି.ସି. ଅର୍ଡର ୫ ରୁଲ୍ ୨୦ ମୁତାବକ )

କୃଷ୍ଣଚନ୍ଦ୍ର ରଥ, ପିତା-ଆନନ୍ଦ ଚନ୍ଦ୍ର ରଥ, ପ୍ଲଟ୍ ନଂ.-୧୦୮୯, ବରମୁଣ୍ଡା ଫ୍ରେଣ୍ଡ୍ସ କଲୋନୀ, ପୋ- ବରମୁଣ୍ଡା, ଥାନା-ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା
.....ବାଦୀ

ବନାମ

୧- ତାରକ ଚନ୍ଦ୍ର କୁମାର, ୨- ବିଜୟକୃଷ୍ଣ କୁମାର, ଏମାନଙ୍କ ପିତା- ଦଶରଥ କୁମାର, ସା- ପ୍ଲଟ୍ ନଂ.-୧୩୪/୯, ବରମୁଣ୍ଡା, ପୋ- ବରମୁଣ୍ଡା, ଥାନା-ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା
.....ପ୍ରତିବାଦୀମାନେ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉ ଅଛି ଯେ ବାଦୀ ନିମ୍ନୋକ୍ତ ଜମିକୁ ଦଲିଲ ଓ ଦାଖଲ ଦୃଷ୍ଟ ରେକର୍ଡ କରିବା ପାଇଁ ଉକ୍ତ ରିଭିଜନ କେସ ଦାଖଲ କରିଛନ୍ତି। ଉକ୍ତ ପ୍ରତିବାଦୀଙ୍କୁ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ପଠାଯାଇଥିଲେ ହେଁ ନୋଟିସ ଜାରି ନ ହୋଇ ଫେରିଆସିଛି। ଇତିମଧ୍ୟରେ ଉକ୍ତ କେସର ଶୁଣାଣି ଆସନ୍ତା ତା୧୦।୬।୨୫ ଦିବା ୧୧.୩୦ ଘଟିକାକୁ ସ୍ଥିର କରାଯାଇଛି। ଜମିର ବିବରଣୀ ନିମ୍ନରେ ବର୍ଣ୍ଣନା କରାଗଲା।

ଜମିର ବିବରଣୀ

ମୌଜା- ଭୁବନେଶ୍ୱର ସହର, ୟୁନିଟ୍ ନଂ.-୧୯, ବରମୁଣ୍ଡା, ତହସିଲ- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା
ସାବକ ଖାତା ନଂ.- ୧୧୪, ସାବକ ପ୍ଲଟ୍ ନଂ.-୧୩୪, ସାବକ ରକବା ଏ୦.୦୬୭ଡି., ସାବକ ସ୍ୱତ୍ୱ- ସ୍ଥିତିବାନ, ହାଲ୍ ଖାତା ନଂ.- ୨୮୭, ହାଲ୍ ପ୍ଲଟ୍ ନଂ.- ୧୦୮୯, ଏ୦.୦୩୦ଡି., ଏ୦.୦୫୧ଡି. ସମ୍ବନ୍ଧରୁ ହାଲ୍ ପ୍ଲଟ୍ ନଂ.- ୧୪୯୪, ଏ୦.୦୩୭ଡି., ଏ୦.୨୭୭ଡି. ସମ୍ବନ୍ଧରୁ, ହାଲ୍ ସ୍ୱତ୍ୱ- ସ୍ଥିତିବାନ

ଏଣୁ ଉପରୋକ୍ତ ପ୍ରତିବାଦୀ ନିଜେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରି ପକ୍ଷ ରଖିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୪୬୩

**୧୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ରାଜ କିଶୋର ତ୍ରିପାଠୀ**
କାଳିଆ କୃପା, ଓଲଡ୍ ଟାଉନ୍, ଭୁବନେଶ୍ୱର

ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପରମାତ୍ମାଙ୍କ ପାଖରେ ଆମର ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୪୫୭

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**୰ଶାନ୍ତିଲତା ରାୟ**
ଆବିର୍ଭାବ: ୦୭।୦୮।୧୯୫୫
ତିରୋଧାନ: ୦୨।୦୫।୨୦୨୩

ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲାଣି । ଯେତେ ଖୋଜିଲେ ବି ଦେଖା ମିଳୁନି । ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ ଅମର ଆତ୍ମାର ସଦ୍‌ଗତି ହେଉ ।

ହତଭାଗ୍ୟ: ପୁଅ, ଝିଅ, ନାତି, ନାତୁଣୀ, ପୁତୁରା, ଝିଆରୀ, ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁପରିଜନ
ଧ-୪୬୨

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବିବେକାନନ୍ଦ ସାହାଣୀ**
ମାର୍ଶାଘାଇ, କେନ୍ଦ୍ରାପଡ଼ା

ବାପା, ଚାହୁଁ ଚାହୁଁ ୫ବର୍ଷ ହେଇଗଲାଣି । ତମେ ଆମ ପାଖରେ ନାଁହ କିନ୍ତୁ ସବୁଦିନ ତୁମକୁ ଆମେ ସ୍ୱପ୍ନରେ ଦେଖୁଛୁ, ଆଉ ଲାଗେ ସତେ ଯେମିତି ତମେ ଆମ ପାଖରେ ଅଛ। ତମେ ଯେଉଁଠି ବି ଥିବ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ବହୁତ ଭଲରେ ଥିବ ଆଉ ସଦାସର୍ବଦା ତମ ଆଶୀର୍ବାଦ ଆମମାନଙ୍କ ପାଥେୟ ହେଉଥାଉ ।

ଶୋକସନ୍ତପ୍ତ- ସ୍ତ୍ରୀ: ଜୟନ୍ତୀ, ଝିଅ: ପ୍ରିୟଦର୍ଶିନୀ, ଲୋପାମୁଦ୍ରା, ପ୍ରିୟଙ୍କା, ଜ୍ୱାଇଁ: ନାଭାଲ, କମଳ, ଚିରଞ୍ଜିବୀ ନାତୁଣୀ: ନୈଭିତି, ବନ୍ଧୁ ଓ ପରିବାରବର୍ଗ ।
ଧ-୪୬୬

# କପିଳାସ ମନ୍ଦିରର ପ୍ରତିଷ୍ଠା ଦିବସ ସମାରୋହ ୧୦ରେ

ଢେଙ୍କାନାଳ,୮।୫(ରତନ ନାୟାର)

ରାଜ୍ୟ ତଥା ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସ ମନ୍ଦିରର ପ୍ରତିଷ୍ଠା ଦିବସ ସମାରୋହ ଆସନ୍ତା ୧୦ ତାରିଖରେ ଅନୁଷ୍ଠିତ ହେଉଛି । ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ପରିବାର ପକ୍ଷରୁ ଶୁକ୍ରବାର ଅପରାହ୍ନରେ ସହରସ୍ଥିତ ଦଧିବାବନ ଜୀଉ ମନ୍ଦିର ପ୍ରାଙ୍ଗଣରେ ଏ ସଂକ୍ରାନ୍ତରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ମୁଖ୍ୟ ସଂଯୋଜକ ଅବନୀ କୁମାର ମିଶ୍ରଙ୍କ ଆହ୍ୱାନରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଶନିବାର ସକାଳ ୭ଟାରେ ଢେଙ୍କାନାଳ ସହରସ୍ଥିତ



ପ୍ରତିଷ୍ଠା ଦିବସ ସମାରୋହ ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ସଦସ୍ୟବୃନ୍ଦ ।

ସିଦ୍ଧ ବଳରାମ ମନ୍ଦିର ପ୍ରାଙ୍ଗଣରୁ ଏକ ଆଧ୍ୟାତ୍ମିକତା ସଚେତନତା ଯାତ୍ରା ଦେଓଗାଁ ଅଭିମୁଖେ ଯାଇ ସେଠାରୁ କପିଳାସ ମନ୍ଦିର ଅଭିମୁଖେ ଯାତ୍ରା କରିବେ । ପ୍ରଥମେ ଦାଣ୍ଡ ପହଁରା କାର୍ଯ୍ୟକ୍ରମ ପରେ ବେଢା ପରିକ୍ରମା, ଶ୍ରୀଜୀଉଙ୍କର ଦର୍ଶନ ମାଜଣା ଓ ମଙ୍ଗଳ ପ୍ରାର୍ଥନା କରାଯିବ । ପରେ ସନ୍ଧ୍ୟା ୫ଟାରେ ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲଠାରେ ବିଶିଷ୍ଟ କଣ୍ଠଶିଳ୍ପୀ ଯାମିନୀ ରଞ୍ଜନ ଦାସ ଓ ସାଥିଙ୍କ ଦ୍ୱାରା ଶାସ୍ତ୍ରୀୟ ସଙ୍ଗୀତ ଆସର ଅନୁଷ୍ଠିତ ହେବ । ସନ୍ଧ୍ୟା ସାଢେ ୬ଟାରେ ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ ହେବ । ଏହି ବୈଠକରେ ଆର୍ଯ୍ୟରତ୍ନ ଚକ୍ରଧର, କମଳ ନନ୍ଦ, ଦେବୋତର ନୀରିକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, ପୁରୁଷୋତ୍ତମ ନନନ୍ଦ, ରାଜକିଶୋର ବେହେରା, ସ୍ନିଗ୍ଧା ନନ୍ଦ, ନିର୍ମଳା ମହାପାତ୍ର, ଶତ୍ରୁଘ୍ନ ମାଟି, ଶେଷଦେବ ରାଉତ, ଜ୍ଞାନେନ୍ଦ୍ର ସାହୁ, ଦୁର୍ଗାଚରଣ ମହାପାତ୍ର, ଶ୍ରୀବତ୍ସ କୁମାର ଦାସ ଓ ଭାବଗ୍ରାହୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।

# ସେବା, ବନ୍ଧୁତା ଓ ଚାରାରୋପଣ କରିବାକୁ ପରାମର୍ଶ

## ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳନ

ଢେଙ୍କାନାଳ,୮।୫(ରତନ ନାୟାର)

ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ଜୁନିୟର ରେଡ୍‌କ୍ରସ୍‌ର ସ୍ୱେଚ୍ଛାସେବୀ ଓ ପରାମର୍ଶଦାତାମାନଙ୍କୁ ନେଇ ବିଶ୍ୱ ରେଡ୍‌କ୍ରସ୍ ଦିବସ ଗୁରୁବାର ମହାସମାରୋହରେ ପାଳନ କରାଯାଇଥିଲା । ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ସଭାପତିତ୍ୱ କରି ଜୁନିୟର୍ସମାନଙ୍କୁ ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତା ସହ ଚାରାରୋପଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ସାଧନକର୍ମୀ ବିପିନ ବିହାରୀ ଶତପଥୀ ଯୋଗଦେଇ ଜୁନିୟର ରେଡ୍‌କ୍ରସ୍‌ର ଇତିହାସ ଉପରେ ଆଲୋକପାତ କରିଥିଲେ । ଜିଲା ଜୁନିୟର




ରେଡ୍‌କ୍ରସ୍‌ର ସମ୍ପାଦକ ପ୍ରକାଶ ଚନ୍ଦ୍ର ବେହେରା ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାଧନ କର୍ମୀ ନରେଶ କୁମାର ମହାରଣା ବିଶ୍ୱ ରେଡ୍‌କ୍ରସ୍ ଦିବସର ମହତ୍ୱ ସମ୍ବନ୍ଧରେ ବୁଝାଇଥିଲେ । କାର୍ଯ୍ୟକ୍ରମ ଶେଷରେ ଜୁନିୟର ରେଡ୍‌କ୍ରସ୍‌ର ପରାମର୍ଶଦାତାମାନେ ଗୋବିନ୍ଦପୁର ଠାରେ ଥିବା ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ପାଇଁ ସେଠାରେ ପିଲାମାନଙ୍କୁ ବିସ୍କୁଟ ବଣ୍ଟନ କରିଥିଲେ । ସଭାରେ ବିଭିନ୍ନ ବିଦ୍ୟାଳୟର ଜେଆର୍‌ସି. କାଉନ୍‌ସିଲର ରୋଜାଲିନ୍ ରଥ, ସୌଦାମିନୀ ଦଳେଇ, ରସାନନ୍ଦ ସାହୁ, ଉପାସନା ନାଥଶର୍ମା, ଉପେନ୍ଦ୍ର ସିଂ ମାଝିଙ୍କ ସମେତ ମୋଟ୍ ୪୦ଜଣ ଜୁନିୟର ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ । କାର୍ଯ୍ୟାଳୟର କନିଷ୍ଠ କିରାଣୀ ପ୍ରଶାନ୍ତ କୁମାର ସାହୁ କାର୍ଯ୍ୟକ୍ରମ ସମ୍ପାଦନରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଜିଲା ଜୁନିୟର ରେଡ୍‌କ୍ରସ୍‌ର ଅଧିକାରୀ ସୁବ୍ରତ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ କାଇମାଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟବ୍ରତ ପାତ୍ର ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ବିଦେଶୀ ମଦ ଜବତ, ଜଣେ ଗିରଫ




ରାସୋଲ,୮।୫(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ରାସୋଲ ଥାନା କାରନ୍ଦା ନିକଟର ରାସୋଲ ପୋଲିସ ଦ୍ୱାରା ଗୁରୁବାର ଦିନ ୧୧ଟା ବେଳେ ୭୧ ଲିଟର ବିଦେଶୀ ମଦ ଜବତ କରାଯାଇଛି । ମନିଷ କୁମାର ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଝାଡଖଣ୍ଡ ଅଞ୍ଚଳର ମନିଷ କୁମାର ହିନ୍ଦୋଳ ରୋଡରେ ଥିବା ଏକ କାଉଣ୍ଟରରୁ ଓଡି.୧୯-ଆର-୯୦୭୪ ବାଇକରେ ବଦାଲୋ ଗ୍ରାମକୁ ନେଇ ଆସୁଥିବା ବେଳେ ରାସୋଲ ପୋଲିସ ଏସ୍‌ଆଇ ପ୍ରତାପ ଦଳେଇଙ୍କ ନେତୃତ୍ୱରେ ମଣିଷ କୁମାରଙ୍କୁ ଧରିଥିଲେ । ତାଙ୍କ ଠାରୁ ବିଦେଶୀ ମଦକୁ ଜବତ କରିଥିଲେ। କେଶ୍ ନଂ. ୧୩୧/୨୫ରେ ଏକ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।

# ପୁରୁଣାକୋଟ ଗ୍ରାମରେ ଶିକ୍ଷା ଭିତ୍ତିଭୂମି ବିକାଶକୁ ପ୍ରାଧାନ୍ୟ

## ୨ଟି ଶ୍ରେଣୀଗୃହ ଓ ୱାଟର ପ୍ୟୁରିଫାଏର ଲୋକାର୍ପିତ

ଢେଙ୍କାନାଳ,୮।୫(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ପାଇକ ପୁରୁଣାକୋଟ ଗ୍ରାମରେ ପାଇକ ପୁରୁଣାକୋଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଟାଟାଷ୍ଟିଲ ଫାଉଣ୍ଡେଶନ (ଟିଏସ୍‌ଏଫ୍) ପକ୍ଷରୁ ୨ଟି ନବନିର୍ମିତ ଶ୍ରେଣୀଗୃହ ଲୋକାର୍ପିତ ହୋଇଯାଇଛି । ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିବା ସହ ଟାଟାଷ୍ଟିଲ ଫାଉଣ୍ଡେସନର ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଶିକ୍ଷା ଭିତ୍ତିଭୂମିର ଉନ୍ନତିକରଣ ତଥା ବିକାଶ ପାଇଁ ଟାଟାଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ଏହାକୁ ପ୍ରାଧାନ୍ୟ ଦିଆଯାଇଛି । ଟାଟାଷ୍ଟିଲ ମେରାମଣ୍ଡଳୀ କାରଖାନାର ଆଖପାଖ ଗ୍ରାମକୁ ଏହି ବିଦ୍ୟାଳୟକୁ ଆସୁଥିବା ୨୦୩ ଛାତ୍ରୀଛାତ୍ରଙ୍କୁ ଏକ ଉନ୍ନତମାନର ଶିକ୍ଷଣୀୟ ପରିବେଶ ପ୍ରଦାନ କରିବା



ହେଉଚି ଏହି ପଦକ୍ଷେପର ମୂଳ ଲକ୍ଷ୍ୟ । ଏହି ବିଦ୍ୟାଳୟରେ ଅଧିକ ଛାତ୍ରୀଛାତ୍ର ପଢିବା ପାଇଁ ଅତିରିକ୍ତ ଶ୍ରେଣୀ ଗୃହର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଦୀର୍ଘସ୍ଥାୟୀ ପଦକ୍ଷେପ ସୁନିଶ୍ଚିତ କରି ଟିଏସ୍‌ଏଫ୍ ପକ୍ଷରୁ ଏହି ନିର୍ମାଣ କାର୍ଯ୍ୟ କରାଯାଇଛି । ସ୍ୱଚ୍ଛ ଓ ସବୁଜ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଟିଏସ୍‌ଏଫ୍ ପକ୍ଷରୁ ୨ କିଲୋଓ୍ୱାଟ ବିଶିଷ୍ଟ ସୋଲାର ଶକ୍ତି ସଂଯୋଗ କରାଯାଇଛି। ବିଦ୍ୟାଳୟ ପରିସରକୁ ଆସୁଥିବା ପ୍ରତ୍ୟେକ ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଅଭିଭାବକମାନଙ୍କୁ ବିଶୁଦ୍ଧ ପାନିୟଜଳ ମିଳିବା ପାଇଁ ୱାଟର ପ୍ୟୁରିଫାଏର ଲଗାଯାଇଛି। ଏହି ପଦକ୍ଷେପ ବ୍ୟତୀତ ଟାଟାଷ୍ଟିଲ ଫାଉଣ୍ଡେସନ କ୍ରୀଡା ବିକାଶ, ଜଳ ସଂରକ୍ଷଣ ଏବଂ ଜନସ୍ୱାସ୍ଥ୍ୟ ହସ୍ତକ୍ଷେପ ସମେତ ବିଭିନ୍ନ ଗୋଷ୍ଠୀ କେନ୍ଦ୍ରିତ ପ୍ରୟାସରେ ସକ୍ରିୟ ଭାବେ ଜଡିତ ରହିଛି । ସୂଚନାଯୋଗ୍ୟ ଫାଉଣ୍ଡେଶନ ପକ୍ଷରୁ ପାଇକ ପୁରୁଣାକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଭଲିବଲ ପଡିଆ ପ୍ରତିଷ୍ଠା କରାଯାଇଛି। ଯେଉଁଠାରେ ବହୁ ସ୍ଥାନିୟ ପିଲା ଜିଲା ଓ ରାଜ୍ୟ ଏବଂ ଜାତୀୟସ୍ତରରେ ଉତ୍କର୍ଷ ପ୍ରଦର୍ଶନ କରିଛନ୍ତି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି ।

# କଲେଜ ପ୍ରିନ୍ସିପାଲଙ୍କୁ ଗାଳିଗୁଲଜ, କାର ଭଙ୍ଗାରୁଜା

## ଗଣିତ ଅଧ୍ୟାପକ ଥାନାରେ ଅଟକ ପରେ ଜାମିନରେ ଗଲେ

ଢେଙ୍କାନାଳ,୮।୫(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ମହିମା ମହାବିଦ୍ୟାଳୟର ପ୍ରିନ୍ସିପାଲ ପ୍ରଦୀପ୍ତ କୁମାର ଦାସଙ୍କୁ ଗଣିତ ଅଧ୍ୟାପକ ହରିଶଙ୍କର ବେହେରା ଗାଳିଗୁଲଜ ଓ ତାଙ୍କ କାର ଭଙ୍ଗାରୁଜା କରିଥିବା ନେଇ ପ୍ରିନ୍ସିପାଲ ଥାନାରେ ଏକ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଗଁଦିଆ ଥାନାରେ କେଶ୍ ନଂ. ୧୬୭/୨୫ରେ ଏକ ମାମଲା ରୁଜୁ କରାଯାଇଥିଲା । ପୋଲିସ ଅଧ୍ୟାପକ ହରିଶଙ୍କରଙ୍କୁ ଥାନାକୁ ଆଣି ଗୁରୁବାର ଅଟକ ରଖି ପଚରାଉଚରା କରିବା ପରେ ଦଫା-୪୧ରେ ଥାନାରୁ ଜାମିନରେ ଛାଡିଥିବା ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ପ୍ରିନ୍ସିପାଲଙ୍କ ଅଭିଯୋଗରୁ ଜଣାପଡିଛି ଯେ, ଗଣିତ ଅଧ୍ୟାପକ ଜଣକ ନିୟମିତ ଭାବରେ କ୍ଲାସ କରିବାକୁ ଆସୁନଥିବାରୁ ଏହାକୁ ନେଇ ପ୍ରିନ୍ସିପାଲ ପଚରାଉଚରା କରିବାରୁ ସେ ତାଙ୍କୁ ଗାଳିଗୁଲଜ କରିବା ସହିତ ତାଙ୍କ କାରକୁ ଭଙ୍ଗାରୁଜା କରିଥିଲେ। ଏହି ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସୂଚନା ଦେଇଥିଲେ ।

# ବନମାଳୀ ଦାସ କଂଗ୍ରେସରେ ସାମିଲ

ଢେଙ୍କାନାଳ,୮।୫(ରତନ ନାୟାର)

ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ସମ୍ବିଧାନ ବଞ୍ଚାଅ ସମାବେଶ ଅବସରରେ ସମାଜସେବୀ ବନମାଳୀ ଦାସ ତାଙ୍କ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗ ଦେଇଛନ୍ତି । ପିସିସି ସଭାପତି ଭକ୍ତ ଚରଣ ଦାସ, ଜିଲା କଂଗ୍ରେସ ସଭାପତି ସୁନିଲ ଦାଶ ଓ ରାଜ୍ୟର ବରିଷ୍ଠ କଂଗ୍ରେସ ନେତାମାନଙ୍କ ଉପସ୍ଥିତିରେ ସେ ସାମିଲ ହୋଇଛନ୍ତି । ଗଁଦିଆ ଅଞ୍ଚଳର ବିଶିଷ୍ଟ ସମାଜସେବୀ ଓ ଆଦିବାସୀ ସଂଗଠକ ବନମାଳୀ ଦାସ ତାଙ୍କର ଶତାଧିକ ସମର୍ଥକଙ୍କ ସହ ବାଜିଚୌକ ଛକରୁ ଏକ ଶୋଭାଯାତ୍ରାରେ ଆସି ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗଦେଇଥିଲେ । ପିସିସି ସଭାପତି ଭକ୍ତ ଚରଣ ଦାସ ଆନୁଷ୍ଠାନିକ ଭାବେ ସଭା ମଞ୍ଚରେ ବନମାଳି ଦାସଙ୍କ ସମେତ ଯୁବ ନେତା ସଂଗ୍ରାମ କିଶୋର ଦାସ, ଆକୁଳ ସାହୁ, ସହଦେବ ମହାନ୍ତି, ମନୋହର ମହାରଣା, ରଞ୍ଜନ ମହାରଣା, ଅଭୟ ମହାନ୍ତି, ବାଉରୀବନ୍ଧୁ ଦେହୁରୀ, ଭାସ୍କର ଦେହୁରୀ, ଶରତ ବେହେରା, ମହେଶ୍ୱର ସାମଲ, ସନ୍ତୋଷ ମହାରଣା, ନିରୋଦ ମହାରଣା, ଅଶୋକ ପରିଡ଼ା ଏବଂ ତାଙ୍କର ଶହ ଶହ ସମର୍ଥକମାନଙ୍କୁ କଂଗ୍ରେସ ଦଳରେ ସାମିଲ କରାଇଥିଲେ ।

# ପ୍ରାଣୀ ଉଦ୍ୟାନ ଖାଦ୍ୟ ଯୋଗାଣ ଟେଣ୍ଡରରେ ସ୍ୱଚ୍ଛତା ଅଣାଯାଉ

## ଅନିୟମିତତା ଅଭିଯୋଗ ଆଣିଲେ ଟେଣ୍ଡରଧାରୀ

ଢେଙ୍କାନାଳ,୮।୫(ରତନ ନାୟାର)

ଢେଙ୍କାନାଳ କପିଳାସ ପ୍ରାଣୀ ଉଦ୍ୟାନରେ ଖାଦ୍ୟ ଯୋଗାଣ ସମ୍ପର୍କିତ ଟେଣ୍ଡରକୁ ନେଇ ଦୁର୍ଗା ପ୍ରସାଦ ତ୍ରିପାଠୀ ନାମକ ଜଣେ ଟେଣ୍ଡରଧାରୀ ଅନିୟମିତତା ଅଭିଯୋଗ ସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଭାବରେ ଗତ ୬ ତାରିଖ ଦିନ ଜଣାଇଛନ୍ତି । ଏଥିସହିତ ପ୍ରାଣୀ ଉଦ୍ୟାନରେ ଖାଦ୍ୟ ଯୋଗାଣ ପାଇଁ ଜିଲା ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ଗତ ୩ ତାରିଖରେ ପୁନର୍ବାର ନୂତନ ଟେଣ୍ଡର ଆହ୍ୱାନ କରାଯାଇଛି । ଏହି ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ଅଣାଯାଉ ବୋଲି ଦୁର୍ଗା ପ୍ରସାଦ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି । ଅଭିଯୋଗରୁ ଜଣାପଡିଛି ଯେ, ଢେଙ୍କାନାଳ ଅମଲାପଡାସ୍ଥିତ ସୋନୁ ଫିଡସ ସପ୍ଲାୟର୍ସର ସତ୍ୱାଧିକାରୀ ଦୁର୍ଗା ପ୍ରସାଦ ତ୍ରିପାଠୀ ଗତ ମାର୍ଚ୍ଚ ୧୬ ତାରିଖରେ ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ କାର୍ଯ୍ୟାଳୟରୁ ଆହ୍ୱାନ ହୋଇଥିବା ଟେଣ୍ଡର ପକାଇଥିଲେ । ତାଙ୍କର ଲାଇସେନ୍ସ ୨୦୨୭ ଜୁଲାଇ ୧୪ ପର୍ଯ୍ୟନ୍ତ ବୈଧ ରହିଛି । କିନ୍ତୁ ଏହାସତ୍ତ୍ୱେ ମଧ୍ୟ ଜିଲା ବନଖଣ୍ଡ କାର୍ଯ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ନେଇ ଆପତି ଉଠାଇଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି । ତାଙ୍କ ସହିତ ୫ଟି ଟେଣ୍ଡର ସମୟ ଅବଧି ମଧ୍ୟରେ ପଡିଥିଲା । ଗତ ମାର୍ଚ୍ଚ ୨୪ ତାରିଖରେ ଟେଣ୍ଡର ଖୋଲାଯାଇଥିଲା । ୫ଟି ଟେଣ୍ଡର ମଧ୍ୟରୁ ଆବଶ୍ୟକ କାଗଜ ନଥିବାରୁ ୨ଟିକୁ ଅଯୋଗ୍ୟ ଘୋଷଣା କରାଯାଇଥିଲା । ଅନ୍ୟ ୩ଟି ଟେଣ୍ଡର ମଧ୍ୟରୁ ଜଣେ ମହିଳାଙ୍କୁ ଏଫ୍‌ଏସ୍ ଏଓଆଇ-୨୦୦୬ ଆଇନ ଅନୁଯାୟୀ ଖାଦ୍ୟ ଯୋଗାଣ ଲାଇସେନ୍ସ ଦାଖଲ କରିନଥିଲେ ମଧ୍ୟ ତାଙ୍କୁ ମେ ୨ରେ ହୋଇଥିବା ଆର୍ଥିକ ବିଡ୍‌ରେ ଅଂଶଗ୍ରହଣ କରିବାକୁ ଅନୁମତି ମିଳିଥିଲା । ଏତଦବ୍ୟତୀତ ସେହି ସମୟରେ ଭୁବନେଶ୍ୱରରେ ହେବାକୁ ଥିବା କ୍ରୟ କମିଟି ବୈଠକରେ ଉକ୍ତ ମହିଳାଙ୍କ ସ୍ୱାମୀ ଢେଙ୍କାନାଳ ବନଖଣ୍ଡ କାର୍ଯ୍ୟାଳୟର କର୍ମଚାରୀଙ୍କ ସହ ଗୋଟିଏ ଗାଡିରେ ଟେଣ୍ଡର କାଗଜପତ୍ର ନେଇ ଯାଇଥିବା ଦୁର୍ଗା ପ୍ରସାଦ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଭିତ୍ତିକରି କ୍ରୟ କମିଟି ଟେଣ୍ଡରକୁ ବାତିଲ କରିଦେଇଥିଲେ। ପରେ ଜିଲା ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ଗତ ୩ ତାରିଖରେ ପୁନର୍ବାର ନୂତନ ଟେଣ୍ଡର ଆହ୍ୱାନ କରାଯାଇଛି। ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ଦୁର୍ଗା ପ୍ରସାଦ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି ।

# ରାପିଡ୍ ରେସ୍‌ପନ୍ସ ଗ୍ରୁପ୍ ପକ୍ଷରୁ ବିଶ୍ୱ ରେଡ୍‌କ୍ରସ ଦିବସ




ରକ୍ତଦାନ କରୁଥିବା ସଦସ୍ୟମାନେ ।

ଢେଙ୍କାନାଳ,୮।୫(ରତନ ନାୟାର)

ଢେଙ୍କାନାଳ ଜିଲା ରେଡ୍‌କ୍ରସ୍ ରାପିଡ୍ ରେସ୍‌ପେନ୍‌ସ ଗ୍ରୁପ୍ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ରକ୍ତ ଭଣ୍ଡାରଠାରେ ବିଶ୍ୱ ରେଡ୍‌କ୍ରସ୍ ଦିବସ ଗୁରୁବାର ପାଳିତ ହୋଇଯାଇଛି । ଭାରତୀୟ ରେଡ୍‌କ୍ରସ୍, ଢେଙ୍କାନାଳ ଶାଖାର ଆଜୀବନ ସଦସ୍ୟମାନଙ୍କୁ ନେଇ ସ୍ୱତନ୍ତ୍ର ଭାବେ ତ୍ୱରିତ୍ ସାମାଜିକ ସେବା ଯୋଗାଇବା ପାଇଁ ଗଠିତ ରେଡ୍‌କ୍ରସ୍ ରାପିଡ୍ ରେସ୍‌ପନ୍‌ସ ଗ୍ରୁପ୍ ସଦସ୍ୟମାନେ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳମଣି ଦିଲ୍ଲୀପଚାନ୍ଦ ବେହେରା ଯୋଗଦାନ କରି ରେଡ୍‌କ୍ରସ୍‌ର ପ୍ରାଣ ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ 'ମାନବ ସେବା ହିଁ ମାଧବ ସେବା'କୁ ଜୀବନର ବ୍ରତଭାବେ ଗ୍ରହଣ କରିବାକୁ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ । ରେଡ୍‌କ୍ରସ୍‌ର ପାଟ୍ରନ ସଭ୍ୟ ରୋଟାରିଆନ୍ ରାଜକିଶୋର ବେହେରା ମାନବିକତା, ନିରପେକ୍ଷତା, ସ୍ୱାଧିନତା, ଏକତା, ବିଶ୍ୱ ବ୍ୟାପକତା, ସମାନତା ଓ ସ୍ୱେଚ୍ଛାସେବୀ ମନୋବୃତି ଆଦି ରେଡ୍‌କ୍ରସ୍‌ର ୭ଗୋଟି ମୂଳମନ୍ତ୍ର ଓ ଆଦର୍ଶରେ ଅନୁପ୍ରାଣିତ ହେଲେ, ରେଡ୍‌କ୍ରସ୍ ସଦସ୍ୟମାନେ ସମାଜରେ ଶାନ୍ତି ପ୍ରତିଷ୍ଠା କରିପାରିବ ବୋଲି ପ୍ରକାଶ କରିଥିଲେ । ବରିଷ୍ଠ ସଦସ୍ୟ ନାରାୟଣ ପୋଦାର ଓ ଚନ୍ଦ୍ର ଶେଖର ମାଝି ଉତ୍ସବକୁ ସ୍ମରଣୀୟ କରିବାକୁ ଏକ ସ୍ୱତନ୍ତ୍ର କେକ୍ କାଟିଥିଲେ । ସ୍ୱପ୍ନା ଜେମ୍‌ସ, ଶିବ ପ୍ରସାଦ ପଣ୍ଡା, କାଦମ୍ବରୀ ମହାଖୁଡ, କବିତା ବେହେରା, ରଶ୍ମିତା ରଥ, ସୌମ୍ୟବ୍ରତ ସାହୁ, ସୁଜିତ୍ ନନ୍ଦ, ରାମେଶ୍ୱର ମାଇତି, ଚିନ୍ମୟ ଜେନା ଓ ଦିପୁନା ପ୍ରଧାନ ପ୍ରମୁଖ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରକ୍ତଭଣ୍ଡାର ଟେକ୍‌ନିସିଆନ୍ ପରମାନନ୍ଦ ପଣ୍ଡା, ବିନୋଦିନୀ ଯୋଗାନିଆ, ବରୁଣ ସାହୁ, ମାନସ ବାରିକ୍ ଓ ରାକେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ମଙ୍ଗଳବାର ଭୁବନରେ ଜନ ଅଭିଯୋଗ ଶୁଣାଣି ଶିବିର

ଢେଙ୍କାନାଳ,୮।୫(ରତନ ନାୟାର)

ଢେଙ୍କାନାଳର ଭୁବନ ବ୍ଲକ କାର୍ଯ୍ୟାଳୟ ଠାରେ ଆସନ୍ତା ମଙ୍ଗଳବାର ୧୩ ତାରିଖରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଏହି ଶିବିର ସକାଳ ୭ଟା ସମୟରେ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଚାଲିବ । ଏହି ଶିବିରରେ ବରିଷ୍ଠ ନାଗରିକ, ଅସୁସ୍ଥ ବ୍ୟକ୍ତି, ଦିବ୍ୟାଙ୍ଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଚାହୁଁଥିବା ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ପ୍ରଦାନ କରାଯିବ । ଅଭିଯୋଗକାରୀମାନେ ନିଜ ଅଭିଯୋଗଗୁଡିକ ଓଡିଶା ସରକାରଙ୍କ ଜନ ଶୁଣାଣି ପୋର୍ଟାଲରେ ପଞ୍ଜିକରଣ କରି ସ୍ଲଟ ବୁକିଂ କରି ନିଜ ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ପଞ୍ଜିକରଣ ଓ ସ୍ଲଟ ବୁକିଂ କରିବା ପାଇଁ ଶୁକ୍ରବାର ସକାଳ ୧୧ଘଟିକାରୁ ଶନିବାର ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରଣ କରାଯାଇଛି। ଏହି ସମୟ ମଧ୍ୟରେ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ପଞ୍ଜିକରଣ ଓ ସ୍ଲଟ ବୁକିଂ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# 'ଅପରେଶନ ସିନ୍ଦୂର' ନେଇ ହିନ୍ଦୋଳରେ ଖୁସିର ଲହରୀ

ସାତମାଇଲ, ୮।୫ (ସୁଶାନ୍ତ ପତି)

ଭାରତୀୟ ସେନାର 'ଅପରେଶନ ସିନ୍ଦୂର'କୁ ନେଇ ହିନ୍ଦୋଳରେ ଖୁସିର ଲହରୀ ଖେଳିଯାଇଥିବା ଦେଖିବାକୁ ମିଳିଛି । ଗୁରୁବାର ହିନ୍ଦୋଳ ଉପଖଣ୍ଡ ପାଇକ ପୁରୁଣାକୋଟ ଛକଠାରେ ବାଣ ଫୁଟାଇ ଜନସାଧାରଣ ଖୁସି ମନାଉଥିବା ଦେଖାଯାଇଛି । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଲୋକସଭା ଏମ୍‌ପି ରୁଦ୍ରନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଭାଜପା ଜିଲା ସମ୍ପାଦକ ତଥା ଏମ୍‌ପିଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ବ୍ଲକ ଉପାଧ୍ୟକ୍ଷ ବରୁଣ କୁମାର ସର, ପାଇକ ପୁରୁଣାକୋଟ ସରପଞ୍ଚ ପ୍ରତାପ ଚନ୍ଦ୍ର ପ୍ରଧାନ, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବେହେରା, ପାରିକୁଳ ମଣ୍ଡଳ ଭାଜପା ସଭାପତି ରବିନ ବାରିକ, ବାବନ୍ଧ ମଣ୍ଡଳ ସଭାପତି ପ୍ରବୋଧ ପ୍ରଧାନ, ହାତୁରା



ମଣ୍ଡଳ ସଭାପତି ସୁଜିତ ଜେନା, ମୋଟଙ୍ଗା ମଣ୍ଡଳ ସଭାପତି ଦେବାନନ୍ଦ ବେହେରା, ରାସୋଳ ମଣ୍ଡଳ ସଭାପତି ଲିଙ୍ଗରାଜ ସାହୁ, ଜିଲା କୃଷକ ମୋର୍ଚ୍ଚା ସଭାପତି ସହଦେବ ପୃଷ୍ଟି, ଜିଲା ଓବିସି ସଭାପତି ପ୍ରଶାନ୍ତ ପ୍ରଧାନ, ପାରିକୁଳ ମଣ୍ଡଳ ପ୍ରତିନିଧି ଲଳିତ କୁମାର ସାହୁ, ପୂର୍ବତନ ରାଜ୍ୟ ପରିଷଦ ସଦସ୍ୟ ଯଶୋବନ୍ତ ରଣଜିତ ରାୟ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ସୁଜିତ ବାରିକ, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରେମାନନ୍ଦ ପଟନାୟକ, ଦିବାକର ନାଏକ, ସନ୍ତୋଷ ସାହୁ, ପ୍ରଫୁଲ୍ଲ କୁମାର ମହାରଣା, ସୁଶିଲ କୁମାର ନାଥ, ଲଣ୍ଡା ରାଉତ, ପ୍ରଭାସ କୁମାର ଖୁଣ୍ଟିଆ, ଆଲୋକ ରଞ୍ଜନ ସାହୁ, ମଙ୍ଗରାଜ ନାଏକ, ଗୀତାଞ୍ଜଳି ସାହୁ, ଚୈତନ୍ୟ କୁମାର ସାମଲ, ଜିତୁ ରଞ୍ଜନ ବେହେରା, ସୁକାନ୍ତି ରଥଙ୍କ ସମେତ ହିନ୍ଦୋଳ ଓ ଓଡ଼ାପଡ଼ାର ବହୁ ଭାଜପା କାର୍ଯ୍ୟକର୍ତ୍ତା ଯୋଗଦେଇଥିବା ଦେଖିବାକୁ ମିଳିଥିଲା ।

# ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ବୈଠକ

## ମାଟ୍ରିକ ଏ-୧ ଛାତ୍ରୀଛାତ୍ରଙ୍କୁ ସମ୍ମାନୀତ କରାଯିବ

ଢେଙ୍କାନାଳ,୮।୫(ରତନ ନାୟାର)

ଢେଙ୍କାନାଳ ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ସ୍ଥାନୀୟ କାର୍ଯ୍ୟାଳୟଠାରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଏ-୧ ଛାତ୍ରୀଛାତ୍ରଙ୍କୁ ୧୮ ତାରିଖ ଦିନ ସମ୍ମାନିତ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ବତନ ଏମ୍‌ପି ମହେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ କାଠଗଡାଠାରେ ପରିଚାଳିତ ଗୋଶାଳାକୁ ବର୍ଦ୍ଧିତ କରାଯିବା ଏବଂ କାଠଗଡାଠାରେ ଥିବା ଗୋଶାଳାରେ ସହରରେ ବୁଲୁଥିବା ଅବହେଳିତ ଗାଇଗୋରୁମାନଙ୍କ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ସେମାନଙ୍କର ରକ୍ଷଣାବେକ୍ଷଣ ସଂପର୍କରେ ବିଷଦଭାବେ ଆଲୋଚନା ହୋଇଥିଲା । ଏଥିସହିତ ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ପ୍ରତ୍ୟେକ ବର୍ଷଭଳି ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ କୃତିତ୍ୱ କରିଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯିବା ସଂପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଏହି ବୈଠକରେ ବରିଷ୍ଠ ଆଇନଜୀବୀ ସୁରେଶ ଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସଦାନନ୍ଦ ସେଠୀ, ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ, ଆଇନଜୀବି କିଷାନ ବିଶ୍ୱାଳ, ପୂର୍ବତନ ସରପଞ୍ଚ ଅର୍ଜୁନ ସାହୁ, ଶରତ କୁମାର ପଟ୍ଟନାୟକ, କୁନା ମହାପାତ୍ର, ବିମଳ ଶତପଥୀ, ଶେଖର ଚନ୍ଦ୍ର ସେଠୀ, ସତ୍ୟନାରାୟଣ କର, ଦୁଷ୍ମନ୍ତ ମହାନ୍ତି, ଶ୍ୟାମସୁନ୍ଦର ସାହୁ, ରତିରଂଜନ ବେହେରା, ଶୋରେନ ପୁହାଣ ଓ ସରୋଜ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।



# ସୁରକ୍ଷା କାରଣରୁ ମ୍ୟାଚ୍ ବାତିଲ



ବ୍ଲାକ୍ ଆଉଟ୍ ପରେ ହିମାଚଳ ପ୍ରଦେଶ କ୍ରିକେଟ ଷ୍ଟାଡିୟମ।

ଧର୍ମାଶାଳା,୮।୫

ଚଳିତ ଆଇପିଏଲ୍‌ରେ ଗୁରୁବାର ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ଓ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ମଧ୍ୟରେ ଖେଳାଯାଉଥିବା ମ୍ୟାଚ୍‌କୁ ସୁରକ୍ଷାଗତ କାରଣରୁ ଅଧାରୁ ବାତିଲ କରି ଦିଆଯାଇଛି। ବର୍ଷା ଯୋଗୁ ୧ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ମ୍ୟାଚ୍‌ରେ ମାତ୍ର ୧୦.୧ ଓଭର ପର୍ଯ୍ୟନ୍ତ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ମ୍ୟାଚ୍ ବାଧାପ୍ରାପ୍ତ ହେଲା ବେଳକୁ ୧ ଉଇକେଟ ହରାଇ ୧୨୨ ରନ କରିଥିଲା। ପ୍ରଥମେ ଫ୍ଲଡ ଲାଇଟ୍‌ରେ ଅସୁବିଧା ଥିବା ଦର୍ଶାଇ ମ୍ୟାଚ୍‌କୁ ବନ୍ଦ କରାଯାଇଥିଲା। ପରେ ଷ୍ଟାଡିୟମର ବଳକା ଥିବା ସମସ୍ତ ଫ୍ଲଡ ଲାଇଟ୍‌କୁ ବନ୍ଦ କରାଯାଇଥିଲା। ପାକିସ୍ତାନ ପକ୍ଷରୁ ଏୟାର ଷ୍ଟ୍ରାଇକ୍ ଯୋଗୁ ହିମାଚଳ ପ୍ରଦେଶ କ୍ରିକେଟ ଷ୍ଟାଡିୟମକୁ ଖାଲି କରିବାକୁ ଆଇପିଏଲ୍ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିଲେ।

ଟସ୍ ଜିତି ପଞ୍ଜାବ ଅଧିନାୟକ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତିକୁ ଦୁଇ ଓପନର ପ୍ରିୟାଂଶ ଆର୍ଯ୍ୟ ଓ ପ୍ରଭସିମରନ ସିଂ ସଠିକ ପ୍ରମାଣ କରିବା ସହ ପଞ୍ଜାବକୁ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ପ୍ରଥମ ଉଇକେଟ ପାଇଁ ୧୨୨ ରନ ଯୋଡ଼ିଥିଲେ। ପ୍ରିୟାଂଶ ଆର୍ଯ୍ୟ ୩୪ ବଲରେ ୫ ଚୌକା ଓ ୬ ଛକା ସହିତ ୭୦ ରନ କରି ଆଉଟ୍ ହୋଇଥିବା ବେଳେ ପ୍ରଭସିମରନ ସିଂ ୨୮ ବଲରେ ୭ ଚୌକା ସହିତ ୫୦ ରନ କରି ଅପରାଜିତ ରହିଥିଲେ। ଦିଲ୍ଲୀ ପକ୍ଷରୁ ଟି ନଟରାଜନ ଏକମାତ୍ର ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୧୦.୧ ଓଭରରେ ୧୨୨/୧ (ପ୍ରିୟାଂଶ ଆର୍ଯ୍ୟ–୭୦, ପ୍ରଭସିମରନ ସିଂ–୫୦*, ଟି ନଟରାଜନ–୧/୪)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୧ | ୮ | ୩ | ୦ | ୧୬ | +୦.୭୯୩ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୬ | ୪ | ୧ | ୧୩ | +୦.୩୬୨ |
| କୋଲକାତା ନାଇଟ ରାଇଡର୍ସ | ୧୨ | ୫ | ୬ | ୧ | ୧୧ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | –୦.୪୬୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୩ | ୭ | ୧ | ୭ | –୧.୧୯୨ |
| ରାଜସ୍ଥାନ ରୟାଲ୍ସ | ୧୨ | ୩ | ୯ | ୦ | ୬ | –୦.୭୧୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୩ | ୯ | ୦ | ୬ | –୦.୯୯୨ |

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
ଲକ୍ଷ୍ନୌ ବନାମ ବେଙ୍ଗାଲୁରୁ
ସ୍ଥାନ: ଲକ୍ଷ୍ନୌ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ନୀତିଶ ରାଣାଙ୍କ ସ୍ଥାନରେ ପ୍ରିଟୋରିଅସ୍

ନୂଆଦିଲ୍ଲୀ, ୮।୫ (ପି.ଟି.)

ଇଣ୍ଡିଆ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅବଶିଷ୍ଟ ମ୍ୟାଚ ପାଇଁ ରାଜସ୍ଥାନ ରୟାଲ୍ସ ଆଘାତପ୍ରାପ୍ତ ନୀତିଶ ରାଣାଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକାର ଯୁବ ଉଇକେଟକିପର ଲୁଆନ–ଡ୍ରେ ପ୍ରିଟୋରିଅସଙ୍କୁ ଦଳରେ ସାମିଲ କରିଛି। ୧୯ବର୍ଷୀୟ ଏହି ଖେଳାଳି ଏପର୍ଯ୍ୟନ୍ତ ସୁଦ୍ଧା ୩୩ ଟି୨୦ ମ୍ୟାଚ ଖେଳିଛନ୍ତି। ତାଙ୍କର ସର୍ବୋଚ୍ଚ ସ୍କୋର ୯୭ ରନ ରହିଛି, ଯାହାକି ସାଉଥ ଆଫ୍ରିକା ୨୦ ଫ୍ରାଞ୍ଚାଇଜ ପାର୍ଲ ରୟାଲ୍ସ ତରଫରୁ ସେ ତାଙ୍କ ପଦାର୍ପଣ ମ୍ୟାଚରେ ସଂଗ୍ରହ କରିଛନ୍ତି। ସାଉଥ ଆଫ୍ରିକା୨୦ରେ ପାର୍ଲ ଫ୍ରାଞ୍ଚାଇଜ୍‌ର ମାଲିକ ହେଉଛି ରାଜସ୍ଥାନ ରୟାଲ୍ସ। ପ୍ରିଟୋରିଅସ ୩୦ ଲକ୍ଷ ଟଙ୍କା ବେସ୍ ପ୍ରାଇସ୍‌ରେ ରାଜସ୍ଥାନ ରୟାଲ୍ସରେ ଯୋଗଦେବେ ବୋଲି ଆଇପିଏଲ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ନୀତିଶ ଚଳିତ ଆଇପିଏଲ୍‌ରେ ୧୬୧.୯୪ ହାରରେ ମୋଟ ୨୧୭ ରନ ସଂଗ୍ରହ କରିଛନ୍ତି। ତାଙ୍କ ସର୍ବୋଚ୍ଚ ସ୍କୋର ହେଉଛି ୮୧ରନ। ରାଜସ୍ଥାନ ରୟାଲ୍ସ ପ୍ଲେ–ଅଫ୍ ରେସ୍‌ରୁ ବାଦ୍ ପଡ଼ି ସାରିଛି। ଦଳ ଏହାର ଅବଶିଷ୍ଟ ଦୁଇ ମ୍ୟାଚ ଚେନ୍ନାଇ ସୁପର କିଙ୍ଗ୍ସ ଓ ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ଖେଳିବ।




ପାଟନାଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ୨୦୨୫ରେ ପୁରୁଷ ଭଲିବଲ ଇଭେଣ୍ଟର ସ୍ୱର୍ଣ୍ଣ ପଦକ ବିଜେତା ଜମ୍ମୁ କଶ୍ମୀର ଦଳର ଖେଳାଳିମାନେ।

## ଆୟୂଷ, ଉନ୍ନତି କ୍ୱାର୍ଟରରେ

ତାଇପେ, ୮।୫ (ପି.ଟି.): ଭାରତର ଯୁବ ବ୍ୟାଡ୍‌ମିଣ୍ଟନ ଖେଳାଳି ଆୟୂଷ ଶେଟ୍ଟି ଓ ଉନ୍ନତି ହୁଡା ଏଠାରେ ଚାଲିଥିବା ତାଇପେ ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଯଥାକ୍ରମେ ପୁରୁଷ ଓ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୨୦ ବର୍ଷୀୟ ଆୟୂଷ ହେଉଛନ୍ତି ଜଣେ ୨୦୨୩ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା। ସେ ଏକ ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ କିଡାମ୍ବି ଶ୍ରୀକାନ୍ତଙ୍କୁ ୨୧–୧୬, ୧୫–୨୧, ୨୧–୧୭ରେ ହରାଇ ଦେଇଛନ୍ତି। ଶ୍ରୀକାନ୍ତ ହେଉଛନ୍ତି ଜଣେ ପୂର୍ବତନ ବିଶ୍ୱର ନମ୍ବର ୱାନ ଏବଂ ୨୦୨୧ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା। ବର୍ତ୍ତମାନ ସେ ବିଶ୍ୱ ର୍‍ୟାଙ୍କିଙ୍ଗର ୮୨ତମ ସ୍ଥାନରେ ଅଛନ୍ତି। ଆୟୂଷ ହେଉଛନ୍ତି ଭାରତର ଜଣେ ଅନ୍ୟତମ ଉଦୀୟମାନ ଖେଳାଳି। ପୂର୍ବ ରାଉଣ୍ଡରେ ଅଲ୍ ଇଂଲଣ୍ଡ ଏବଂ ଚାମ୍ପିୟନଶିପ୍ ରନର ଅପ୍ ଲି ଚିଆ ହାଓଙ୍କ ବିପକ୍ଷରେ ସେ ଚମକ ଦେଖାଇଥିଲେ।

# ୨୦୨୭ ଦିନିକିଆ ବିଶ୍ୱକପ୍ ଜିତିବା ରୋହିତଙ୍କ ଲକ୍ଷ୍ୟ

ନୂଆଦିଲ୍ଲୀ,୮।୫(ପି.ଟି.)



ରୋହିତ ଶର୍ମା ତାଙ୍କ ଟେଷ୍ଟ କ୍ୟାରିୟର ଶେଷ କରିଛନ୍ତି। କିନ୍ତୁ ଭାରତୀୟ କ୍ରିକେଟ ସହିତ ତାଙ୍କର ଅଭିଯାନ ଶେଷ ହୋଇନାହିଁ। ଏହା ତାଙ୍କ ଜାଜ୍ୱଲ୍ୟମାନ କ୍ୟାରିୟରର ଅନ୍ତିମ ଚାପ୍ଟର ହେବ। ଏହି ଭେଟେରାନ ବ୍ୟାଟର ଏବେ କେବଳ ୫୦ ଓଭର ଫର୍ମାଟ ଓ ଦେଶକୁ ୨୦୨୭ ଦିନିକିଆ ବିଶ୍ୱକପ୍ ଜିତାଇବା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବେ ବୋଲି ରୋହିତଙ୍କ ପିଲାଦିନର କୋଚ୍ ଦୀନେଶ ଲାଡ କହିଛନ୍ତି। ରୋହିତ ନେତୃତ୍ୱରେ ଭାରତୀୟ ଦଳ ଗତ ବର୍ଷ ଟି୨୦ ବିଶ୍ୱକପ୍ ଜିତିଥିବା ବେଳେ ନିକଟରେ ଚାମ୍ପିୟନ୍ସ ଟ୍ରଫି ଜିତିଥିଲା। ଲାଡ୍‌ଙ୍କ ମତରେ ରୋହିତ ଦିନିକିଆ ବିଶ୍ୱକପ୍ ଜିତିବା ସହ କ୍ରିକେଟରୁ ବିଦାୟ ନେବେ।

ରୋହିତଙ୍କ ଲକ୍ଷ୍ୟ ହେଉଛି ୨୦୨୭ ଦିନିକିଆ ବିଶ୍ୱକପ୍। ତା' ପରେ ସେ କ୍ରିକେଟରୁ ଅବସର ନେବେ। ତାଙ୍କର ଟାର୍ଗେଟ ଥିଲା ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍। ହେଲେ ଦୁର୍ଭାଗ୍ୟବଶତଃ, ଆମେ କ୍ୱାଲିଫାଏ କରିପାରିଲୁ ନାହିଁ। ବର୍ତ୍ତମାନ ୨୦୨୭ ବିଶ୍ୱକପ୍ ଜିତିବା ତାଙ୍କର ଏକମାତ୍ର ଲକ୍ଷ୍ୟ। ମୁଁ ବି ଚାହେଁ ୨୦୨୭ ବିଶ୍ୱକପ୍ ଜିତିବା ପରେ ସେ ଅବସର ନିଅନ୍ତୁ ବୋଲି ଲାଡ୍ କହିଛନ୍ତି। ଏତଦ୍ ବ୍ୟତୀତ ଟେଷ୍ଟରୁ ରୋହିତଙ୍କ ଅବସର ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ରୋହିତ ତରତର ହୋଇ ଟେଷ୍ଟରୁ ଅବସର ନିଷ୍ପତ୍ତି ନେଇ ନାହାନ୍ତି। ସେ ଟି୨୦ ବିଶ୍ୱକପ୍ ଜିତିବା ପରେ ଛୋଟ ଫର୍ମାଟରେ ଖେଳିବାକୁ ଚାହୁଁ ନ ଥିଲେ। ବଳକା ଦୁଇ ଫର୍ମାଟରେ ଖେଳିବା ତାଙ୍କ ନିଷ୍ପତ୍ତି ଥିଲା। ତାଙ୍କ ପାଇଁ କ'ଣ ଭଲ, ତାହା ତାଙ୍କୁ ଭଲ ଭାବେ ଜଣା। ୨୦୨୭ ଦିନିକିଆ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମ୍ବିଆରେ ଅକ୍ଟୋବର ଓ ନଭେମ୍ବରରେ ହେବ।

### ନିଷ୍ପତ୍ତି ପଛରେ ବିସିସିଆଇର ଭୂମିକା ନାହିଁ: ଶୁକ୍ଳା

ନୂଆଦିଲ୍ଲୀ,୮।୫(ପି.ଟି.): ଟେଷ୍ଟ କ୍ରିକେଟରୁ ଅବସର ନେବା ରୋହିତ ଶର୍ମାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି ଥିଲା ଏବଂ ତାଙ୍କ ଉପରେ ଅବସର ଲାଗି ବିସିସିଆଇ ପକ୍ଷରୁ କୌଣସି ଚାପ ପକା ଯାଇ ନ ଥିଲା। ବିସିସିଆଇର ଉପସଭାପତି ରାଜୀବ ଶୁକ୍ଳା ଗୁରୁବାର ଏହା କହିଛନ୍ତି। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଜୁନ ୨୦ ତାରିଖରୁ ଆରମ୍ଭ ହେବାକୁ ଥିବା ବେଳେ ରୋହିତ ବୁଧବାର ଲମ୍ବା ଫର୍ମାଟରୁ ଅବସର ଘୋଷଣା କରିଛନ୍ତି।

ଟେଷ୍ଟ କ୍ରିକେଟରୁ ଅବସର ନେବା ରୋହିତଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ଆମ ନୀତି ରହିଆସିଛି ଯେ, ଯେଉଁ ଖେଳାଳିମାନେ ଅବସର ନିଷ୍ପତ୍ତି ନିଅନ୍ତି, ଆମେ ସେମାନଙ୍କ ଉପରେ ଚାପ ପକାଉ ନାହିଁ କିମ୍ବା କିଛି ପରାମର୍ଶ ଦେଉ ନାହିଁ ନା କିଛି କହୁ ନାହିଁ ବୋଲି ଶୁକ୍ଳା କହିଛନ୍ତି।

**ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ**

## ଫୁଟବଲ ସେମିରେ ଓଡ଼ିଶା

ଭୁବନେଶ୍ୱର, ୮।୫ (ତପନ ସ୍ୱାଇଁ): ବିହାରରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ବାଳକ ଫୁଟବଲ ସେମିଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୨–୧ ଗୋଲରେ ମେଘାଳୟକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ରୋନିକ ମାଝି ୧୩ ଓ ୪୭ତମ ମିନିଟରେ ୨ଟି ଯାକ ଗୋଲ ସ୍କୋର କରିଥିଲେ। ବାଳକ ହକିରେ ଓଡ଼ିଶା ୨–୦ ଗୋଲରେ ଆୟୋଜକ ବିହାରକୁ ପରାସ୍ତ କରିଛି। ସେହିପରି ଓଡ଼ିଶା ବାଳିକା ଓ ବାଳକ ରଗ୍‌ବୀ ଦଳ ମହାରାଷ୍ଟ୍ର ବାଳିକା ଓ ବାଳକ ଦଳକୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛି।

## ମୁମ୍ବାଇ–ପଞ୍ଜାବ ମ୍ୟାଚ୍ ଅହମଦାବାଦରେ ଖେଳାଯିବ

ନୂଆଦିଲ୍ଲୀ,୮।୫(ପି.ଟି.):୧୧ ତାରିଖରେ ଧର୍ମଶାଳାରେ ପଞ୍ଜାବ କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌କୁ ଅହମଦାବାଦ୍‌କୁ ସ୍ଥାନାନ୍ତର କରାଯାଇଛି। ପାକିସ୍ତାନରେ ଆତଙ୍କବାଦ ସହ ଜଡ଼ିତ ବିଭିନ୍ନ କୋଠାକୁ ଅପରେଶନ ସିନ୍ଦୂର ଦ୍ୱାରା ଭାରତ ଧ୍ୱଂସ କରିବା ପରେ ହିମାଚଳ ପ୍ରଦେଶର ବିମାନବନ୍ଦର ବନ୍ଦ କରିଦିଆଯାଇଛି। ଏହି କାରଣରୁ ମ୍ୟାଚ୍‌କୁ ଅହମଦାବାଦ୍‌କୁ ସ୍ଥାନାନ୍ତର କରାଯାଇଛି। ଗୁଜରାଟ କ୍ରିକେଟ ଆସୋସିଏଶନ (ଜିସିଏ) ସମ୍ପାଦକ ଅନିଲ ପଟେଲ ଏହା ସ୍ପଷ୍ଟ କରିଛନ୍ତି। ପୂର୍ବରୁ ଏହି ମ୍ୟାଚ୍‌କୁ ମୁମ୍ବାଇକୁ ସ୍ଥାନାନ୍ତର କରାଯିବ ବୋଲି ରିପୋର୍ଟ ଆସିଥିଲା। 'ବିସିସିଆଇ ପକ୍ଷରୁ ଆମକୁ ଅନୁରୋଧ କରାଯାଇଥିଲା ଏବଂ ଆମେ ତାହାକୁ ଗ୍ରହଣ କରିଛୁ।

# ଜଗତ ଜ୍ୟୋତିଙ୍କୁ ପ୍ରଥମ ଟାଇଟଲ

**୧୬ ବର୍ଷରୁ କମ୍ ସିଏସ୭ ଟେନିସ**

ଭୁବନେଶ୍ୱର, ୮।୫ (ତପନ ସ୍ୱାଇଁ)



ଜଗତ ଜ୍ୟୋତି ପତି

ଦିଲ୍ଲୀରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ସିଏସ୭ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଜଗତ ଜ୍ୟୋତି ପତି କ୍ୟାରିୟରର ପ୍ରଥମ ଟାଇଟଲ ଜିତିଛନ୍ତି। ଦିଲ୍ଲୀର ତନିଶ ବିଦ୍ୱାଲ ଓ ଜଗତ ଜ୍ୟୋତି ଡବଲ୍ସ ଫାଇନାଲରେ ଦିଲ୍ଲୀ ଯୋଡ଼ି ଅଭୟ ନୈନ ଓ ପ୍ରଫୁଲ ପ୍ରସାଦଙ୍କୁ ୯–୭ରେ ପରାସ୍ତ କରିଛନ୍ତି। ସିଙ୍ଗଲ୍ସର କ୍ୱାର୍ଟର ଫାଇନାଲରେ ସେ ନିଜ ଡବଲ୍ସ ପାର୍ଟନର ତନିଶଙ୍କଠାରୁ ୬–୪, ୪–୬, ୭–୧୦ରେ ପରାସ୍ତ ହୋଇଥିଲେ। ୧୬ ବର୍ଷରୁ କମ୍ ବର୍ଗରେ ୨୮୦ ର୍‍ୟାଙ୍କ୍‌ରେ ଥିବା ଜଗତ ପ୍ରଥମଥରପାଇଁ ଟାଇଟଲ ଜିତିଥିବାରୁ ସ୍ୱାଭାବିକ ଭାବେ ଖୁସି ଜାହିର କରିଛନ୍ତି। କଟକ ସିଡିଏ ସେକ୍ଟର୬ ଡିଏଭି ସ୍କୁଲ୍‌ରେ ସେ ୧୦ମ ଷ୍ଟାଣ୍ଡାର୍ଡରେ ଅଧ୍ୟୟନ କରୁଛନ୍ତି। ନିଜର ଏହି ସଫଳତା ପାଇଁ ଜଗତ ମା' ରେଣୁବାଳା ତ୍ରିପାଠୀ, ବାପା ବିରଞ୍ଚି ନାରାୟଣ ପତି ଓ କୋଚ୍ ସନ୍ତୋଷ କୁମାର ମଲିକଙ୍କୁ ଶ୍ରେୟ ଦେଇଛନ୍ତି। ଉଭୟ ରେଣୁବାଳା ଓ ବିରଞ୍ଚି ଓଡ଼ିଶା ପୋଲିସରେ ଡେପୁଟି ସୁପରିଟେଣ୍ଡେଣ୍ଟଭାବେ କାର୍ଯ୍ୟରତ।



ସଚିନ ତେନ୍ଦୁଲକରଙ୍କ ରୁମ୍ ଉଦ୍‌ଘାଟନ ଅବସରରେ ତାଙ୍କ ସହ ଉପସ୍ଥିତ ବିସିସିଆଇ କର୍ମକର୍ତ୍ତା।

# ସଚିନ, ଗାଭାସ୍କରଙ୍କୁ ସ୍ୱତନ୍ତ୍ର ସମ୍ମାନ

ମୁମ୍ବାଇ, ୮।୫

ଭାରତୀୟ କ୍ରିକେଟର ଦୁଇ ମହାନ୍ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ଓ ସୁନୀଲ ଗାଭାସ୍କରଙ୍କ ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଗୁରୁବାର ଆନୁଷ୍ଠାନିକ ଭାବେ ଏହାର ମୁଖ୍ୟ କାର୍ଯ୍ୟାଳୟରେ ଦୁଇଟି ରୁମ୍ ଉତ୍ସର୍ଗ କରାଯାଇଛି। ଏଥିଲାଗି ବିସିସିଆଇ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଥିବା ବିସିସିଆଇ ଉପ–ସଭାପତି ରାଜୀବ ଶୁକ୍ଳା କହିଛନ୍ତି , ସଚିନ ଓ ସୁନୀଲଙ୍କୁ ଉତ୍ସର୍ଗ କରାଯାଇଥିବା ରୁମ୍‌ର ଉଦ୍‌ଘାଟନୀ କାର୍ଯ୍ୟକ୍ରମର ଅଂଶ ହୋଇଥିବାରୁ ବହୁତ ଖୁସି। ଏହା ଭାରତୀୟ କ୍ରିକେଟର ଦୁଇ ଆଇକନଙ୍କ ଲାଗି ଏକ ସମ୍ମାନ। ଦୁହିଁଙ୍କ ଲିଗାସି ପରବର୍ତ୍ତୀ ପିଢ଼ିମାନଙ୍କୁ ପ୍ରେରଣା ଯୋଗାଇବ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ